R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬
ତିଥି : ତୃତୀୟା
୧୭ ଅକ୍ଟୋବର ୨୦୨୩, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

27th ANNIVERSARY

Bhubaneswar | Balasore | Angul | Berhampur | Sambalpur Jeypore

DSPL-289

5T

ଓଡ଼ିଶା ସରକାର

## ଆମ ଓଡ଼ିଶା ନବୀନ ଓଡ଼ିଶା



**ମୟୂରଭଞ୍ଜ ଜିଲ୍ଲା**

ବଡ଼ସାହି • ବାଙ୍ଗିରିପୋଷି • ବାରିପଦା
ମୋରଡା ଏବଂ ଉଦଳା
ନିର୍ବାଚନ ମଣ୍ଡଳୀରେ
୧୧୧ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୮୧ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

**ବରଗଡ଼ ଜିଲ୍ଲା**

୧୨୬ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୧୩୫ଟି
ବିଭିନ୍ନ ଉନ୍ନୟନମୂଳକ
ପ୍ରକଳ୍ପ

**ଦେବଗଡ଼ ଜିଲ୍ଲା**

୩୫ କୋଟି ଟଙ୍କା
ବ୍ୟୟରେ
୯୯୧ଟି
ବିଭିନ୍ନ ଉନ୍ନୟନମୂଳକ
ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୧୭ ଅକ୍ଟୋବର ୨୦୨୩

ପ୍ରତି ଗାଁ ହେବ
ସଶକ୍ତ ଓଡ଼ିଶାର ପ୍ରତିଛବି

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR: 19001/13/0029/2324



# ଆକ୍ସନ୍ ମୋଡ୍‌ରେ କ୍ରିତି



କ୍ରିତି ସନନ୍ ବର୍ତ୍ତମାନ ନିଜର ଅପକମିଂ ଫିଲ୍ମ ଗଣପତ ପାଇଁ ଚର୍ଚ୍ଚାରେ ଅଛନ୍ତି । ଏଥିରେ କ୍ରିତିଙ୍କର ଏକ ହଟକେ ଅବତାର ଦେଖିବାକୁ ମିଳିବ । ଏଥିରେ କ୍ରିତିଙ୍କୁ ଆକ୍ସନ୍ କରୁଥିବାର ଦେଖିବାକୁ ମିଳିବ । ଅଭିନେତ୍ରୀ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି । ଯେଉଥିରେ ତାଙ୍କୁ କିକ୍‌ବକ୍ସିଂ ଅଭ୍ୟାସ କରୁଥିବାର ଦେଖିବାକୁ ମିଳୁଛି । ଭିଡିଓଟି ବେଶ୍ ଭାଇରାଲ ହେବାରେ ଲାଗିଛି, ଫ୍ୟାନମାନେ ଏହି ଭିଡିଓଟିକୁ ବେଶ୍ ପସନ୍ଦ କରୁଛନ୍ତି । ଫିଲ୍ମପାଇଁ କ୍ରିତିଙ୍କର ଡେଡିକେସନକୁ ସେମାନେ ପ୍ରଶଂସା କରିବାରେ ଲାଗିଛନ୍ତି । ସେହିଭଳି ପ୍ରଥମଥର ପାଇଁ ପରଦାରେ କ୍ରିତିଙ୍କୁ ଆକ୍ସନ କରୁଥିବାର ଦର୍ଶକ ଦେଖିବେ, ଯାହାକୁ ନେଇ କ୍ରିତି ମଧ୍ୟ ବେଶ୍ ଏକ୍ସାଇଟେଡ୍ ଅଛନ୍ତି । ଏଥିରେ କ୍ରିତିଙ୍କ ସହିତ ଟାଇଗର ସ୍କ୍ରିନ ସେୟାର କରିବେ । ଏଥିରେ ଟାଇଗର ଡବଲ ରୋଲରେ ନଜର ଆସିବେ । ଟାଇଗର ଆକ୍ସନ ହିରୋ ହୋଇଥିବାବେଳେ ତାଙ୍କ ସହିତ କ୍ରିତିଙ୍କର ଆକ୍ସନ ଦର୍ଶକଙ୍କୁ ଡବଲ ମଜା ଦେବ ବୋଲି ମେକର୍ସ ଆଶା ରଖିଛନ୍ତି ।

# ଏଲିଅନ୍ ଭଳି ଜୀବ

ଅଷ୍ଟ୍ରେଲିଆରେ ଏକ ଆଶ୍ଚର୍ଯ୍ୟଜନକ ସାମୁଦ୍ରିକ ଜୀବର ସନ୍ଧାନ ମିଳିଛି । ଦେଖିବା ପାଇଁ ଏହି ଜୀବଟି ସମ୍ପୂର୍ଣ୍ଣ ରୂପେ ଏଲିଅନ୍ ଭଳି ହୋଇଥିବାରୁ ଏହାକୁ ଏଲିଅନ୍ ଜୀବ ବୋଲି କୁହାଯାଉଛି । ଅଷ୍ଟ୍ରେଲିଆର ଡାର୍ବିନ୍ ସହର ନିକଟରେ ଥିବା ଦଣ୍ଡି ବିଚ୍‌ରୁ ଏହି ରହସ୍ୟମୟ ଜୀବକୁ ଉଦ୍ଧାର କରାଯାଇଛି । ଏହି ଜୀବ ଗୋଲାକାର ଆକୃତିର ହୋଇଥିବାବେଳେ ଏହାର ଚାରିପଟେ ନୀଳ ରଙ୍ଗର କେଶ ଭଳି ଅନେକଗୁଡ଼ିଏ ସୂତା ରହିଛି । ଏହା ଦେଖିବାକୁ ଗୋଲ ହୋଇଥିବାରୁ ଏହାକୁ ଡିସ୍କୋ ବଲ୍ ସହିତ ତୁଳନା କରାଯାଉଛି । ସ୍ଥାନୀୟ ଜଣେ ବ୍ୟକ୍ତି ଏହି ବିଚ୍‌ରେ ବୁଲୁଥିବା ସମୟରେ ତାଙ୍କ ନଜର ଏହି ଚମତ୍କାର ସାମୁଦ୍ରିକ ଜୀବ ଉପରେ ପଡ଼ିଲା । ପରେ ସେ ଏହି ଜୀବକୁ ଅନ୍ୟମାନଙ୍କୁ ଦେଖାଇବା ସହିତ ସୋସିଆଲ୍ ମିଡିଆରେ ମଧ୍ୟ ଏହାର ଏକ ଫଟୋ ପୋଷ୍ଟ କରିଛନ୍ତି । ତେବେ ଏହି ଜୀବ ପୋରପିତା ପୋରପିତା ହୋଇପାରେ ବୋଲି ଜଣାପଡ଼ିଛି । ଯାହାକୁ ବ୍ଲୁ ବଟମ୍ ନାଁରେ ଜଣାଯାଏ । ଏହି ଜୀବର ଶରୀରରେ ଲାଗିଥିବା ସୂତା ଆକୃତିର ଷ୍ଟିଙ୍ଗ୍‌ଗୁଡ଼ିକ ମଣିଷମାନଙ୍କ ପାଇଁ ବିପଦ ନୁହେଁ, ହେଲେ ଏହା କୁକୁର ପାଇଁ ବିଶେଷ ମାରାତ୍ମକ ହୋଇପାରେ ବୋଲି କୁହାଯାଇଛି ।



# ବିଞ୍ଜ୍ ଇଟିଂ ଡିଜ୍‌ଅର୍ଡର

ଏହା ଏକ ଏପରି ଇଟିଂ ଡିଜ୍‌ଅର୍ଡର ଯେଉଁ କାରଣରୁ ଅନେକ ପ୍ରକାର ସମସ୍ୟା ଦେଖାଦେଇଥାଏ । ଏହି ସମସ୍ୟା ହେଲେ ରୋଗୀମାନେ ଖୁବ କମ ସମୟରେ ବହୁତ ଅଧିକ ଖାଦ୍ୟ ଖାଇଥାଆନ୍ତି । ସେମାନେ ଭୋକରେ ନଥିଲେ ମଧ ଅତ୍ୟଧିକ ମାତ୍ରାରେ ଖାଦ୍ୟ ଖାଇଥାଆନ୍ତି, ଯାହା ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ବିଗାଡି ଥାଏ । ସେମାନେ ଖାଇବା ସମୟରେ କୌଣସି ଅନ୍ୟକଥାକୁ ଧ୍ୟାନ ଦିଅନ୍ତି ନାହିଁ । ତେବେ ଏହି ସମସ୍ୟାକୁ ଚିହ୍ନିବା କଷ୍ଟ ହୋଇଥାଏ । ଏହାର ଲକ୍ଷଣ ଖାଦ୍ୟ ସମ୍ବନ୍ଧୀୟ ହୋଇଥିବାରୁ ଜଣା ପଡି ନଥାଏ । ତେବେ କେତେକ ଅଭ୍ୟାସକୁ ଧ୍ୟାନର ସହ ଦେଖିଲେ ଏହି ରୋଗ ବିଷୟରେ ଜଣା ପଡିଥାଏ । ଏହି ସମସ୍ୟାରେ ପୀଡିତମାନେ ଅସାଧାରଣ ଭାବେ ଖାଦ୍ୟ ଖାଇଥାଆନ୍ତି । ଯେତେ ପର୍ଯ୍ୟନ୍ତ ପେଟ ସମ୍ପୁର୍ଣ୍ଣ ଭାବେ ଭର୍ତ୍ତି ନହୋଇଛି, ସେତେ ପର୍ଯ୍ୟନ୍ତ ଖାଇବା ଛାଡନ୍ତି ନାହିଁ । ଭୋକ ନଲାଗିଲେ ବି ଖାଉଥାଆନ୍ତି । ଅତ୍ୟଧିକ ଖାଉଥିବାରୁ ଏକୁଟିଆ ଖାଇବାକୁ



ଆଗ୍ରହ ପ୍ରକାଶ କରନ୍ତି । ତେବେ ଏହାର ସଠିକ କାରଣ ଆଜି ପର୍ଯ୍ୟନ୍ତ ଜଣା ପଡିନାହିଁ । ଏହା କେତେକ କ୍ଷେତ୍ରରେ ଜେନେଟିକ୍ ହୋଇଥାଏ ବୋଲି ବୈଜ୍ଞାନିକ ମତ ପ୍ରକାଶ କରନ୍ତି । ସେହିଭଳି ଏହା ମହିଳାଙ୍କ କ୍ଷେତ୍ରରେ ଅଧିକ ଦେଖିବାକୁ ମିଳିଥାଏ । ଷ୍ଟ୍ରେସ, ମାନସିକ ଅବସାଦ କିମ୍ବା ଚିନ୍ତାରେ ରହୁଥିବା ଲୋକମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ବେଶି ଦେଖିବାକୁ ମିଳିଥାଏ । ଯଦି ଏପରି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ୨୯୭ ଲୋକ ଥିବା ଦେଶ

ବିଶ୍ୱରେ ଏଭଳି ଅନେକ ଜିନିଷ ରହିଛି, ଯାହା ବିଷୟରେ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ୍ କଥା । ଏପରି ସ୍ଥଳେ ବର୍ତ୍ତମାନ ସବୁଠୁ ଛୋଟ ଦେଶ ବିଷୟରେ ଜଣାପଡିଛି । ଯାହା ବିଷୟରେ ହୁଏତ କେହି ଅବଗତ ନଥିବେ । ସବୁଠୁ ଛୋଟ ଦେଶ ପ୍ରସଙ୍ଗରେ ସର୍ବପ୍ରଥମେ ସାନ୍ ମାରିନୋ ଏବଂ ଭେଟିକାନ୍ ସିଟି ଭଳି ଦେଶର ନାଁ ଆସିଥାଏ । ମାତ୍ର ଏବେ ଏହାଠାରୁ ବି ଅଧିକ ଛୋଟ ଦେଶ ବିଷୟରେ ଜଣାପଡିଛି, ଯାହା କେବଳ ୧୪ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ । ଏହି ଦେଶର ନାଁ ହେଉଛି ସେବୋର୍ଗା ଏବଂ ଏହା ଉତ୍ତରପଶ୍ଚିମ ଇଟାଲୀରେ ଅବସ୍ଥିତ । ଏହାର ଜନସଂଖ୍ୟା ତଥା ନୀତିନିୟମ ବିଷୟରେ ଜାଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ । ଏହି ଦେଶଟି ଛୋଟ ହୋଇଥିବା ସତ୍ତ୍ୱେ ଏଠାକୁ ବିନା ଭିସାରେ କୌଣସି ବାହାର ଲୋକଙ୍କ ପ୍ରବେଶ ଲାଗି ଅନୁମତି ନଥାଏ । ଏହା ପରିବର୍ତ୍ତେ ନିୟମ ମୁତାବକ ଭିସା ଓ ପାସପୋର୍ଟ ଦେଖାଇଲେ ହିଁ ଏଠାକୁ ଏଣ୍ଟ୍ରି ମିଳିଥାଏ । ଏହି ଗାଁର କ୍ଷେତ୍ରଫଳ ହେଉଛି ମାତ୍ର ୧୪ କିଲୋମିଟର ଏବଂ ଏଠାରେ ୩୨୦ ଜଣ ଲୋକ ବାସ କରନ୍ତି । ତଥାପି ଏହି ଗାଁର ସ୍ୱତନ୍ତ୍ର ପତାକା ଏବଂ ନିଜର ମୁଦ୍ରା ରହିଥିବାବେଳେ ଏହି ଦେଶର ଶାସନଭାର ଜଣେ ରାଜକୁମାରୀଙ୍କ ହାତରେ ନ୍ୟସ୍ତ ରହିଛି । ରିପୋର୍ଟ ମୁତାବକ, ଏହାର ଜନସଂଖ୍ୟା ସର୍ବନିମ୍ନ ହୋଇଥିବା ସତ୍ତ୍ୱେ ଗତ ୧୦୦୦ ବର୍ଷ ପୂର୍ବେ ଏହି ଦେଶକୁ ସ୍ୱାଧୀନ ମାଇକ୍ରୋନେସନ୍ ଭାବେ ମାନ୍ୟତା ମିଳିଥିଲା । ତେବେ ୧୭୧୯ ମସିହାରେ ସେବୋର୍ଗା ବିକ୍ରି ହୋଇଯାଇଥିଲା । ତଥାପି ଏହାର ମାଇକ୍ରୋନେସନ୍ ମାନ୍ୟତା ବଜାୟ ରହିଥିଲା । ୧୮୦୦ ମସିହାରେ ଇଟାଲୀର ଏକୀକରଣ ହେବା ପରେ ଲୋକେ କ୍ରମଶଃ ଏହି ଦେଶକୁ ଭୁଲିବାକୁ ଲାଗିଲେ । ମାତ୍ର ଏହାର ରାଜତନ୍ତ୍ର ଔପଚାରିକ ରୂପେ ସମାପ୍ତ ହୋଇନଥିବା ଜାଣିବା ପରେ ୧୯୬୦ରେ ସ୍ଥାନୀୟ ଜଣେ ବାସିନ୍ଦା ନିଜକୁ ପ୍ରିନ୍ସ ଜିଓର୍ଜିଓ ୧ ଘୋଷିତ କରିଦେଲେ । ଏହାର କିଛି ବର୍ଷ ମଧ୍ୟରେ ସେ ସେଠାକାର ସମ୍ବିଧାନ, ମୁଦ୍ରା, ଷ୍ଟାମ୍ପ, ନ୍ୟାସନାଲ୍ ହଲିଡେ ଆଦି ପ୍ରଣୟନ କଲେ । ସେହିପରି ବର୍ତ୍ତମାନ ସମୟରେ ସେବୋର୍ଗାର




ରାଜକୁମାରୀ ହେଉଛନ୍ତି ପ୍ରିନ୍ସେସ୍ ନୀନା, ଯାହାଙ୍କୁ ୨୦୧୯ରେ ଚୟନ କରାଯାଇଥିଲା । ବର୍ତ୍ତମାନ ଏହି ମାଇକ୍ରୋନେସନ୍‌ର ଜନସଂଖ୍ୟା ହେଉଛି ୨୯୭ ।

## ଇତିହାସ

୧୮୮୮- ବୈଜ୍ଞାନିକ ଥୋମାସ ଅଲଭା ଏଡିସନ୍ ଅପ୍ଟିକାଲ୍ ଫୋନୋଗ୍ରାଫ୍‌ର ପେଟେଣ୍ଟ ପାଇଁ ଆବେଦନ କଲେ ।

୧୮୯୨- ରାଜନୀତି ତଥା ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର୍.କେ. ଶନମୁଖମ୍ ଚେଟିଙ୍କ ଜନ୍ମ ।

୧୯୧୭- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍ ପ୍ରଥମ ଥର ପାଇଁ ଜର୍ମାନୀ ଉପରେ ଏୟାର୍ ଷ୍ଟ୍ରାଇକ୍ କଲା ।

୧୯୨୯- ଓଡ଼ିଶାର ସୁପ୍ରସିଦ୍ଧ କଥାକାର ତଥା ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ।

୧୯୩୩- ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ନାଜୀ ଜର୍ମାନୀରୁ ଆମେରିକା ଗଲେ ।

୧୯୭୯- ଶାନ୍ତି ପାଇଁ ମଦର ଟେରେସାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯- ଭାରତ ମହାସାଗରସ୍ଥିତ ମାଳଦ୍ୱୀପରେ ପାଣି ଭିତରେ ବିଶ୍ୱର ପ୍ରଥମ କ୍ୟାବିନେଟ୍ ବୈଠକ ଆୟୋଜନ କରାଯାଇ ସମସ୍ତ ରାଷ୍ଟ୍ରକୁ ଗ୍ଲୋବାଲ ୱାର୍ମିଂ ବିପଦ ସମ୍ବନ୍ଧରେ ଚେତାବନୀ ଦିଆଗଲା ।

## ସୋସିଆଲ କୋଟ୍ସ



ଅପନେ ୨ ଫିଲ୍ମ ପାଇଁ ଭଲ ସ୍କ୍ରିପ୍ଟ ନ ମିଳିବାରୁ ଏହା ବିଳମ୍ବ ହେଉଛି । ଏଥର ଆମେ ତିନିଜଣ କେବଳ ହିଟ୍ ଦେବା ପାଇଁ ପରଦାକୁ ଆସିବାକୁ ନିଷ୍ପତ୍ତି ନେଇଛୁ, ତେଣୁ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି ।

**ବବି ଦେଓ୍ୱଲ, ଅଭିନେତା**



ଆମ ପିଲାଦିନ ଖୁବ ଉତ୍ସାହପୂର୍ଣ୍ଣ ଥିଲା । ଏହିଦିନେ ଆମେ ଖୁବ ମଜା କରୁଥିଲୁ । ଅନେକ ଥର କ୍ରିକେଟ ଖେଳିବା ସମୟରେ ମୋ ସାଙ୍ଗମାନେ ଆହତ ହୋଇଛନ୍ତି । ଆଜିକାଲିର ପିଲା ସେ ସବୁକୁ ମିସ୍ କରୁଛନ୍ତି ।

**ସନି ଦେଓ୍ୱଲ, ଅଭିନେତା**



ବାପାଙ୍କ ସହିତ ମୋର ବଣ୍ଡିଂ ବେଶ୍ ଭଲ । ସେ ଖେଳକୁ ସବୁବେଳେ ଗୁରୁତ୍ୱ ଦେଇଥାଆନ୍ତି । ମୁଁ ତାଙ୍କ ସହ ଅନେକଥର ଭଲି ବଲ୍ ଖେଳିଛି, ଯାହା ମୋତେ ବେଶ୍ ଭଲଲାଗିଥାଏ ।

**ରାଜବୀର ଦେଓ୍ୱଲ, ଅଭିନେତା**

## ହାଃ ହାଃ

ଭାଲେଣ୍ଟାଇନ୍ ୱିକ୍‌ରେ ଟିଙ୍କୁ ମଦ ପିଇ କାନ୍ଦିଲା ପରେ...

ମିଙ୍କୁ- ଆରେ ଟିଙ୍କୁ, କାହିଁକି କାନ୍ଦୁଛୁ ?

ଟିଙ୍କୁ- ୟାର୍ ! ମୁଁ ଯୋଉ ଝିଅକୁ ଭୁଲିବା ପାଇଁ ପିଉଛି, ତା ନାଁ ଏବେ ମନେ ପଡୁନାହିଁ ।



# ଫ୍ଲୋଟିଂ ଗୋଲ୍ଡ



ସ୍କଟ୍‌ଲ୍ୟାଣ୍ଡର ଜଣେ ମତ୍ସ୍ୟଜୀବୀଙ୍କୁ ଏକ ମୂଲ୍ୟବାନ ପଥର ମିଳିଛି । ଏହି ପଥରକୁ ଏମ୍ବରଗ୍ରୀସ କୁହାଯାଉଥିବାବେଳେ ଏହାକୁ ପାଇବା ପରେ ପାଟ୍ରିକ୍ ୱିଲିୟମ୍‌ସନ୍ ନାମକ ଏହି ମତ୍ସ୍ୟଜୀବୀ ମାଲାମାଲ ହୋଇଯାଇଛନ୍ତି । ସ୍ଥାନୀୟ ଆୟରସାୟର୍ ବିଚ୍‌ରେ ତାଙ୍କୁ ଏହି ମୂଲ୍ୟବାନ ପଥର ମିଳିଛି । ଏହାକୁ ଫ୍ଲୋଟିଙ୍ଗ୍ ଗୋଲ୍ଡ ବା ସମୁଦ୍ରର ଭଣ୍ଡାର ବୋଲି କୁହାଯାଏ । ସଦ୍ୟ ମିଳିଥିବା ଏହି ଏମ୍ବରଗ୍ରୀସ୍‌ର ଓଜନ ପ୍ରାୟ ୫.୫ ଆଉନ୍ସ ବା ୦.୩୪ ପାଉଣ୍ଡ୍ ହେବ ବୋଲି ଜଣାପଡିଛି । ତେବେ ଆପଣ ଭାବୁଥିବେ ଏହି ଏମ୍ବରଗ୍ରୀସ୍ କ'ଣ ଏବଂ ଏହା ଏତେ ମୂଲ୍ୟବାନ କାହିଁକି ? ଅସଲରେ ଏମ୍ବରଗ୍ରୀସ୍ ହେଉଛି ଏକ ସୁନା ମୁଣ୍ଡା, ଯାହା ତିମି ପେଟରେ ଥାଏ ଏବଂ ତିମି ବାନ୍ତି କରିବା ପରେ ଏହି ମୂଲ୍ୟବାନ ପଥର ବାହାରକୁ ବାହାରିଯାଏ । ନାଚୁରାଲ୍ ହିଷ୍ଟ୍ରି ମ୍ୟୁଜିଅମ୍ ୱେବ୍‌ସାଇଟ୍‌ର ତଥ୍ୟ ଅନୁସାରେ ଏମ୍ବରଗ୍ରୀସ୍‌କୁ ସମୁଦ୍ରର ଭଣ୍ଡାର ବୋଲି କୁହାଯାଏ । ତେବେ ସ୍ପର୍ମ ହ୍ୱେଲ୍ ନାମକ ଏକ ତିମି ସ୍କୁଇଡ୍ ଓ କଟଲ୍‌ଫିସ୍ ଭଳି ସାମୁଦ୍ରିକ ଜୀବକୁ ଖାଇଥାଏ । ଏହି ଜୀବର ଯେଉଁ ଅଂଶଗୁଡିକୁ ଏହି ସ୍ପର୍ମ ହ୍ୱେଲ୍ ହଜମ କରିପାରେ ନାହିଁ, ସେ ସେଗୁଡିକୁ ବାନ୍ତି କରିଦିଏ । କେତେକ ସ୍ଥଳରେ ଏହି ଅଂଶଗୁଡିକ ମଧ୍ୟ ତିମିର ଅନ୍ତନଳୀ ମଧ୍ୟରେ ଫଶିରହିଯାଏ ଏବଂ ବର୍ଷ ବର୍ଷ ଧରି ସେଠାରେ ଫଶି ରହିବା ପରେ ଏମ୍ବରଗ୍ରୀସ୍ ପ୍ରସ୍ତୁତ ହୋଇଥାଏ । ଏମ୍ବରଗ୍ରୀସ୍‌ର ବ୍ୟବହାର ବିଉଟି ଇଣ୍ଡଷ୍ଟ୍ରିରେ କରାଯାଏ । ହାଇ କ୍ୱାଲିଟିର ପରଫ୍ୟୁମ ପ୍ରସ୍ତୁତକାରୀ କମ୍ପାନୀ ଏମ୍ବରଗ୍ରୀସ୍‌ର ଉପଯୋଗ କରିଥାଆନ୍ତି । ଏହାର ଛୋଟିଆ ଖଣ୍ଡ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହୋଇଥାଏ । ଚଳିତବର୍ଷ ଆରମ୍ଭରେ କେନରୀ ଦ୍ୱୀପରେ ୨୧ ପାଉଣ୍ଡ୍ ଓଜନର ଏମ୍ବରଗ୍ରୀସ୍ ମିଳିଥିବାବେଳେ ଏହାର ମୂଲ୍ୟ ୫ ଲକ୍ଷ ଡଲାର ଥିଲା । ସେହିପରି ୨୦୨୧ରେ ୨୮୦ ପାଉଣ୍ଡର ଏମ୍ବରଗ୍ରୀସ୍ ମିଳିଥିଲା, ଯାହାର ମୂଲ୍ୟ ପ୍ରାୟ ୧.୫ ମିଲିୟନ୍ ଡଲାର ଥିଲା ବୋଲି ଉଲ୍ଲେଖ କରାଯାଇଛି ।

## ମନେପଡେ

## ଗୋଟିଏ ସିନ୍ ପାଇଁ ୨୨ ଥର ଚାପୁଡ଼ା !

ନିଜର ଅଭିନୟ ଓ ସୌନ୍ଦର୍ଯ୍ୟର ଯାଦୁରେ ବିଗତ ଅନେକ ଦଶନ୍ଧିଧରି ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି ବି ଟାଉନ୍‌ର ଡ୍ରିମ୍ ଗର୍ଲ ହେମା ମାଳିନୀ । ଆଜି ମଧ ତାଙ୍କର ଫିଲ୍ମ ଦେଖିବାକୁ ଯୁବପିଢି ପସନ୍ଦ କରୁଛନ୍ତି । ସବୁ ପିଢିରେ ତାଙ୍କର ଫ୍ୟାନ ରହିଛନ୍ତି, ଯିଏ ତାଙ୍କର ଖୁବ ପ୍ରଶଂସା କରନ୍ତି । ତେବେ ଏକ ସାକ୍ଷାତକାରରେ ନିଜର ପୁରୁଣା ସ୍ମୃତିକୁ ମନେ ପକାଇଛନ୍ତି ହେମା । ମାତ୍ର ୧୧ ବର୍ଷରୁ ପାଠ ପଢା ଛାଡି କ୍ଲାସିକାଲ ଡ୍ୟାନ୍ସର ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ନିଜର ପ୍ରତିଭା କାରଣରୁ ମାତ୍ର ୧୩ ବର୍ଷରେ ତାମିଲ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିଲେ । ତେବେ ଏହି ଫିଲ୍ମରୁ ତାଙ୍କୁ ବାହାର କରିଦିଆଯାଇଥିଲା । ଯେଉଁ ସୌନ୍ଦର୍ଯ୍ୟ ପାଇଁ ଆଜି ସେ ପରିଚିତ, ସେତେବେଳେ ତାହା ନାହିଁ ବୋଲି ତାଙ୍କୁ ଫିଲ୍ମରୁ କଢାଯାଇଥିଲା । ସେ କେବେ ବି ହିରୋଇନ୍ ହୋଇ ପାରିବେ ନାହିଁ ବୋଲି ଏହି ଫିଲ୍ମର ନିର୍ଦ୍ଦେଶକ ତାଙ୍କୁ କହିଥିଲେ । ତେବେ ଏହା ପରେ ୧୯୬୮ରେ 'ସପନୋ କି ସୌଦାଗର' ଫିଲ୍ମ ଜରିଆରେ ସେ ବି ଟାଉନ୍‌ରେ ଏଣ୍ଟ୍ରି କରିଥିଲେ । ଏହି ଫିଲ୍ମ ତାଙ୍କୁ ରାତାରାତି ଷ୍ଟାର କରିଥିଲା । ଫିଲ୍ମ 'ହମ୍ ତେରେ ଆସିକ୍' ଫିଲ୍ମରେ ହେମା ଅଭିନେତା ଅରବିନ୍ଦ ତ୍ରିବେଦୀଙ୍କ ସହିତ ଅଭିନୟ କରିଥିଲେ । ଏଥିରେ ଗୋଟିଏ ସିନ୍‌ରେ ଅରବିନ୍ଦଙ୍କୁ ତାଙ୍କୁ ଚାପୁଡା ମାରିବାର ଥିଲା । ହେଲେ ଏହି ସିନ୍ କରିବାକୁ ଅରବିନ୍ଦ ଏତେ ଡରିଥିଲେ କି ଏଥିପାଇଁ ତାଙ୍କୁ ୨୨ଥର ରିଟେକ୍ କରିବାକୁ ପଡିଥିଲା ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬
ତିଥି : ତୃତୀୟା
୧୭ ଅକ୍ଟୋବର ୨୦୨୩, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

27th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ପାଲେଷ୍ଟାଇନ୍ ରାଷ୍ଟ୍ରଦୂତଙ୍କୁ ଭେଟିଲେ ବିରୋଧୀ ସାଂସଦ

## ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ ପ୍ରସ୍ତାବ



ନୂଆଦିଲ୍ଲୀ, ୧୬।୧୦ : ବିରୋଧୀ ଦଳର ଅଧିକାଂଶ ସାଂସଦ ଆଜି ପାଲେଷ୍ଟାଇନ୍‌ର ରାଷ୍ଟ୍ରଦୂତ ଆଦାନ ମହମ୍ମଦ ଜାଭେଦ ଅବୁଲା ହାୟାଜାଙ୍କୁ ସାକ୍ଷାତ କରି ପାଲେଷ୍ଟାଇନ୍ ଲୋକଙ୍କ ପ୍ରତି ସେମାନଙ୍କ ଚିନ୍ତା ପ୍ରକଟ କରିଛନ୍ତି । ଯେଉଁଭଳି ଭାବନରେ ପାଲେଷ୍ଟାଇନ୍ ଲୋକମାନଙ୍କୁ ନିର୍ଦୟ ଭାବରେ ହତ୍ୟା କରାଯାଉଛି ଓ ଏଥିରେ ଶିଶୁମାନେ ବାଦ୍ ପଡୁନାହାନ୍ତି ଏହାକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗାଜାରେ ଇସ୍ରାଏଲ ସେନା ପକ୍ଷରୁ ଏଭଳି କରାଯାଉଛି । ସେମାନେ ଆନ୍ତର୍ଜାତୀୟ ସମୁଦାୟ ଏହି ମାମଲାରେ ହସ୍ତକ୍ଷେପ କରି ଯୁଦ୍ଧ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

ଏହି ପ୍ରତିନିଧି ଦଳରେ ସାଂସଦ କନୱାର ଡାନିସ୍ ଅଲ୍ଲି, ଆର୍‌ଜେଡିର ମନୋଜ ଝା, ଜେଡିୟୁ ନେତା କେସି ତ୍ୟାଗୀ, ସିପିଆଇଏମ୍‌ଏଲ୍‌ର ନେତା ଦିପଙ୍କର ଭଟ୍ଟାଚାର୍ଯ୍ୟ, ସିପିଏମ୍ ନେତା ଡି ରାଜା, ବରିଷ୍ଠ କଂଗ୍ରେସ ନେତା ମଣିଶଙ୍କର ଆୟା ଓ ଅନ୍ୟମାନେ ଯୋଗ ଦେଇଥିଲେ । ସେମାନଙ୍କ ଫଟୋକୁ ଟ୍ୱିଟରରେ ସେମାନେ ସେୟାର କରିଛନ୍ତି । ସେମାନେ ଉଲ୍ଲେଖ କରିଛନ୍ତି ଯେ ଆଜି ସେମାନେ ପାଲେଷ୍ଟାଇନ୍‌ର ରାଷ୍ଟ୍ରଦୂତଙ୍କୁ ଭେଟି ନିରିହ ଲୋକଙ୍କୁ (୯ ପୃଷ୍ଠାରେ)




### ଏକାମ୍ର ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

## ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ ଲାଗି ନିର୍ଦ୍ଦେଶ



ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ଏକାମ୍ର ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭିକେ ପାଣ୍ଡିଆନ କ୍ଷେତ୍ର ପରିଦର୍ଶନ କରି ଆଜି ଅନୁଧ୍ୟାନ କରିଛନ୍ତି । ୨୦୧୯ରେ ଏହି ପ୍ରକଳ୍ପ ସମ୍ପର୍କରେ ଚିନ୍ତା କରାଯାଇଥିଲା ଓ ଚଳିତ ବର୍ଷ ଜୁନ୍ ୨୮ରେ ମୁଖ୍ୟମନ୍ତ୍ରୀ ଏହାର ଶୁଭ ଦେଇଥିଲେ ।

ସମୀକ୍ଷାରୁ ଜଣାପଡିଛି ଯେ ଶ୍ରୀ ପାଣ୍ଡିଆନ ଏକାମ୍ର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏକାମ୍ର କ୍ଷେତ୍ରରେ ବିଭିନ୍ନ ସୁବିଧା ସୁଯୋଗ ଓ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣା ବ୍ୟବସ୍ଥା ଓ ଐତିହ୍ୟର ମୂଲ୍ୟବୋଧକୁ ରଖି ପୁରୁଣା ଭୁବନେଶ୍ୱରକୁ ସହରୀ ଢାଞ୍ଚାରେ ନିର୍ମାଣ କରାଯିବ । ପୁରୁଣା ଭୁବନେଶ୍ୱର ଯାହାକି ଏକାମ୍ରକ୍ଷେତ୍ର ଭାବେ ଜଣାଶୁଣା । ଏଥିରେ ଅନେକ ଐତିହ୍ୟ ମନ୍ଦିର ରହିଥିବାବେଳେ ଜଳାଶ୍ରୟ ଓ ଅନେକ ପୂଜକ ସମ୍ପ୍ରଦାୟ ରହୁଛନ୍ତି । ମୁଖ୍ୟମନ୍ତ୍ରୀ ସବୁବେଳେ ପୁରୁଣା ଭୁବନେଶ୍ୱରର ଐତିହ୍ୟସ୍ଥଳୀଗୁଡିକର ରକ୍ଷଣାବେକ୍ଷଣା ଉପରେ ଗୁରୁତ୍ୱ ଦେଉଛନ୍ତି । ବିନ୍ଦୁସାଗର ଓ ଏକାମ୍ର ବନ ପ୍ରକଳ୍ପର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟ ଯେଉଁ ସଂସ୍ଥା କରୁଛନ୍ତି ତାହାର ତୁରନ୍ତ ନକ୍ସା ପ୍ରସ୍ତୁତ ସହ ଆସବାବପତ୍ର ଆଣି କାର୍ଯ୍ୟ କରିବାକୁ କୁହାଯାଇଛି । ତାଳେଶ୍ୱରରୁ କୋଟିତୀର୍ଥେଶ୍ୱର ରାସ୍ତା, ସାନିଟେରିୟମ୍ ଛକଠାରୁ ତାଳେଶ୍ୱର ପର୍ଯ୍ୟନ୍ତ ବକ୍ସ ଡ୍ରେନ୍, ପାର୍କିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ସାଧାରଣ ଲୋକଙ୍କ ସୁବିଧା ସୁଯୋଗ ଉପରେ ଧ୍ୟାନ ଦେବାକୁ କୁହାଯାଇଛି । (୯ ପୃଷ୍ଠାରେ)

## ବାରକୋଟରେ ହେବ ଜେଏମ୍‌ଏଫ୍‌ସି କୋର୍ଟ

ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦେବଗଡ ଜିଲ୍ଲା ବାରକୋଟ ଠାରେ ଗୋଟିଏ ଅତିରିକ୍ତ ସିଭିଲ୍ ଜଜ୍ (କନିଷ୍ଠ ଡିଭିଜନ୍) ତଥା ଜେଏମଏଫସି କୋର୍ଟ ପ୍ରତିଷ୍ଠାକୁ ଅନୁମୋଦନ ଦେଇଛନ୍ତି । ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲ୍ଲାବାସୀଙ୍କ ପାଇଁ ଏହି (୯ ପୃଷ୍ଠାରେ)

## ୯୪ କୋଟି ଜବତ

ନୂଆଦିଲ୍ଲୀ, ୧୬।୧୦ : ଆୟକର ବିଭାଗ ପକ୍ଷରୁ ତେଲେଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ର ଓ ଦିଲ୍ଲୀର କିଛି ସ୍ଥାନରେ ଚଢ଼ାଉବେଳେ ବିପୁଳ ପରିମାଣର ନଗଦ ଅର୍ଥ ଓ ସୁନା ଗହଣା ଓ ବିଦେଶୀ କମ୍ପାନୀ ଘଣ୍ଟା ଜବତ ହୋଇଛି । ଆୟକର ବିଭାଗ ୯୪ କୋଟି ନଗଦ ସହ ୮ କୋଟିର ହୀରା ଗହଣା ଓ (୯ ପୃଷ୍ଠାରେ)




## ଆପ୍‌କୁ ଅଭିଯୁକ୍ତ କରିବା ଲାଗି ଅନୁଧ୍ୟାନ କରୁଛୁ : ଇଡି

ନୂଆଦିଲ୍ଲୀ, ୧୬।୧୦ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଅଭିଯୁକ୍ତ କରିବା ଲାଗି ଆମେ ଅନୁଧ୍ୟାନ କରୁଛୁ । ପିଏମ୍‌ଏଲ୍‌ଏର ଧାରା ୭୦ ଅନୁଯାୟୀ ଆପ୍‌କୁ ଏହି ଆର୍ଥିକ ଲେଣଦେଣ ମାମଲାରେ ଅଭିଯୁକ୍ତ କରାଯିବ । ଏ ବାବଦରେ ଆମେ ନିଷ୍ପତ୍ତି ନେଉଛି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୁପ୍ରିମ୍‌କୋର୍ଟରେ ମତ ରଖାଯାଇଛି ।

ଇଡି ପକ୍ଷରୁ ଅତିରିକ୍ତ ସଲିସେଟର ଜେନେରାଲ ଏସ୍‌ଭି ରାଜୁ କହିଥିଲେ ଯେ ଧାରା ୭୦ ଅନୁଯାୟୀ ହୋଇଥିବା ମୂଳଚାଲ ଏକ ଅପରାଧ ଏବଂ ଜାମିନ ଆବେଦନ ଉପରେ ଏହାକୁ ନେଇ ଇଡି ପକ୍ଷରୁ ସେ ପ୍ରଶ୍ନ ଉଠାଇଛନ୍ତି । ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଶ ସିଶୋଦିଆଙ୍କୁ ଗିରଫ କରାଯାଇଛି । ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଏସ୍‌ଭିଏନ୍ ଭଟୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି ।

ଇଡି ଏକ ରାଜନୈତିକ ଦଳକୁ ଏହି ଦୁର୍ନୀତିର ହିତାଧିକାରୀ ବୋଲି ଚିତ୍ରଣ କରୁଛି । କୋର୍ଟ ପକ୍ଷରୁ କୁହାଯାଇଛି ଯେ ଏଭଳି ଆଭିମୁଖ୍ୟ ଆପ୍ ଉପରେ କ'ଣ ପ୍ରଭାବ ପକାଇବ । ଏହା କ'ଣ ଇଡିର ଲକ୍ଷ ବୋଲି ବେଞ୍ଚ ପ୍ରଶ୍ନ କରିଥିଲେ । (୯ ପୃଷ୍ଠାରେ)

## ୭୫୭୯ ମିନି ଅଙ୍ଗନବାଡି ନିୟମିତ କେନ୍ଦ୍ରକୁ ଉନ୍ନୀତ

ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ଥିବା ସମସ୍ତ ୭୫୭୯ଟି ମିନି ଅଙ୍ଗନବାଡି କେନ୍ଦ୍ରକୁ ନିୟମିତ ଅଙ୍ଗନବାଡି କେନ୍ଦ୍ର ଭାବେ ଉନ୍ନୀତ କରିବା ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ ଅଙ୍ଗନବାଡି କେନ୍ଦ୍ର ଗୁଡିକ ରାଜ୍ୟରେ କୋମଳମତି ଶିଶୁ ମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ଲାଭ ନିମନ୍ତେ କାର୍ଯ୍ୟ କରୁଛି । ରାଜ୍ୟର ଏହି ୭୫୭୯ଟି ମିନି ଅଙ୍ଗନବାଡି କେନ୍ଦ୍ରର ଉନ୍ନୀତକରଣ ପାଇଁ ୫୫ କୋଟି ୨୧ ଲକ୍ଷ ୩୦ ହଜାର ୧୫୦ ଟଙ୍କା ଖର୍ଚ୍ଚ ହେବ । ଏଥିରୁ ରାଜ୍ୟ ସରକାର ୩୬ କୋଟି ୪୦ ଲକ୍ଷ ୯୫ ହଜାର ୧୬୦ ଟଙ୍କା ବହନ କରୁଥିବା ବେଳେ କେନ୍ଦ୍ର ସରକାର ୧୮ କୋଟି ୮୦ ଲକ୍ଷ ୩୪ ହଜାର ୯୯୦ ଟଙ୍କା ବହନ କରୁଛନ୍ତି । ଅନୁଦାନ ଅର୍ଥରେ ମେଡିସିନ୍ କିଟ୍, ଆସବାବପତ୍ର ଓ ଅନ୍ୟାନ୍ୟ ଉପକରଣ ତଥା ପ୍ରଶାସନିକ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ।



# ଚିଲିକା ନିର୍ବାଚନମଣ୍ଡଳୀର ବିଜେପି କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ ଓ ଏନଏସିର ବିଜେପି କର୍ମକର୍ତ୍ତା ଆଜି ଶଙ୍ଖଭବନ ଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜେପି କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ଶ୍ରୀ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ । ବିଜୁ ଜନତା ଦଳରେ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ଚିଲିକା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ସାଂସଦ ଶ୍ରୀ ମଙ୍ଗରାଜ କହିଥିଲେ ।




ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି କର୍ମୀମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଲୁ ବୋଲି କହିଥିଲେ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ବାଣପୁର ଏନଏସିର ପୂର୍ବତନ କାଉନସିଲର ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ଉପସଭାପତି ପ୍ରଣତୀ ମାର୍ଥା, ୱାର୍ଡ଼ ସଭାପତି ବିଶ୍ୱନାଥ ଦଳେଇ, ମହିଳା ସଭାପତି ପ୍ରତୀମା ମଲ୍ଲିକ, ପୂର୍ବତନ କାଉନସିଲର ଝରିଆ ପ୍ରଧାନ, ବରିଷ୍ଠ ନେତା ଦୀନବନ୍ଧୁ ପ୍ରଧାନ ଓ ଯୋଗେନ୍ଦ୍ର ବାରିକ, ଯୁବ ସଂଗଠକ ମନୋଜ ସାହୁ, ପୂର୍ବତନ କାଉନସିଲର ସୁଧାକର ଭୋପା, ଖୋର୍ଦ୍ଧା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଉପସଭାପତି କାବେରୀ ଜେନା, ବାଣପୁର ଏନଏସିର ପୂର୍ବତନ ଯୁବ ସଭାପତି ନାରାୟଣ ଦାସ, ଏସ୍‌ସି ମୋର୍ଚ୍ଚାର ମହିଳା ସଭାପତି ଉତ୍ତରା ମଲ୍ଲିକ ଏବଂ ବାଣପୁର ବ୍ଲକ ଡୁମୁରା ପୁଟଶାସନ ଗ୍ରାମ ପଞ୍ଚାୟତର ସଞ୍ଜୟ କୁମାର ବଳିଆରସିଂହ, ଅନୀଲ କୁମାରସ୍ୱାଇଁ, ରାଧାକାନ୍ତ ରଥ, ରଞ୍ଜନ କୁମାର ରାଉତରାୟ, ଜୟନ୍ତ କୁମାର ସ୍ୱାଇଁ, ରାଜେଶ କୁମାର ବେହେରା, ବିଜୟ ପାତ୍ର, ମାନସ ବେହେରା, ଜିତୁନ ବେହେରା, ସଂକଳ୍ପ ବେହେରା, ରଘୁନାଥ ବାରିକ, ନବଘନ ନାୟକ, ସୌରୀ ବେହେରା, ମକଦମ ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ଚିଲିକା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୌମ୍ୟ ଶଙ୍କର ଚକ୍ର (ରାଜା), ବାଣପୁର ଏନଏସି ଚେୟାରମ୍ୟାନ ମିଟୁ ନାୟକ, ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ବାଣପୁର ବ୍ଲକ ପୂର୍ବତନ ଚେୟାରମ୍ୟାନ ମାନସ ପ୍ରଧାନ, ଯୁବନେତା ଜଗତ ବଲ୍ଲଭ ମହାରଥା, ଡୁମୁରା ପୁଟଶାସନ ଗ୍ରାମପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ସେଠୀ, ଯଦୁ ପ୍ରଧାନ, ମନୋଜ ପ୍ରଧାନ ଓ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରୋଗୀଙ୍କୁ ଫଳ ବଂଟନ

ଖୋର୍ଦ୍ଧା (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଛି । ପ୍ରଥମେ ମେଡିକାଲ ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲ୍ଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଚିକିତ୍ସିତ ବ୍ୟକ୍ତିଙ୍କ ଆରୋଗ୍ୟ କାମନା କରିବା ସହ ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘାୟୁ କାମନା କରି ୧୬୦ଜଣ ରୋଗୀଙ୍କୁ ଫଳ ବଂଟନ କରିଥିଲେ ।

# ସୋଆ କମ୍ୟୁନିଟି ରେଡିଓକୁ ପୂରିଲା ୧୧ ବର୍ଷ

ଭୁବନେଶ୍ୱର (ସବ୍ୟୁ): 'ରେଡିଓ'ରୁ ଭାସି ଆସୁଥିବା ସ୍ୱରରୁ ସାଧାରଣ ଲୋକଟିର ସକାଳ ଆରମ୍ଭ ହୋଇଥାଏ । ସମସ୍ତଙ୍କର ପାଖରେ ଖୁବ୍ ସହଜରେ ପହଂଚିଯାଏ ରେଡିଓର ସ୍ୱର । ରବିବାର ଏଗାର ବର୍ଷ ପୂରଣ କରିଛି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪। ଏଗାର ବର୍ଷ ପୂର୍ତ୍ତୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ରହି ସୋଆ ରେଡିଓ ପରିବାରକୁ ଶୁଭେଚ୍ଛା ଜଣାଇଥିଲେ। ଜାତୀୟ ସ୍ତରରେ ସଫଳତା ପାଇଥିବା ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ର କାର୍ଯ୍ୟଧାରା ଓ ଭୂମିକାକୁ ପ୍ରଫେସର ନନ୍ଦ ଉଚ୍ଚ ପ୍ରଶଂସା କରି ସାଧାରଣ ଲୋକର ଦୈନନ୍ଦିନ ଜୀବନରେ ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସୋଆ ରେଡ଼ିଓ ଭାବରେ ପରିଚିତ ଏହି କମ୍ୟୁନିଟି ରେଡ଼ିଓ ସ୍ୱାସ୍ଥ୍ୟସେବା ଏବଂ କୃଷି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରସାରଣ କରିଥିବା ବେଳେ ବିଭିନ୍ନ ଶିକ୍ଷାବିତ୍, ଡାକ୍ତର, ବୈଜ୍ଞାନିକ ଏବଂ ଗବେଷକମାନଙ୍କର ମତକୁ ଜନହିତରେ ପ୍ରଚାର କରିଛି। ଏହା ସାଧାରଣ ଲୋକମାନଙ୍କ ସହିତ ଜଡିତ ବିଷୟ ସହ ସଂପୃକ୍ତ । ସୋଆର କଣ୍ଟ୍ରୋଲର୍ ଅଫ୍ ଏଗଜାମିନେସନ୍ ପ୍ରଫେସର ମୁଳା ଦାସ, ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ , ନ୍ୟୁଜ ୭ର କାର୍ଯ୍ୟକାରୀ ସମ୍ପାଦକ ଦେବ ନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ମୁଳା ଦାସ ସୋଆ ରେଡ଼ିଓର କର୍ମଚାରୀମାନଙ୍କର ଉଚ୍ଚକୋଟୀର କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ନ୍ୟୁଜ ୭ର କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ଦେବ ନାରାୟଣ ସେଠୀ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡିଓ ୯୦.୪ ଏହି ୧୧ବର୍ଷର ଯାତ୍ରା ବିଷୟରେ କହିବା ସହିତ ଏହାର ସଫଳତା ନିମନ୍ତେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ର ନିର୍ଦ୍ଦେଶକ ଶ୍ରୀମତି ହନି ପଟ୍ଟନାୟକ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଆର୍‌ଜେ କୁମାରୀ ଶୁଭଶ୍ରୀ ରଥ, ଛାତ୍ର ଆର୍‌ଜେ ଓ ପ୍ରତିନିଧି ହୃଦୟରଂଜନ ପରିଡା ଏହି କାର୍ଯ୍ୟକ୍ରମରେ ଏକ ପିପିଟି ମଧ୍ୟ ଉପସ୍ଥାପନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ୭୮ୟୁନିଟ ସଂଗ୍ରହ

ଖୋର୍ଦ୍ଧା (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବିଜୁ ଯୁବଛାତ୍ର ଜନତା ନଦଳ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବ ବିଜେଡି ଜିଲ୍ଲା ସଭାପତି ରାଜେଶ ପରିଡା ଓ ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଓଡିଶା ମୋ ପରିବାର ସଂଯୋଜକ ଅରୂପ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଉପସଭାପତି ଗୋପିନାଥ ମହାରଣା, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଜିଲ୍ଲା ସଭାପତି ବିଭୁତି ବଳବନ୍ତରାୟ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ଗୀତାଞ୍ଜଳୀ ରୁଦ୍ରନାଥ ଦତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଅତିଥିମାନେ ମହାପ୍ରଭୁଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଏଥିରେ ମୋଟ



ପାଟଶାଣୀ, ଜିଲ୍ଲାପରିଷଦ ପ୍ରଫୁଲ୍ଲ କୁମାର ଦଳାଇ, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ହୋତା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ନସିମ ଖାନ, ୭୮ୟୁନିଟ ସଂଗ୍ରହ ହୋଇଛି । ଶିବିରକୁ ପରିଚାଳନାରେ ସୁଚିସ୍ମିତା ବହେରା, ଦେବୀପ୍ରସାଦ ଲେଙ୍କା, ବିଜୟଲକ୍ଷ୍ମୀ ଦାସ, ଅମିତ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ ସାମାଜିକ ଦିବସ ରୂପେ ପାଳିଲା ବିସିଜେଡି

## ସମଗ୍ର ରାଜ୍ୟରୁ ୨୦୦୦ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର(ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ଉପଲକ୍ଷେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ସମଗ୍ର ରାଜ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହିସବୁ ଶିବିରରୁ ୨୦୦୦ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି ।

ସୋମବାର ବିସିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମଦିବସ ଉପଲକ୍ଷେ ସମଗ୍ର ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସମଗ୍ର ରାଜ୍ୟରୁ ୨୦୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରିବା ସହ ଅନେକ ସାମାଜିକ କାର୍ଯ୍ୟକ୍ରମ ତଥା ଫଳ ବଣ୍ଟନ, ସଫେଇ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମଗ୍ର ରାଜ୍ୟରେ ରକ୍ତଦାନ ଶିବିର ସହ ଅନେକ ସାମାଜିକ କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ସମଗ୍ର ଛାତ୍ର ବିଜେଡ଼ି କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଜଣାଉଛି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଜି ଓଡ଼ିଶାର ପ୍ରତ୍ୟେକ ଛାତ୍ର ଯୁବ ଗର୍ବିତ । ସେହି ପରିପ୍ରେକ୍ଷୀରେ ସମସ୍ତ ରକ୍ତଦାତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି । ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳର ପ୍ରତ୍ୟେକ କର୍ମକର୍ତ୍ତା ସାମାଜିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଛାତ୍ର ବିଜେଡ଼ି ସମସ୍ତ ଜିଲ୍ଲା ସଭାପତି ସମେତ ସମସ୍ତ ରାଜ୍ୟ, ଜିଲ୍ଲା କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ ।

# ସିଜିମାଳି ବକ୍ସାଇଟ୍ ଖଣି ଖନନ ଉପରେ ଜନ ଶୁଣାଣି ସଫଳ

ଭୁବନେଶ୍ୱର (ସବ୍ୟୁ): ଓଡିଶା ସରକାରଙ୍କ ଦ୍ୱାରା ନିଲାମ ହୋଇଥିବା ସିଜିମାଳି ବକ୍ସାଇଟ୍ ମାଇନ୍ସକୁ ଏକ ପ୍ରତିଯୋଗିତାମୂଳକ ବିଡିଂ ପ୍ରକ୍ରିୟା ପରେ ୨୦୨୩ ମାର୍ଚ୍ଚ ୧ ତାରିଖରେ ବେଦାନ୍ତ ଲିମିଟେଡ୍‌କୁ ବଣ୍ଟନ କରାଯାଇଛି । ୧୫୪୯.୦୨୨ ହେକ୍ଟର କ୍ଷେତ୍ରରୁ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୯ ମିଲିୟନ୍ ଟନ । ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ୨୦୨୩ ଅକ୍ଟୋବର ୧୬ରେ ରାୟଗଡା ଜିଲ୍ଲା ଅନ୍ତଗତ କାଶିପୁର ତହସିଲର ସୁନଗର ତ୍ରିନାଥ ଦେବ ଉଚ୍ଚ ବିଦ୍ୟାଳୟରେ ଏକ ଜନ ଶୁଣାଣି ସଫଳତାର ସହ ଆୟୋଜନ କରିଥିଲେ।

ଉକ୍ତ ବୈଠକରେ ୬୦୦ ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ରହି ସେମାନଙ୍କ ସମର୍ଥନ ଜଣାଇ ନିଜର ଅଭିଯୋଗ ଉପସ୍ଥାପନ କରିଥିଲେ । ସାର୍ବଜନୀନ ଶୁଣାଣି ଦେଢ଼ ଘଣ୍ଟା ଧରି ଚାଲିଥିଲା ଏବଂ ବୈଠକଟି ଏଡିଏମ, ରାୟାଗଡା ଏଡିଏମ୍‌ଙ୍କ ପରିଚାଳନାରେ ଏହି ଶୁଣାଣୀ ସଫଳତାର ସହିତ ସମାପ୍ତ ହୋଇଥିଲା । ରାଜ୍ୟରେ ଖୋଲାଯିବାକୁ ଥିବା ଏହା ହେଉଛି ପ୍ରଥମ ନିଲାମ ହୋଇଥିବା ବକ୍ସାଇଟ୍ ବ୍ଲକ । ଏହା ଫଳରେ ଓଡ଼ିଶା ବଜାରରେ ଦେଖାଦେଇଥିବା ବକ୍ସାଇଟ୍‌ର ଉତ୍କଟ ଅଭାବ ପୁରଣ ହୋଇପାରିବ । ଓଡ଼ିଶା ଭାରତର ଆଲୁମିନିୟମ ରାଜଧାନୀ ରୂପେ ପରିଚିତ ଏବଂ ବକ୍ସାଇଟ୍ ଖଣି ଖୋଲିବା ଦ୍ୱାରା ଏହି ସ୍ଥିତି ଅଧିକ ମଜଭୁତ ହେବ । ରାଜ୍ୟରେ ପ୍ରଚୁର ପରିମାଣର ବକ୍ସାଇଟ୍ ଥିବାରୁ ଆଲୁମିନିୟମ ଶିଳ୍ପ ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ । ଏଥି ସହିତ ଆଲୁମିନିୟମ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ । ଆଗାମୀ ୫ବର୍ଷ ମଧ୍ୟରେ ଓଡ଼ିଶାରେ ଆଲୁମିନିୟମ ଉତ୍ପାଦନ ଦୁଇ ଗୁଣିତ ହେବା ସହ ୪ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

# ପୂଜା ପୂର୍ବରୁ ସହରର ରାସ୍ତାଘାଟ ସ୍ଥିତି ପରଖିଲେ ମେୟର, ବିଧାୟକ, କମିଶନର

କଟକ (ସବ୍ୟୁ)ଦଶହରା ପୂଜା ପୂର୍ବରୁ କଟକ ସହରର ରାସ୍ତାଘାଟ ନିର୍ମାଣ ସ୍ତିତି , ଆଲୋକୀକରଣ , କେବୁଲ ସମସ୍ୟା ,ଗଛ କଟା ସମସ୍ୟା, ଶୌଚାଳୟ ର ସମସ୍ୟା ସ୍ତିତି ପରଖିଲେଔ କଟକ ମେୟର ସୁବାସ ସିଂହ , ବିଧାୟକ ଷୌଭିକ ବିଶ୍ୱାଳ , କଟକ ମହାନଗର କମିସନର ନିଖିଳ ପବନ କଲ୍ୟାଣ ପୂର୍ବାଂଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଯନ୍ତ୍ରୀ ଦେଦେବୀରଞ୍ଜନ ତ୍ରିପାଠୀ , ସ୍ଥାନୀୟ କର୍ପୋରେଟର ପ୍ରଦୀପ୍ତ ସାହୁ ଓ ସମସ୍ତ ଅଧିକାରୀ – ମଙ୍ଗଳାବାଗ ଅଂଚଳ ଓ କଲେଜେ ଛକ ସ୍ତିତ ସାହି ର ରାସ୍ତା ମୁଖ୍ୟ ରାସ୍ତା କୁ ସଯୋଗୀ କରଣ କରୁଥିବା ରାସ୍ତା ର ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ କରି ଏହାର ତୁରନ୍ତ କାର୍ଯ୍ୟ କରାଯିବ ବୋଲି କମିସନର ନିଖିଳ ପବନ କଲ୍ୟାଣ ପ୍ରକାଶ କରିଥିଲେ ଛରାଣୀହାଟ ପୂଜା କମିଟିର ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ , ସୁବ୍ରତ ସାହୁ ରାସ୍ତା ଘାଟ ମେୟର, ବିଧାୟକ , କମିସନର ବୁଲାଇ ଦେଖାଇଥିଲେ . ସମ୍ପର୍କରେ ସୁଚାଇଥିଲେଛରେଳ ବିଭାଗ ର ରାସ୍ତା ହୋଇଥବାରୁ କୌଣସି ମରାମତି କାର୍ଯ୍ୟ ହୋଇପାରିନାହିଁ, କମିସନର ଏହାର ଅନୁଧ୍ୟାନ କରି



କଲେଜେ ଛକ ଅଂଚଳ ପରିଦର୍ଶନ କରି ରାସ୍ତାଘାଟ ର ସ୍ତିତି ଅନୁଧ୍ୟାନ କରିଥିଲେ । କଟକ ଷ୍ଟେସନ ବଜାର ପୂଜା କମିଟି ସମ୍ପାଦକ ଓ କର୍ପୋରେଟର ସୁବାସିସ ପଟନାୟକ ,ମେୟର, ବିଧାୟକ , କମିସନର ଙ୍କୁ ବିପର୍ଯ୍ୟସ୍ତ ରାସ୍ତାଘାଟ ପଦଖେପ ନେବେ ବୋଲି ପ୍ରତିଶୃତି ଦେଇଥଲେଛଏହି କାର୍ଯ୍ୟକ୍ରମରେ ନୃସିଙ୍ଘ ଚୌଧରୀ,ରାଜେନ୍ଦ୍ର କୁମାର ସାହୁ , ସୁବ୍ରତ ସାହୁ ,ସମ୍ପାଦକ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡିଆନ ମ୍ୟାଥମେଟିକ୍ସ ଅଲିମ୍ପିଆଡ

## ରାଜ୍ୟର ୧୬୩ ଉତ୍ତୀର୍ଣ୍ଣଙ୍କ ମଧ୍ୟରୁ ଡିଏଭି ଚନ୍ଦ୍ରଶେଖରପୁରରୁ ୨୦ଜଣ

ଭୁବନେଶ୍ୱର -(ସବ୍ୟୁ): ସଂପ୍ରତି ପ୍ରକାଶ ପାଇଥିବା ସମ୍ମାନଜନକ ଇଣ୍ଡିଆନ ଅଲିମ୍ପିଆଡ କ୍ୱାଲିଫାଏର୍ସ ଫର ମ୍ୟାଥମେଟିକ୍ସ ପରୀକ୍ଷା ଫଳରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ , ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ ସହ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ରାଜ୍ୟର ସମୁଦାୟ ୧୬୩ଜଣ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ଡିଏଭି ଚନ୍ଦ୍ରଶେଖରପୁରରୁ ୨୦ ଜଣ ଏଥିରେ ସ୍ଥାନିତ ହୋଇ ଏକକ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ଲାଭ କରିଛନ୍ତି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ କର୍ତ୍ତୃକ ପରିଚାଳିତ ଏହି ପରୀକ୍ଷା ନ୍ୟାସନାଲ ବୋର୍ଡ ଫର ହାୟର ମ୍ୟାଥମେଟିକ୍ସ ଏବଂ ହୋମିଭାବା ସେର ଫର ସାଇନ୍ସ ଏଜୁକେଶନ ଦ୍ୱାରା ମିଳିତ ଭାବରେ ସଂପନ୍ନ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟ ଆର.ଏମ.ଓ ପରୀକ୍ଷା ୨୯ ଅକ୍ଟୋବରରେ ଅନୁଷ୍ଠିତ ହେବ । ବିଦ୍ୟାଳୟର ୧୯ ଜଣ କ୍ୟାଟେଗୋରୀ-ଏ (ଅଷ୍ଟମରୁ ଏକାଦଶ) ଏବଂ ଜଣେ କ୍ୟାଟେଗୋରୀ-ବି (ଦ୍ୱାଦଶ) ଏହି ଅନନ୍ୟ ସଫଳତା ଲାଭ କରିଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

## ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ

# ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ ଅନ୍ତର୍ଗତ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିଶାଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଇଣ୍ଡିଆନ୍ ବ୍ୟାଙ୍କ




ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଶାଖା ପ୍ରବନ୍ଧକ, ବିସି ସୁପରଭାଇଜର ଏବଂ ସେମାନଙ୍କ ବିସିମାନଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ନେଇ ଏକ ସମ୍ବେଦନଶୀଳ ବୈଠକ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି । କର୍ପୋରେଟ୍ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭେଙ୍କଟେସନ୍ ଏମ୍ (ଆର୍ଥିକ ଅନ୍ତର୍ଭୁକ୍ତିକରଣ) ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍.ଏବଂ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶଚିକାନ୍ତ ଦାସ ଯୋଗ ଦେଇଥିଲେ। ସମସ୍ତ ଶାଖାର ଶାଖା ପ୍ରବନ୍ଧକ, ବିସି ସୁପରଭାଇଜର, ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ବିସିମାନେ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଆବଶ୍ୟକତା ଏବଂ ଗ୍ରାହକମାନଙ୍କ ପାଇଁ ଏହାର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା। ଇଣ୍ଡିଆନ୍ ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳ ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା ଅଧିନରେ ୧ ଲକ୍ଷ ଆକାଉ ଖୋଲିଅଛି ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧିନରେ ୫୦,୦୦୦ ରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଅନ୍ତର୍ଭୁକ୍ତ କରିପାରିଛି। ଆଗାମୀ ଦିନରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧିନରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ବ୍ୟାଙ୍କ ପ୍ରତିଶୃତିବଦ୍ଧ ଅଟେ ।

## ୫୩ନଂ ୱାର୍ଡରେ ଭତ୍ତା ପରିଚୟ ପତ୍ର ବଣ୍ଟନ

କଟକ, (ସ୍ୱ.ପ୍ର): ସ୍ଥାନୀୟ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଅନ୍ଦରପୁର ସ୍ଥିତ ୱାର୍ଡ କାର୍ଯ୍ୟାଳୟ ପରିସରରେ ମଧୁବାବୁ ପେନସନ ଯୋଜନାରେ ୩୮ଜଣ ଭତ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ପରିଚୟ ପତ୍ର ପ୍ରଦାନ କରାଯାଇଛି । ଏଣିକି ଏହି ହିତାଧିକାରୀମାନେ ପ୍ରତ୍ୟକ ମାସରେ ଭତ୍ତା ଟଙ୍କା ପାଇବେ। ଭତ୍ତା ପରିଚୟ ପତ୍ର ପାଇ ସାରିବା ପରେ ହିତାଧିକାରୀମାନେ ନିଜର ଖୁସି ବ୍ୟକ୍ତ କରିବା ସହ କର୍ପୋରେଟର ଶ୍ରୀ ଜେନାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଭତ୍ତା ପରିଚୟ ପ୍ରଦାନ ପର୍ବରେ ସ୍ଥାନୀୟ ମୁରବୀ ରଜନୀକାନ୍ତ ପରିଜା, ଡଃ ବ୍ୟୋମକେଶ କାନୁନଗୋ, ବିଜୟାନନ୍ଦ ସାହୁ, ପ୍ରଦୀପ୍ତ କୁମାର ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ, ସୁଲୋଚନା ସ୍ୱାଇଁ, ରୋହନ କୁମାର ରାଉତ, ସିଏମସି ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

## ବ୍ୟବହାର କରନ୍ତୁ ଆମାଜନ୍ ପେ : ପାଆନ୍ତୁ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ପାର୍ବଣ ଋତୁର ଆରମ୍ଭ ହେବା ସହିତ, ଆପଣ ଆକର୍ଷଣୀୟ ପେମେଂଟ ଅଫରର ବ୍ୟବହାର କରି ଅତିରିକ୍ତ ମୂଲ୍ୟକୁ ଅନଲକ୍ କରିପାରିବେ ତଥା ସର୍ବାଧିକ ସଂଚୟ କରିପାରିବେ। ଏହି ଆକର୍ଷଣୀୟ ଅଫର ଓ ରିୱାର୍ଡ ସୁନିଶ୍ଚିତ କରିବ ଯେ ଆପଣ ଆମାଜନ୍ ପେ ରେ ସବୁଠାରୁ ରିୱାର୍ଡିଂ ଓ ଆନନ୍ଦଦାୟକ ପେମେଂଟ ଅନୁଭବ ଲାଭ କରିବେ। ପ୍ରାଇମ ମେମ୍ବର ହେବା ପାଇଁ ପ୍ରକୃଷ୍ଟ ସମୟ ପ୍ରାଇମ ସଦସ୍ୟମାନେ ଟ.୧୫୦୦ ର ଏକ୍ସକ୍ଲୁସିଭ୍ ଅଫରକୁ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ୨୦୨୩ ରେ ଆମାଜନ୍.ଇନ୍ ରେ ଅଡ଼ର ପ୍ରଦାନ କରି ପାଇପାରିବେ ଯାହାକି ୮ ଅକ୍ଟୋବର ୨୦୨୩ ଠାରୁ ଆରମ୍ଭ ହୋଇଛି । କେବଳ ଏତିକି ନୁହେଁ, ଯେଉଁ ଗ୍ରାହକମାନେ ଆମାଜନ୍ ପେ ମାଧ୍ୟମରେ ଟଙ୍କା ପଠାଇବେ ବା ସ୍କାନ୍ କରି ଟ୍ରାନ୍ସକ୍ସନ କରିବେ ସେମାନେ ଟ.୫୦୦ ର ଆକର୍ଷଣୀୟ ଅଫର ପାଇପାରିବେ, ଯାହାକୁ ବିଭିନ୍ନ ଲୋକପ୍ରିୟ ଆପ୍ ଯଥା ଉବର, ଓଲା, ସ୍ୱିଗି ଓ ଜୋମାଟୋରେ ବିମୋଚନ କରାଯାଇପାରିବ । ଆମାଜନ୍ ପେ ଆଇସିଆଇସିଆଇ କ୍ରେଡିଟ୍ କାର୍ଡରେ ସାଇନିଂ ଅପ୍ କରି ଟ.୨୫୦୦ ପର୍ଯ୍ୟନ୍ତ ପୁରସ୍କାର ଲାଭ କରିପାରିବେ।

## ବିଏମ୍‌ସିର ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମ

# ସହରରେ କଡ଼ାକଡ଼ି ହେବ ଖାଦ୍ୟ ଯାଞ୍ଚ

ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ଖାଦ୍ୟ ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି )ମୁଖ୍ୟାଳୟରେ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଲୋକମାନଙ୍କୁ ଖାଦ୍ୟ ଦେବା ପୂର୍ବରୁ କିପରି ପରିଚ୍ଛନ୍ନତା ଅବଲମ୍ବନ କରିବେ, ସେ ସଂପର୍କରେ କେତେକ ପାୱାର ପଏଣ୍ଟ ଉପସ୍ଥାପନ । କରାଯାଇଥିଲା । ସଠିକ ଭାବେ ରାନ୍ଧିବା ସହ ତାକୁ ଆବଶ୍ୟକ ତାପମାତ୍ରାରେ ଘୋଡାଇ ରଖିବା, ଲୋକମାନଙ୍କୁ ପରିଷିବା ବେଳେ ମୁଣ୍ଡରେ ଟୋପି ପିନ୍ଧିବା, ମୁହଁରେ ମାକ୍ସ, ହାତରେ ଗ୍ଲୋବ୍ସ ଏବଂ ଦେହରେ ଆପ୍ରୋନ ପରିଧାନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟ ଫୁଡ୍ ଓ ଷ୍ଟ୍ରିଟଭେଣ୍ଡରମାନେ ଯୋଗ ଦେଇଥିଲେ ।ପ୍ରତ୍ୟେକ ଭେଣ୍ଡର ଖାଦ୍ୟକୁ ଭଗବାନଙ୍କ ପ୍ରସାଦ ଭାବି ପ୍ରସ୍ତୁତ କରିବା ଏବଂ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବାକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ନିଜ ପରିବେଶକୁ ସଫା ରଖିବା ସହ ଆବଶ୍ୟକ ଆକାରର ଡଷ୍ଟବିନ ରଖିବା, ସମସ୍ତ ବର୍ଜ୍ୟକୁ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି କେବଳ ବିଏମ୍‌ସି ଗାଡିକୁ ଦେବାକୁ କୁହାଯାଇଛି । ଆବଶ୍ୟକ ପଡିଲେ ସଫା ଆପ୍‌ରେ ଅଳିଆ ଉଠାଇବା ପାଇଁ ବୁକ୍ କଲେ, ଖୁବ୍ କମ୍ ସମୟରେ ବିଏମ୍‌ସି ଗାଡି ଯାଇ ବର୍ଜ୍ୟ ଉଠାଇ ଆଣିବ । ତେଣୁ କୌଣସି ଦୋକାନୀ ଏଣେ ତେଣେ ଅଳିଆ ନ ପକାଇବାକୁ ପରାମର୍ଶ ଦେଇଛନ୍ତି କମିଶନର ।

ଏହି ଅବସରରେ ମେୟର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ନିଜ ଅନୁଷ୍ଠାନର ୫ ମିଟର ଚତୁଃପାର୍ଶ୍ୱକୁ ସଫା ରଖିବା ଏବଂ ବର୍ଜ୍ୟକୁ ପୃଥକ କରି ବିଏମ୍‌ସି ସଫା ଗାଡିକୁ ଦେବା ସହ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବା ଏବଂ ଭୁବନେଶ୍ୱର ଫାର୍ଷ୍ଟ ପାଇଁ ଦାୟିତ୍ୱ ସଠିକ୍ ଭାବେ ନିଭାଇବାକୁ ଶପଥ ଗ୍ରହଣ କରିଛନ୍ତି । ଏହି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ତିନୋଟି ଜୋନ୍‌ରୁ ୧୫୦ରୁ ଅଧିକ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ କମିଶନର ଶୁଭେନ୍ଦୁକୁମାରସାହୁମଂଚ ପରିଚାଳନା କରିଥିଲେ ।




**ମୋ ସହର, ମୋ ଦାୟିତ୍ୱ ମନ୍ତ୍ର ଦେଲେ**

## ମା' ଜାଗୁଲାଇ ଗଜଲକ୍ଷ୍ମୀ ପୂଜା କମିଟିର ପ୍ରସ୍ତୁତି ବୈଠକ

ତେଲେଙ୍ଗାପେଣ୍ଠ (ସବ୍ୟୁ) କଟକ ସଦର ଥାନା ଅନ୍ତର୍ଗତ ଢିଅନଛିପୁର ଗ୍ରାମର ମା, ଜାଗୁଳାଇ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ସଭାପତି ମହେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପୂଜାରେ ୪ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି । ଆସନ୍ତା ୨୮ ତାରିଖରୁ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୩ ତାରିଖରେ ମା'ଙ୍କ ଭଷାଣୀ ଶୋଭା ଯାତ୍ରା ସମାପନ କରାଯିବ ।ସୁନ୍ଦର ଆଲୋକ ସାଜସଜ୍ଜା ସାଙ୍ଗକୁ ମା'ଙ୍କୁ ଚାନ୍ଦି ମୁକୁଟ ଓ ଅଳଙ୍କାରେ ଶୁ ସଜ୍ଜିତ କରାଯିବଛ ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣ କରାଯିବ। ମା'ଗଜଲକ୍ଷ୍ମୀ ପୂଜା ଦିନ ସକାଳ ୯ ଟାରେ ଶତାଧିକ ମହିଳା କେଦାରେଶ୍ୱରଙ୍କ ପୁଷ୍କରିଣୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ କଳସ ସ୍ଥାପନ କରିବେ । ପ୍ରତିଦିନ ମଧ୍ୟାହ୍ନରେ ଗ୍ରାମବାସୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି । ଭଷାଣୀ ଦିନ ଅପରାହ୍ନରେ ମା, ଗଜଲକ୍ଷ୍ମୀଙ୍କ ମେଢ଼ ଗ୍ରାମ ପରିକ୍ରମା କରି ସାରିବା ପରେ ନଛିପୁର ସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ସନ୍ଧ୍ୟାରେ ମେଢ଼ ଶୋଭାଯାତ୍ରାରେ ଯାଇ ପହଞ୍ଚିବ ଛଗ୍ରାମର ସମସ୍ତ ମହିଳା ଏବଂ ଯୁବତୀ ମାନେ ମାଙ୍କ ମେଢ଼ ସହିତ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯିବେ । ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମକୁ ମାନି ଢିଅନଛିପୁର ମା,ଜାଗୁଳାଇ ଗଜ ଲକ୍ଷ୍ମୀ ପୂଜା କମିଟି ଚଳିତ ବର୍ଷ ଭଷାଣୀରେ ଡିଜେ ବଦଳ ପାରମ୍ପରିକ ବାଜା ,ନିଶାମୁକ୍ତ ଭଷାଣୀ କାର୍ଯ୍ୟ ସମାପନ କରିବ ବୋଲ ସଭାପତି ମହେନ୍ଦ୍ର କୁମାର ବେହେରା ,ସମ୍ପାଦକ ପ୍ରଦୀପ ଦାସ ବୈଠକରେ ସୂଚନା ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଉପ ସଭାପତି ରମାକାନ୍ତ ଦାସ, ଫକୀର ଚରଣ ଦାସ, ପ୍ରାଣ କୃଷ୍ଣ ଦାସ , ପ୍ରସନ୍ନ କୁମାର ଦାସଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ , ଯୁବକ, ଏବଂ ମୁରବୀ ମାନେ ଯୋଗ ଦେଇ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ

# ରାଜଭାଷା ସଂଗୋଷ୍ଠୀ ଓ ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ରାଜଭାଷା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦୀ ବିଚାର ସଂଗୋଷ୍ଠୀ ସହ ସେପ୍ଟେମ୍ବର ମାସରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଣ୍ଡଳ ମୁଖ୍ୟ ଶ୍ରୀ ମେହେର ହିନ୍ଦୀ ଏବଂ କ୍ଷେତ୍ରୀୟ ଭାଷାରେ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥି ସହିତ ସେ ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଦ୍ୱାରା ଆର୍ଥିକ ବର୍ଷ ୨୦୨୨-୨୩ ରେ ରାଜଭାଷା କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର ରାଜଭାଷା କିର୍ତ୍ତୀ ପୁରସ୍କାର ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କକୁ ପ୍ରାପ୍ତ ହୋଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ ଏବଂ ପିଏନ୍‌ବିର ସମସ୍ତ କର୍ମଚାରୀମାନଙ୍କୁ ଏହାର ଶ୍ରେୟ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ମହାନଦୀ କୋଲ ଫିଲ୍ଡସ ଲିଃର



ମହାପ୍ରବନ୍ଧକ ଏବଂ ନରାକାସ, ସମ୍ବଲପୁରର ସଦସ୍ୟ ସଚିବ କୃଷ୍ଣ ମୁରାରୀ ପ୍ରସାଦ କ୍ଷେତ୍ରୀୟ ଏବଂ ବ୍ୟବସାୟିକ ଭାଷା ରୂପରେ ହିନ୍ଦୀ ଭାଷାର ପ୍ରାଧାନ୍ୟ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ରୂପରେ ଉପସ୍ଥିତ ପ୍ରସିଦ୍ଧ ଶିକ୍ଷାବିତ୍ ଏବଂ ଓଡିଶା ଷ୍ଟେଟ୍ ଓପନ ୟୁନିଭର୍ସିଟି ସମ୍ବଲପୁରର ଅବସରପ୍ରାପ୍ତ କୁଳପତି ଡଃ ଜୟନ୍ତ କର ଶର୍ମା ହିନ୍ଦୀ ଏବଂ ଓଡିଆ ଭାଷାର ପାରସ୍ପରିକ ସମ୍ବନ୍ଧ ଉପରେ ନିଜର ମତାମତ ରଖିଥିଲେ। ହିନ୍ଦୀ ମାସ-୨୦୨୩ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ହିନ୍ଦୀରେ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ବିଭାଗଗୁଡିକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ରାଜଭାଷାର ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥୀ ମହାପାତ୍ର ସମାରୋହରେ ଉପସ୍ଥିତ ଅତିଥି ଏବଂ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଆନନ୍ଦ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍‌ଏସିର ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଭେଲିକି: ନାଳ, ନର୍ଦ୍ଦମା ଗଛଲଟାରେ ପରିପୂର୍ଣ୍ଣ

ହିନ୍ଦୋଳ, (ସବ୍ୟୁ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଠାରୁ ସପ୍ତାହେ ବ୍ୟାପି ସାରା ଦେଶରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ କ୍ରମ ଜରିଆରେ ରାସ୍ତା ପାର୍ଶ୍ୱ ପୋଖରୀ ଡାକ୍ତର ଖାନା ପରିସର, ନାଳ ନର୍ଦ୍ଦମା ଆଦିକୁ ମିଳି ମିଶି ସଫା ସୁତୁରା କରିବାର ଲକ୍ଷ ରଖି ସରକାରଙ୍କ ପକ୍ଷରୁ ଏନେଇ ପୂର୍ବ ଘୋଷଣା ନାମା କରାଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଦିନ ନାମ ମାତ୍ର କେତେ ଜଣ କର୍ମଚାରୀ ତଥା କେତେକ ରାଜନେତା ମିଳି ମିଶି ସ୍ଥାନୀୟ ଡାକ୍ତର ଖାନା ପରିସରକୁ ସଫେଇ କରି ସାରି କାର୍ଯ୍ୟକ୍ରମର ସଫଳତା ନେଇ ବାହା ବାହା ନେଉ ଥିବା ବେଳେ ଏପଟେ ଏନ୍‌ଏସି ଅନ୍ତର୍ଗତ ୩ ନଂ ୱାର୍ଡ ବସ ଷ୍ଟାଣ୍ଡ ଛକ ରାସ୍ତା ପାର୍ଶ୍ୱ ମୁକୁଳା ଡ୍ରେନ ପୂର୍ବ ଭଳି ପୋତି ଗନ୍ଧ ମୟ ପରିବେଶ ମଧ୍ୟରେ ପଡ଼ି ରହିଥିବା ଦେଖା ଯାଇଥିଲା । ଏନ୍‌ଏସି ନିର୍ବାଚନର ତୃତୀୟ କ୍ଷେପ ପରଠାରୁ ଉକ୍ତ ଡ୍ରେନ ଆଦୌ ସଫା ହୋଇ ନଥିବା ସଂସ୍ଥାର କାର୍ଯ୍ୟ ଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସେହି ଭଳି ୨ ନଂ ୱାର୍ଡ ଜେଲ ରୋଡ ମୁଖ୍ୟ ରାସ୍ତା ପାର୍ଶ୍ୱ ଡ୍ରେନକୁ ଗତ ଦୁଇ ମାସ ତଳେ ସର୍ଭିସ୍ ପ୍ରୋଭାଇଡରଙ୍କ ଉପସ୍ଥିତିରେ ସଫେଇ



କର୍ମଚାରୀମାନେ ଲଟା, ଡାଳ ଇତ୍ୟାଦି କାଟି ଅଧା ସଫା କରି ପକେଇ ରଖିଥିବା ବେଳେ ସେଥିପ୍ରତି କର୍ତ୍ତୃପକ୍ଷ କି ଠିକା ସଂସ୍ଥା ସୁପରଭାଇଜର ଙ୍କର ଆଦୌ ଦୃଷ୍ଟି ପଡ଼ିପାରୁନାହିଁ । ଫଳରେ ଡ୍ରେନର ଉପରି ଭାଗ ଆଡ଼କୁ ଘଞ୍ଚ ଲଟା ବୁଦା ମାଡ଼ି ଯାଇ ବିଷଧର ସାପ ମାନଙ୍କ ବିଚରଣ ସ୍ଥଳ ପାଲଟି ଯାଇଛି । ଏହାକୁ ନେଇ ପଥଚାରୀ ଓ ଅଞ୍ଚଳବାସୀଙ୍କ ମନରେ ଭୟ ସଞ୍ଚାରିତ ହେଉଛି । ଗତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ବାହାବାହା ନେବା ପାଇଁ ଠିକା ସଂସ୍ଥାର କର୍ମଚାରୀ ଜଣଙ୍କ କେତେକ ଅଧିକାରୀଙ୍କ ଘର ବାଡି ଘାସ କଟା ଯନ୍ତ୍ର ସାହାଯ୍ୟରେ ଜଣେ ଦୁଇ ଜଣ ସଫେଇ କର୍ମଚାରୀଙ୍କୁ ନେଇ ସଫା କରିଥିଲେ । ସେହିଭଳି ହାତଗଣତି କେତୋଟି ୱାର୍ଡର ରାସ୍ତା ପାର୍ଶ୍ୱ ଅନାମନା ଘାସ ଗଛ ଇତ୍ୟାଦି କାଟି ତା ପର ଦିନ ଠାରୁ ମେସିନ୍‌କୁ ଥୋଇ ଦେଇଥିଲେ । ଏଥିରୁ ଏନ୍‌ଏସି ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥା କେତେ ସ୍ୱଚ୍ଛ ବୁଝା ପଡେ । ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମକୁ ନେଇ ଏନ୍‌ଏସିବାସୀ ଆରମ୍ଭରୁ ସଂସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଚାଲିଥିଲେ ହେଁ ଏଠି ପ୍ରତି କର୍ତ୍ତୃପକ୍ଷ ଭ୍ରୁକ୍ଷେପ କରୁନଥିବା ମନେ ହୁଏ ।

# ଅଜଣା ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ଠାବ

ରାସୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ବ୍ରାହ୍ମଣିଆପାଳ ରାସ୍ତା ପାର୍ଶ୍ୱରେ ଥିବା କାଜୁ ବଗିଚାରୁ ମିଳିଛି ଜଣେ ବ୍ୟକ୍ତିଙ୍କର ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ । ସେହି ମୃତଦେହରୁ ଦୁର୍ଗନ୍ଧ ବାହାରିବାରୁ ଗାଈ ଓ ଛେଳିଚରାଳିଙ୍କ ଠାରୁ ଖବରପାଇ ଥିଲେ ଗ୍ରାମବାସୀଛି ଗ୍ରାମବାସୀ ମାନେ ରାସୋଳ ପୋଲିସ କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପହଞ୍ଚିଥିଲେ ରାସୋଳ ପୋଲିସ । ମୃତ ଦେହ ଟି ପଚିସଢି ଯାଇଥିବାରୁ ଶବକୁ ଚିହ୍ନଟ କରିହେଉନାହିଁ । ଅନୁମାନ କରାଯାଉଛି ଲୋକଟିକୁ ମାରି କେହି ଏହି ସ୍ଥାନରେ ଫିଙ୍ଗି ଦେଇଛି । ରାସୋଳ ପୋଲିସ ତଦନ୍ତ ଜାରି ରଖିଛି ।

# ଜାତୀୟ ରାଜପଥରେ ପୁଣି ଗଡ଼ିଲା ମୁଣ୍ଡ

ବଅଁରପାଳ, (ସବ୍ୟୁ): ୫୫ନଂ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ଟ୍ରକ ଚାଳକଙ୍କ ବେପରୁଆ ଚାଳନା ଯୋଗୁଁ ପ୍ରତି ଦିନ ଦୁର୍ଘଟଣା ଘଟି ନିରିହ ଲୋକ ମୃତ୍ୟୁବରଣ କରୁଛନ୍ତି । ଘଟଣାରୁ ପ୍ରକାଶ ରବିବାର ରାତିରେ ବନ୍ଧା ଗ୍ରାମର ପ୍ରତାପ କୁମାର ସାହୁ (୪୬) ନିଜର ବାଇକି ଯୋଗେ ନାଲକୋ ରୁ ଘରକୁ ଫେରୁଥିବା ସମୟରେ ଅନୁଗୁଳ ପଟୁ ଆସୁଥିବା ଏକ ଟ୍ରକ ୫୫ନଂ ଜାତୀୟ ରାଜପଥ ବଅଁରପାଳ ହାଟ ଛକଠାରେ ପ୍ରତାପ କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଇ, ଏସ୍, ଆଇ, ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଟ୍ରକ ଡ୍ରାଇଭର ଦ୍ରୁତ ଗତି ଓ ବେପରୁଆ ଗାଡ଼ି ଚାଳନା ପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ବଅଁରପାଳ ଥାନା ପୋଲିସ ଆଜି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଟ୍ରକକୁ ଜବତ କରି ତଦନ୍ତ କରୁଛନ୍ତି ।

# ବାଲ୍ୟବିବାହ ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ




ଠାକୁରଗଡ଼/ବଇଣ୍ଡା, (ସବ୍ୟୁ): ଦିନ ବିଶ୍ୱ ଯୁବ କେନ୍ଦ୍ର, ଦ୍ୱାରା କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ ସହାୟତାରେ ପରିଚାଳିତ କାର୍ଯ୍ୟକ୍ରମ ଆକ୍ସେସ ଟୁ ଜଷ୍ଟିସ ତରଫରୁ ବିଗତ ୧୬ ସେପ୍ଟେମ୍ବରରୁ ଚାଲିଥିବା ବାଲ୍ୟବିବାହ ବିରୋଧି ଅଭିଯାନ ଅବସରରେ ସୋମବାର ଦିନ ବଇଣ୍ଡା ରେଳଷ୍ଟେସନ ଠାରେ ଏକ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୬.୩୦ ସମୟ ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଷ୍ଟେସନ ଠାରେ ଅଟକୁଥିବା ସମ୍ବଲପୁର ଇଣ୍ଟରସିଟି, ରାଉରକେଲା ଭୁବନେଶ୍ୱର ଇଣ୍ଟରସିଟି ଓ ଭୁବନେଶ୍ୱର ବଲାଙ୍ଗୀର ଇଣ୍ଟରସିଟି ଟ୍ରେନରେ ଯାତ୍ରା ପାଇଁ ଆସୁଥିବା ବଇଣ୍ଡା, କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳର ଯାତ୍ରୀ ମାନଙ୍କର ଦସ୍ତଖତ ସଂଗ୍ରହ କରାଯାଇ ସଚେତନତା କରାଯିବା ସହ ବାଲ୍ୟ ବିବାହ କୁ ବନ୍ଦ କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ତରଫରୁ ପ୍ରଚାରପତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ରେଳଷ୍ଟେସନର କର୍ତ୍ତୃପକ୍ଷର ସାହାଯ୍ୟ ଓ ସହଯୋଗ କରିଥିବା ବେଳେ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ପୂଜା ସ୍ୱାଇଁ, ଦୀପକ ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ପରିଚାଳନା ଅଭିଷେକ ମହାପାତ୍ର କରିଥିଲେ ।

# ରକ୍ତଦାନ ଶିବିର: ୫୫ ୟୁନିଟ ରକ୍ତ ସଂଗ୍ରହ

ସାଉଥବଲଣ୍ଡା, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବିଜୁ ଜନତା ଦଳ, ତାଳଚେର, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ,ଏମସିଏଲ ଓ ଶ୍ରୀ ଶ୍ରୀ ଆତ୍ମା ଭଗବାନ ସେବା ସମିତି ପକ୍ଷରୁ ରେଡ଼କ୍ରସ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ତାଳଚେର ସାଉଥବଲଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଓଆଇଏସଏଫ୍ ଇନିସପେକ୍ଟର ମହମ୍ମଦ ସରାଫଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ୨୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ରୀତାରାଣୀ ଦାସ ଉକ୍ତ ଶିବିରରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ତାଳଚେର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂସ୍ଥାର ସବ୍ ଇନିସପେକ୍ଟର ଜୟନ୍ତ କୁମାର ଜେନା,ହାବିଲଦାର ସଞ୍ଜୟ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ରକ୍ତଦାନ ଶିବିର ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ସହି ସହଯୋଗ ପ୍ରଦାନ କରିଥିଲେ।

# ଶିକ୍ଷୟିତ୍ରୀଙ୍କ ଠାରୁ ସୁନା ଚେନ୍ ଓ ସ୍କୁଟି ଚାବି ଛଡ଼ାଇ ନେଲେ ଦୁର୍ବୃତ୍ତ

ରାସୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବୁହାଳିପାଳ ପଶାସିଂହ ରାସ୍ତାରେ ଘଟିଛି ଲୁଟପାଟ । ଆଜି ସକାଳେ ସରକାରୀ ଉପ୍ରା ବିଦ୍ୟାଳୟ ପଶାସିଂହ ର ଶିକ୍ଷୟତ୍ରୀ ଅଞ୍ଜଳୀବାଳା ସାହୁ ସବୁଦିନ ପରି ବିଦ୍ୟାଳୟ କୁ ଯିବା ସମୟରେ କେତେଜଣ ଯୁବକ ତାଙ୍କୁ ପିଛା କରି ନିଛାଟିଆ ରାସ୍ତାରେ ତାଙ୍କ ସ୍କୁଟିକୁ ଗୋଇଠା ମାରି ପକାଇଦେଇଥିଲେ । ଶିକ୍ଷୟତ୍ରୀ ଜଣଙ୍କ ପଡ଼ିଯିବା ପରେ ତାଙ୍କ ଗାଡିଚାବି ଏବଂ ପିନ୍ଧିଥିବା ସୁନାଚେନ ନେଇ ଫେରାର ହୋଇଯାଇଛନ୍ତି । ଶିକ୍ଷୟତ୍ରୀ ଜଣଙ୍କ ଆଜି ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାପଡିଛି । ରାସୋଳ ଥାନା ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଲୋକମାନଙ୍କ ମନରେ ନିଛାଟିଆ ସ୍ଥାନମାନଙ୍କରେ ଜିବାଆସିବା ପାଇଁ ଭୟର ବାତାବରଣ ଦେଖାଦେଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ଆଠମଲ୍ଲିକରେ ରକ୍ତଦାନ ଶିବିର

ଆଠମଲ୍ଲିକ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ୭୮ ତମ ଜନ୍ମଦିବସ ଉପଲକ୍ଷେ ଆଠମଲ୍ଲିକ ଯୁବ ସଂଗଠନ ତରଫରୁ ଆଜି ଆଠମଲ୍ଲିକ ଟାଉନ ହଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ଡାଙ୍ଗ ଯୋଗ ଦେଇ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସଂମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ଦାଶ ଯୋଗଦେଇଥିଲେ । ତତ ପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା । ଡାକ୍ତର ଅଭିଲିପ୍ସା ଦାଶ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ରକ୍ତଭଣ୍ଡାର କର୍ମଚାରୀ ନର୍ସିଙ୍ଗ ଅଫିସର ସ୍ନିଗ୍ଧାରାଣୀ ସିଂ, ରବୀନ୍ଦ୍ରନାଥ ମହାନ୍ତି, ସୁଶାନ୍ତ ସାହୁ, ପୁରୁଷୋତ୍ତମ କେଶରୀ, ରାକେଶ ଦତ୍ତ, ମୁକେଶ ଦେହୁରୀ, ମିନକେତନ ରାଉଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସର୍ବମୋଟ ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଖ ପାଖ ଅଂଚଳର ବହୁ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଦାନନ୍ଦ ଦନ୍ତା, ହୁସେନ ମହମ୍ମଦ, ମନରଞ୍ଜନ ପାଣିଗ୍ରାହୀ, ଦିନେଶ ସିଂ ସାମନ୍ତ,ଅମରେଶ ମହାକୁଡ଼, କୁନା ବିଶ୍ୱାଳଙ୍କ ସମେତ ଆଠମଲ୍ଲିକ ର ବହୁ ଯୁବକ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଯୁବ ସଂଗଠନର ଏପରି ମହତ କାର୍ଯ୍ୟକ୍ରମକୁ ଜନସାଧାରଣରେ ପ୍ରଶଂସା କରାଯାଉଛି ।

# ବନ୍ତଳାରେ ରକ୍ତଦାନ ଶିବିର: ୫୩୦ ୟୁନିଟ ସଂଗୃହୀତ




ଅନୁଗୋଳ, (ସବ୍ୟୁ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଅନୁଗୋଳ ବ୍ଲକ ଅନୁଗୋଳ ନିର୍ବାଚନ ମଣ୍ଡଳୀର ମିଳିତ ଆନୁକୂଲ୍ୟରେ ବନ୍ତଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ୫୩୦ ୟୁନିଟ ସଂଗୃହୀତ ହୋଇଥିଲା । ଅରୁଣାଭ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବିଧାୟକ ତଥା ଓଡିଶା ବିଧାନସଭା ଉପ-ବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବନ୍ତଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଚରଣ ସାହୁ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦେହୁରୀ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଜିଲ୍ଲା ବିଜେଡି ଉପ-ସଭାପତି ଭାଗିରଥି ମାଝୀ, ବାଉରିବନ୍ଧୁ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ସରପଞ୍ଚ ଜ୍ୟୋର୍ତିମୟୀ ଦେହୁରୀ, ଯୋନ ପର୍ଯ୍ୟବେକ୍ଷକ ହରିହାର ସାହୁ, ଧରଣୀଧର ସାହୁ, ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, ଅନୁଗୋଳ ବ୍ଲକ ଯୁବ-ଛାତ୍ର-ମହିଳା ବିଜେଡି ସଭାପତି ଓ କମିଟି ସଦସ୍ୟ ବୃନ୍ଦ, ପଞ୍ଚାୟତ ସ୍ତରୀୟ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଗୋଳ ବ୍ଲକ ବ୍ୟାଙ୍କ ଡ଼ଃ ସତ୍ୟବ୍ରତ ପଟ୍ଟଯୋଶୀଙ୍କ ନେତୃତ୍ୱରେ ରକ୍ତ ଶିବିର ପରିଚାଳନା ହୋଇଥିଲା ।

# ଦୋସିଙ୍ଗାରେ କ୍ଲଷ୍ଟରସ୍ତରୀୟ ସୁରଭି

ଧାମରା,(ସବ୍ୟୁ):ସ୍ଥାନୀୟ ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୩ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାଶ ଏଥିରେ ଅଧକ୍ଷତା କରିଥିଲେ। ଆୟୋଜିତ ଉଦ୍ଘାଟନୀ ପର୍ବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସୁକୁମାର ଯେନା, ସୁସାହିତ୍ୟିକ ଶିବପ୍ରସାଦ ରାଉତ, ସ୍ଥାନୀୟ ସରପଂଚ ରାମକୃଷ୍ଣ ଜେନା, ପରିଚାଳନା ସମିତିର ସଭାପତି ବିଷ୍ଣୁପଦ ମାଇତି, ସମାଜସେବୀ ପ୍ରତାପ କୁମାର ରାଉତ,ଅବ୍ଦୁଲ ରହେମନ୍ ଅଲ୍ଲୀ ସାହା, ପୂର୍ଣ୍ଣଚନ୍ଦ୍ର ପାଲ, ବଲ୍ଲଭ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଭାବାନ୍ ଶିଶୁ ବିକଶିତ ରାଷ୍ଟ୍ରର ମୂଳାଧାର ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସାଧନ କେନ୍ଦ୍ରର ସଂଯୋଜକ ଧନପତି ମାନ୍ନାଙ୍କ ସଂଯୋଜନାରେ ବିଭିନ୍ନ ବର୍ଗର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। କୃତ ପ୍ରତିଯୋଗୀମାନଙ୍କୁ ଉଦ୍ଯାପନୀ ପର୍ବରେ ପ୍ରାକ୍ତନ ସଂଯୋଜକ ଅଭିମନ୍ୟୁ ନାୟକ,ବରିଷ୍ଠ ଶିକ୍ଷକ ଗୁରୁପଦ ମାଇତିଙ୍କ ସମେତ ମଂଚାସୀନ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ କବି ମାନସ କୁମାର ପାଢ଼ୀଙ୍କ ବଳିଷ୍ଠ ସଂଯୋଜନାରେ ଶିଶୁ ପ୍ରତିଭାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା । ଶିକ୍ଷକ ସୁମନ୍ତ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷକମାନଙ୍କ ସହିତ ପରିଚାଳନା ସମିତିର ସଭ୍ୟ ସଭ୍ୟାମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଜୁ ଯୁବ ଛାତ୍ର ଜନତା ଦଳର ସାଂଗଠନିକ ବୈଠକ

ଆନନ୍ଦପୁର , (ସବ୍ୟୁ): ଆନନ୍ଦପୁର ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଆନନ୍ଦପୁର ବାସଭବନ ସଭାଗୃହରେ ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବ୍ଲକ ଯୁବ ଛାତ୍ର ଜନତା ଦଳ ସଭାପତି ବିଶ୍ୱରଞ୍ଜ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଆନନ୍ଦପୁର ବିଧାନ ଭାଗିରଥି ସେଠୀ କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ, ସମ୍ପାଦକ ସତ୍ୟବ୍ରତ ରାମ, ଆନନ୍ଦପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର ପଲେଇ,ଯୁବ ବିଜେଡି ସଭାପତି ଜିତେନ୍ଦ୍ର ସାମଲ,୭ନମ୍ବର କାଉନସିଲର କୃଷ୍ଣଚନ୍ଦ୍ର ରଣା, ଉତ୍ତର ଓଡ଼ିଶା ଜୋନ ଯୁବ ବିଜେଡି ଉପସଭାପତି ଭୁବନଭବେଶ ସେଠୀ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ୨୦୨୪ର ନିର୍ବାଚନ ପାଇଁ ଦଳର ଆଭିମୁଖ୍ୟ ସମ୍ପର୍କରେ କର୍ମକର୍ତ୍ତା ମାନଙ୍କୁ ନେତୃବୃନ୍ଦ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକର ୧୫ଗୋଟି ପଞ୍ଚାୟତର ଯୁବ ବିଜେଡି ଓ ଛାତ୍ର ବିଜେଡ଼ି ଜନତା ଦଳର କର୍ମକର୍ତ୍ତା,ଆଇଟି ସଂଯୋଜକ ମାନେ ଉପସ୍ଥିତ ରହିଥିଲେ। ଆଗାମୀ ୨୦୨୪ର୍ନିବାଚନ ପାଇଁ ଯୁବ ଓ ଛାତ୍ର ସଂଗଠନର ପ୍ରମୁଖ ଭୂମିକା ନେଇଥିବା ବେଳେ ସାମାଜିକ ଗଣମାଧମରେ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମକୁ ନେଇ ସଚେତନତା ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ ଆହ୍ୱାନ ଦେଇଥିଲେ।

# ମେଗା ରକ୍ତଦାନ ଶିବିର



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍ ପରିସରରେ ଥିବା ଅଡିଟରୀୟମ ହଲ୍ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ ତମ ଜନ୍ମତିଥି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏକ ବିଶାଳ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳ ୯ ଘଟିକା ସମୟ ରେ ଓଡ଼ିଶା ସରକାରଙ୍କ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶିବିର କୁ ଫିତା କାଟି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦ ମହେଶ ସାହୁ,କାମାକ୍ଷାନଗର ଏନ୍‌ଏସି ନଗରପାଳ ଧର୍ମାନନ୍ଦ ପରିଡା, ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଯୋଗ ଦେଇଥିଲେ। ଏହି ମେଗା ରକ୍ତଦାନ ଶିବିର ରେ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

# ବଜ୍ରକୋଟ ପଞ୍ଚାୟତରେ ବିଜେଡ଼ିର ଜନସଂପର୍କ ପଦଯାତ୍ରା

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଜ୍ରକୋଟ ପଂଚାୟତ ଠାରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସାଧାରଣ ସଂପାଦକ ହିମାଚଳ ପଣ୍ଡାଙ୍କ ତ୍ୱାବଧାନରେ ଆୟୋଜିତ ପଦଯାତ୍ରାରେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ ଏବଂ ସାଧାରଣ ଜନତା କିଭଳି ତାର ସୁଫଳ ପାଇବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ପଦଯାତ୍ରାରେ ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ସାହୁ ,କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁ , କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ଛାତ୍ର ସଭାପତି ସଂଜୟ ସାମଲ, ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସୀମାଚଳ ପଣ୍ଡା, ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠି, ସମିତି ସଭ୍ୟା ସଂଯୁକ୍ତା ନାଏକ, କୁଲୁମା ସରପଞ୍ଚ ଦୀପି ବେହେରା, ଦଳକ ସମିତି ସଭ୍ୟ ଦୀପକ ସେଠି, କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମହେଶ୍ୱର ସାମଲ, ସମବାୟ ନିର୍ଦ୍ଦେଶକ କରୁଣାକର ପ୍ରଧାନ , ବିଜେଡ଼ି ପଂଚାୟତ ସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମହର୍ଗା ସ୍ୱାଇଁ, ଜୟନ୍ତ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ସାହୁ, ପ୍ରଦୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

# ଫକୀରମୋହନ ସ୍ୱୟଂଶାସିତ କଲେଜରେ ଏବିଭିପି କ୍ୟାମ୍ପସ୍ ଶାଖା ଘୋଷଣା

ବାଲେଶ୍ୱର, (ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ କ୍ୟାମ୍ପସ ଶାଖା ଘୋଷଣା କରାଯାଇଛି । ଏଥିରେ ସଭାପତି ଭାବେ ଅର୍ଥନୀତି ବିଭାଗର ଛାତ୍ର ଆର୍ଯ୍ୟପୁତ୍ର ଆଚାର୍ଯ୍ୟ ଏବଂ ସମ୍ପାଦକ ଭାବେ ହିନ୍ଦୀ ବିଭାଗର ଛାତ୍ର ନିଖିଳ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ଯୁକ୍ତ ୨ରେ ସଭାପତି ଭାବେ ସାଗର ଦାସ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ । ଏବିଭିପି ପକ୍ଷରୁ ଦାୟିତ୍ୱ ଘୋଷଣା ପରେ କାର୍ଯ୍ୟକର୍ତ୍ତାମାନେ ଆତସବାଜି ସହ ଖୁସି ମନାଇ ଥିଲେ । ପରେ ସଭାପତି ଏବଂ ସମ୍ପାଦକଙ୍କ ସହିତ କ୍ୟାମ୍ପସ ଶାଖାର ଅନ୍ୟ ମନୋନୀତ ପ୍ରତିନିଧିମାନେ କ୍ୟାମ୍ପସ ବୁଲି ଅନ୍ୟ ଛାତ୍ରଛାତ୍ରୀଙ୍କ ଠାରୁ ସହଯୋଗ କାମନା କରିବା ସହିତ କ୍ୟାମ୍ପସରେ ସମସ୍ତ ଶୈକ୍ଷିକ ଓ ପାରିପାର୍ଶ୍ୱିକ ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟାନ୍ୟ ସାଂଗଠନିକ , ଆୟାମ ଓ ଗତିବିଧିର ଦାୟିତ୍ୱ ଗ୍ରହଣ କରିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଶ୍ରିୟା ପାଢ଼ୀ, ପ୍ରିୟଙ୍କା ଦାସ, ସୁଜୟ ମଣ୍ଡଳ, ସ୍ମୃତିଶ୍ରୀ ସାହୁ, ସୌମ୍ୟସାଇ ବାରିକ, ଦିପକ ତ୍ରିପାଠୀ, ସତ୍ୟଜିତ ଓଝା, ସତ୍ୟରଂଜନ ପ୍ରଧାନ, କମଳାକାନ୍ତ ମଲିକ, ଲିପିକା ବେହେରା, ସ୍ୱାଗତମୀ ପାତ୍ର, ସ୍ୱପ୍ନାରାଣୀ ନାୟକ,ସୀତା ମଣ୍ଡଳ, ମାମାଶ୍ରୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାର୍ଥୀ ପରିଷଦ ତରଫରୁ ବିଭାଗ ଏସ୍‌ଏଫ୍‌ଡି ସଂଯୋଜକ ଶୁଭ୍ର ସମ୍ବିତ ନାୟକ, ଜିଲ୍ଲା ସହସଂଯୋଜକ ସନ୍ଦିପ କୁମାର ମହାରଣା, ସହସଂଯୋଜିକା ସ୍ୱାତି ସାଗରିକା ଦେ, ବିଭାଗ ସାମାଜିକ ଗଣମାଧମ ସଂଯୋଜକ ଗୋପିବଲ୍ଲଭ ରାଉତ, ଗଣମାଧମ ସହସଂଯୋଜକ ବାସୁଦେବ ପାଣିଗ୍ରାହୀ, ବିଭାଗ ସଂଗଠନ ସମ୍ପାଦିକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ଛାତ୍ର ପ୍ରତିନିଧି ଏବଂ ଛାତ୍ରଛାତ୍ରୀମାନଙ୍କୁ ପରିଷଦର ବିଚାରଧାରା ଏବଂ ଲକ୍ଷ୍ୟ ବିଷୟରେ ଅବଗତ କରିବା ସହିତ କ୍ୟାମ୍ପସରେ ଉପୁଜୁଥିବା ସମସ୍ୟାର ଶୃଙ୍ଖଳିତ ସମାଧାନ ପାଇଁ ପ୍ରେରଣା ଯୋଗାଇଥିଲେ ।

# ସହୀଦ ମେମୋରିଆଲ ଫୁଟବଲ: ଜିଲିଣ୍ଡା ଚାମ୍ପିଅନ



ତାଳଚେର, (ସବ୍ୟୁ): ପ୍ରଥମ ସହୀଦ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଂଟ୍ ଦେଉଳବେଢ଼ା ଗ୍ରୀନଗ୍ରାସ୍ ଷ୍ଟାଡ଼ିୟମରେ ସମ୍ପୂର୍ଣ୍ଣ ହୋଇଯାଇଛି। ତା ୦୯/୧୦/୨୦୨୩ରୁ ଆରମ୍ଭ ହୋଇ ୧୫/୧୦/୨୦୨୩ ଫାଇନାଲ ମ୍ୟାଚ୍‌ରେ ଜିଲିଣ୍ଡା ଓ ନରହରି ପୁର ମଧ୍ୟରେ ଆୟୋଜିତ ହୋଇଥିଲା ଓ ଏଥିରେ ଜିଲିଣ୍ଡା ଚମ୍ପିଆନ୍ ହୋଇଥିବା ବେଳେ ନରହରିପୁର ରନର୍ସ ହୋଇଛି। ମୁଖ୍ୟ ଅତିଥିଭାବେ ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ସମ୍ମାନୀୟ ଅତିଥିଭାବେ ଲିଙ୍ଗରାଜ ପିଓ ଦୁଷ୍ମନ୍ତ ପ୍ରଧାନ, ବିଶ୍ୱନାଥ ଘୋଷ, ସୁରେନ୍ଦ୍ର ଶର୍ମା, ମନୋରଞ୍ଜନ ପ୍ରଧାନ, ଅଶୋକ ସାମନ୍ତ ,ସୁବାଷ ସାହୁ, ଚୈତନ୍ୟ ପ୍ରଧାନ, ଭରତ ଭୂତିଆ, ସୌଭାଗିନୀ ଦାସ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସହୀଦ ଦିବାକର ଗଡ଼ନାୟକ, ରଞ୍ଜନ ମହାନ୍ତି ଓ ରାଣାପ୍ରତାପ ଦାସଙ୍କ ସ୍ମୃତୀରେ ଏହି ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା। ଗ୍ରୀନଗ୍ରାସ୍ ଷ୍ଟାଡ଼ିୟମ କ୍ଲବର ସଭାପତି ହରେଶ ଦାସ, ସମ୍ପାଦକ ଚନ୍ଦନ ପ୍ରଧାନ, କମଳଲୋଚନ ସାହୁ, କୋଷାଧ୍ୟକ୍ଷ ପ୍ରହ୍ଲାଦ ପରିଡ଼ା, ତାରା ସିଂହ, ଗମା, ଅରୁଣ ଗଡ଼ନାୟକ, ଗୋପାଳ, ବୀରବର ସାହୁ, ଖୀରୋଦ ପଟ୍ଟନାୟକ, ହରେଶ ସାହୁ, ଗଗନ ସାହୁ ଓ ପ୍ରକାଶ ମହାରଣା ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗର ହାତ ବଢ଼ାଇଥିଲେ।

# ମୋ ମାଟି,ମୋ ଦେଶ କାର୍ଯ୍ୟକ୍ରମ

କରଞ୍ଜିଆ , (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ବାଟପଳସା ପଞ୍ଚାୟତ ଶଳରାପଦା ମା ଠାକୁରାଣୀ ବାସୁକୀଶାଳ ଓ ବାଉଳୀ ଶାଳ ଠାରେ 'ମୋ ମାଟି,ମୋ ଦେଶ' ଅମୃତ କଳସ ଯାତ୍ରା କରଞ୍ଜିଆ ଗ୍ରାମୀଣ ମଣ୍ଡଳ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମଦନମୋହନ ମହାନ୍ତ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଯୁଗଳ ନାଏକ,କୁନା ମହାନ୍ତ, ଜିଲ୍ଲା ସମ୍ପାଦିକା ସୁନାମଣୀ ହୋଙ୍କ ନେତୃତ୍ୱରେ ବହୁ ଗ୍ରାମୀଣ ସ୍ତରୀୟ ନେତା ଓ କର୍ମୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବିଜେପି କର୍ମୀଙ୍କ ଦ୍ୱାରା ଦେଶର ସହିଦ୍ ମାନଙ୍କ ସ୍ମୃତିରେ କର୍ତ୍ତବ୍ୟ ପଥରେ ହେବାକୁ ଥିବା ଅମୃତ ବାଟିକା ପାଇଁ ଦେଶର ପ୍ରତ୍ୟେକ ଗୃହରୁ ଅମୃତ କଳସରେ ପବିତ୍ର ମାଟି ସଂଗ୍ରହ ଅଭିଯାନ ଏହି 'ମୋ ମାଟି ମୋ ଦେଶ ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ଫଳପ୍ରଦ କରିବା ପାଇଁ ବିଜେପିର ନେତୃବୃନ୍ଦ ଆଜିଠାରୁ ମାଟି ସଂଗ୍ରହ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ମହାନ୍ତି।

# ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ ପାଳନ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି । କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ ବ୍ଲକ୍‌ର କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠାନର ଉପସଭାପତି କୋଦଣ୍ଡଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ସାହୁ ଯୋଗଦେଇ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ଏହି ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ବିଶିଷ୍ଟ ବ୍ୟକ୍ତିବେଶେଷ, ସଫଳ ଚାଷୀ, ପୂର୍ବତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଉଦ୍ୟମକୁ ଭୂୟସୀ ପ୍ରଶଂସା କରି ଅନୁଷ୍ଠାନର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ବିଶେଷକରି ମାତୃଶକ୍ତି ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା କିପରି ଗ୍ରାମାଂଚଳରେ ସଫଳ ଭାବେ କାର୍ଯ୍ୟକାରୀ ହୋଇପାରୁଛି ତାହା ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଢେଙ୍କାନାଳ ସାଂସଦ ମହେଶ ସାହୁ ତାଙ୍କ ବକ୍ତବ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘ ଜୀବନ କାମନା କରିବା ସହିତ ଭାରତବର୍ଷରେ ୧ ନମ୍ବର




ମୁଖ୍ୟମନ୍ତ୍ରୀଙ୍କର ମାନ୍ୟତା କେବଳ ସ୍ୱଚ୍ଛ ଶାସନ ଏବଂ ଲୋକପ୍ରିୟତା ପାଇଁ ହୋଇପାରିଛି ବୋଲି କହିଥିଲେ । ଆଜିର ଦିନରେ ସାଢେ ଚାରିକୋଟି ଜନମାନସରେ ମୁଖ୍ୟମନ୍ତ୍ରୀ ନିଜର ଦକ୍ଷତା ବଳରେ ପ୍ରତିଟି ଜନମାନସରେ ନିଜକୁ ପରିଚିତ କରାଇ ପାରିଛନ୍ତି । ଯାହାକି ଅନ୍ୟ କୌଣସି ନେତାଙ୍କ ପାଖରେ ମିଳିବା ଅସମ୍ଭବ । ଏହା କେବଳ ନବୀନ ବାବୁଙ୍କ ସରଳ, ନିଷ୍କପଟ ଓ ଲୋକପ୍ରିୟତା ପାଇଁ ଆଜି ସମ୍ଭବ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡଃ. ପୁଷ୍ପଲତା ରଥ ତାଙ୍କ ବକ୍ତବ୍ୟରେ ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ବିଭିନ୍ନ ସମୟରେ ମହାପୁରୁଷମାନଙ୍କର ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ କୃତକାର୍ଯ୍ୟ କରିଥିବା ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ଏହି ଅନୁଷ୍ଠାନ କ୍ରମାନୁସାରେ ଜିଲ୍ଲାରେ ଲୋକମାନଙ୍କର ଆସ୍ଥାଭାଜନ ହୋଇପାରିଛି । ଅନ୍ୟମାନଙ୍କ ମଧ୍ୟରେ କଙ୍କଡାହାଡ ବ୍ଲକ୍ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, କାମାକ୍ଷାନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ବ୍ଲକ୍ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍.ଏ.ସି. ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପରଜଙ୍ଗ ଜିଲ୍ଲାପରିଷଦ ସଦସ୍ୟ ନୀରାକାର ପ୍ରଧାନ, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ବ୍ୟତୀତ କଙ୍କଡାହାଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ବ୍ଲକ୍ ଶିକ୍ଷାଧିକାରୀ ସାଗର ଟୁଡୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଏବଂ ବ୍ଲକ୍‌ର ସମସ୍ତ ଜିଲ୍ଲାପରିଷଦ ସଦସ୍ୟ, ସରପଂଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତଥିଲେ । ଏହି କାର୍ଯ୍ୟକ୍ରମରେ ୨୧ଟି ପଂଚାୟତର ସଫଳ କୃଷକ, ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଓ ରାଜନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ଆମ ପ୍ରତିଭା ଆମ ସମ୍ମାନର ସଂପାଦକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଆୟୋଜନରେ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ସ୍ଥାନୀୟ ଶିବ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭୁବନ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ଆମ ପ୍ରତିଭା ଆମ ସମ୍ମାନର ସଂପାଦକ ଧର୍ମାନନ୍ଦ ବରାଳ ବିବରଣୀ ପାଠ କରିଥିବା ବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୨/୨୨)

-ସାଂଖ୍ୟଯୋଗଃ-

(ଶ୍ରୀଭଗବାନୁବାଚ )

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ॥ ୨୨ ॥
(ନନୁ ଆତ୍ମନଃ ଅବିନାଶେଽପି ତଦୀୟଶରୀରନାଶଂ ପର୍ଯ୍ୟାଲୋଚ୍ୟ
ଶୋଚାମାତି ଚେତ୍ ତତ୍ରାହ)- ଯଥା ନରଃ ଜୀର୍ଣ୍ଣାନି ବାସାଂସି (ବସ୍ତ୍ରାଣି) ବିହାୟ
(ପରିତ୍ୟଜ୍ୟ) ଅପରାଣି (ଅନ୍ୟାନି)...... ॥ ୨୨ ॥

(ଶ୍ରୀମଭଗବଦ୍ ଗୀତା ୨/୨୨)

## ସମ୍ପାଦକୀୟ

# ଦୋଛକିରେ ଗାଜା ବାସୀ

ଇସ୍ରାଏଲ ଓ ହାମାସ ମଧ୍ୟରେ ଲଢେଇ ଜୋରଦାର ହେବାରେ ଲାଗିଛି । ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବାଠାରୁ ଅର୍ଥାତ ମାତ୍ର ୧୦ ଦିନ ମଧ୍ୟରେ ପ୍ରାୟ ୪ ହଜାର ଲୋକଙ୍କ ଜୀବନ ଗଲାଣି । ହଜାର ହଜାର ସଂଖ୍ୟାର ଲୋକ ଆହତ ହେଇଛନ୍ତି । ଇସ୍ରାଏଲି ପ୍ରତିରକ୍ଷା ବାହିନୀ ଗାଜା ସୀମାରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଲେଣି । ଗାଜା ସହରରୁ ସାଧାରଣ ମଣିଷଙ୍କୁ ଗାଜା ସହର ଛାଡିବା ପାଇଁ ଇସ୍ରାଏଲ କର୍ତ୍ତୃପକ୍ଷ ଆଦେଶ ଦେଇଛନ୍ତି । ଇସ୍ରାଏଲ ଗୋଟିଏ ବାର୍ତ୍ତା ମାଧ୍ୟମରେ କହିଛି, ' ଗାଜାର ବାସିନ୍ଦା ! ନିଜର ଏବଂ ନିଜ ପରିବାରର ନିରାପତ୍ତା ପାଇଁ ଦକ୍ଷିଣ ଦିଗକୁ ଚାଲିଯାଆନ୍ତୁ । ମଣିଷକୁ ବନ୍ଧକ ରଖି ଯୁଦ୍ଧ କରୁଥିବା ହାମାସ ଆତଙ୍କବାଦୀମାନଙ୍କ ପକ୍ଷରୁ ଦୂରେଇ ଯାଆନ୍ତୁ । ଆସନ୍ତା ଦିନଗୁଡିକରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଗାଜା ସହର ଉପରେ ଘମାଘୋଟ ଆକ୍ରମଣ କରିବ । ଏଥିରେ ସାଧାରଣ ଜନତାଙ୍କର କୌଣସି କ୍ଷତି ନ ହେଉ, ସେ ଦିଗରେ ଇସ୍ରାଏଲ ଇଛା ପ୍ରକାଶ କରୁଛି । ଗାଜା ଦକ୍ଷିଣ ସୀମାରେ ଇଜିପ୍ଟ ଥିବାବେଳେ ଉତ୍ତର ଓ ପୂର୍ବରେ ଇସ୍ରାଏଲ ରହିଛି । ଉତ୍ତର ଗାଜାରେ ଥିବା ଲୋକଙ୍କୁ ଦକ୍ଷିଣକୁ ଯିବା ପାଇଁ ଆଦେଶ ଦେଇ ଉତ୍ତର ଇସ୍ରାଏଲରେ ଆକ୍ରମଣ ର ଯୋଜନା କରୁଛି ଇସ୍ରାଏଲ । ଏମିତିବି ଇସ୍ରାଏଲ ଆକ୍ରମଣରେ ପ୍ରାୟ ୨ ହଜାର ରୁ ଉର୍ଦ୍ଧ୍ୱ ପାଲେଷ୍ଟାଇନ ଅଧିବାସୀଙ୍କ ମୃତ୍ୟୁ ହେଇସାରିଲାଣି ବୋଲି ଗଣମାଧ୍ୟମ ରିପୋର୍ଟରୁ ପ୍ରକାଶ । ଗାଜା ଷ୍ଟ୍ରିପ୍‌ରେ ପାଣି ଓ ଇଲେକ୍ଟ୍ରିସିଟି ନାହିଁ । ଖାଦ୍ୟର ଅଭାବ ଦେଖାଦେଇଛି ।ଲୋକେ ଯୁଦ୍ଧର ଭୟ ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଇସ୍ରାଏଲ ଯଦି ଏହି ସମୟରେ ସ୍ଥଳ ଭାଗରେ ଆକ୍ରମଣ ଆରମ୍ଭ କରେ, ତେବେ ଗାଜାରେ ସାଧାରଣ ଜନତାଙ୍କ ଅବସ୍ଥା ଅନିଶ୍ଚିତତା ମଧ୍ୟକୁ ଠେଲି ହେଇଯିବ । ସୋସିଆଲ ମିଡ଼ିଆ ଏବଂ ବିମାନ ଦ୍ୱାରା ବଣ୍ଟା ଯାଇଥିବା ପ୍ରଚାରପତ୍ର ଅନୁସାରେ, ଇସ୍ରାଏଲ ଲୋକଙ୍କୁ ବାଧ କରୁଛି, ନିଜନିଜ ଅଂଚଳ ଛାଡି ଚାଲିଯିବା ପାଇଁ । ଏହା ଶୁଣିବା ପରେ, ଶହ ଶହ ପାଲେଷ୍ଟାଇନୀୟମାନେ ସ୍ଥାନାନ୍ତର ହୋଇସାରିଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି । ଜୀବନ ବଞ୍ଚାଇବାକୁ ପାଲେଷ୍ଟାଇନୀୟମାନେ ଉତ୍ତର ଗାଜା ଛାଡି ପଳାଇବାକୁ ଚେଷ୍ଟା କରୁଛନ୍ତି । ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ଜାରି ରହିଥିବା ବେଳେ କାର୍, ଟ୍ରକ୍ ଏବଂ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ମାଧ୍ୟମରେ ପିଲାଛୁଆ ଏବଂ ନିଜ ନିଜର ଦରକାରୀ ଜିନିଷପତ୍ର ଧରି ରାସ୍ତାରେ ଜମା ହେଇଥିବାର ଘଟଣା ଗଣମାଧ୍ୟମ ପ୍ରକାଶ ପାଉଛି । ଯାହା ବାସ୍ତବିକ ହୃଦୟ ବିଦାରକ ଦୃଶ୍ୟ । କିନ୍ତୁ ପ୍ରଶ୍ନ ଉଠୁଛି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଗାଜା ଅଧିବାସୀ ଯିବେ କୁଆଡେ । କିଏ ତାଙ୍କୁ ଆଶ୍ରୟ ଦେବ ? କଣ ହେବ, ସେମାନଙ୍କର ଜୀବନ ଓ ଜୀବିକା ? ଇଜିପ୍ଟ ସୀମା ବନ୍ଦ କରିଦେଇଛି । ଇସ୍ରାଏଲର ଆକ୍ରମଣ ପରେ ଇଜିପ୍ଟର ଅଧିକାରୀମାନେ ଏପର୍ଯ୍ୟନ୍ତ କୌଣସି ଲୋକଙ୍କୁ ସୀମା ପାର କରାଇ ଦେଇନାହାନ୍ତି । ଆମେରିକାର ବୈଦେଶିକ ସଚିବ ଆଣ୍ଟୋନୀ ବ୍ଲିଙ୍କେନ୍ କହିବା ଅନୁସାରେ, କିଛି ବିଦେଶୀ ପାସପୋର୍ଟଧାରୀଙ୍କ ସହାୟତା ଏବଂ ସ୍ଥାନାନ୍ତର ପାଇଁ ଏହା ଖୋଲିବ । ତେବେ ଏହି ସୀମା ମାଧ୍ୟମରେ ଗାଜାର ଜନତାଙ୍କ ପାଇଁ ଆନ୍ତର୍ଜାତୀୟ ସହାୟତା ପହଞ୍ଚାଇବା ପାଇଁ ଅନୁମତି ମିଳିବା ଦରକାର । ହୁଏତ ବିଶ୍ୱ ସମୁଦାୟ ଚାପ ଆଗରେ ଇଜିପ୍ଟ ରାଜିହୋଇଯିବ । କେବଳ ଆନ୍ତର୍ଜାତୀୟ ସହାୟତା ନେବା ପାଇଁ ଅନୁମତି ଦେବ । କିନ୍ତୁ ଗାଜା ଲୋକଙ୍କ ସ୍ଥାନାନ୍ତର ପାଇଁ ଏହା ଅନୁମତି ଦେବା ନେଇ ଆଶଙ୍କା ସୃଷ୍ଟି ହେଇଛି । ଇଜିପ୍ଟର ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀମାନେ ଏଥିପାଇଁ ରାଜି ନୁହନ୍ତି । କାରଣ ସେମାନେ ଆଶା କରୁଛନ୍ତି, ଗାଜାର ଏହି ଲୋକଙ୍କ ସ୍ଥାନାନ୍ତର ସ୍ଥାୟୀ ହେଇଯାଇ ପାରେ । ଇସ୍ରାଏଲ ହୁଏତ ପୁନର୍ବାର ଫେରିବାକୁ ଅନୁମତି ଦେଇ ନପାରେ । ରାଜନୈତିକ ଓ କୂଟନୈତିକ କାରଣ ବ୍ୟତୀତ ଇଜିପ୍ଟ ଗାଜାବାସୀଙ୍କୁ ନିଜ ଅଞ୍ଚଳକୁ ଆସିବା ପାଇଁ ଅନୁମତି ନଦେବାର ଅନ୍ୟ ଏକ କାରଣ ହେଉଛି ଇଜିପ୍ଟର ଅର୍ଥନୈତିକ ଅବସ୍ଥା । ଏବେ ଏହାର ମୁଦ୍ରାର ମୂଲ୍ୟ ହ୍ରାସ ସହିତ ଦେଶ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଛି ଏବଂ ଶରଣାର୍ଥୀଙ୍କୁ ଗ୍ରହଣ କରିବା ଦ୍ୱାରା ଏହାର ଆର୍ଥିକ ଅବସ୍ଥା ଅଧିକ ଖରାପ ହେଇପାରେ । କେବଳ ଶରଣାର୍ଥୀଙ୍କ ପାଇଁ ଆନ୍ତର୍ଜାତୀୟ ସ୍ତରରେ ସହାୟତା ମିଳିଲେ ହିଁ ଇଜିପ୍ଟ ଗାଜାବାସୀଙ୍କୁ ଆଶ୍ରୟ ଦେଇପାରେ ବୋଲି କେତେକଙ୍କ ମତ । କିନ୍ତୁ ଏହା ଲମ୍ବା ସମୟ ପାଇଁ କାର୍ଯ୍ୟକାରୀ ହେଇ ନପାରେ । ତେଣୁ ଗାଜାବାସୀଙ୍କ ପାଇଁ ଇଜିପ୍ଟ ବନ୍ଦ । ଯୁଦ୍ଧର ଭୟ, ଖାଦ୍ୟ, ପାଣି ଓ ଅନ୍ୟାନ୍ୟ ଦରକାରୀ ଜିନିଷପତ୍ରର ଅଭାବ ଯୋଗୁଁ ବହୁ ଲୋକ ମୃତ୍ୟୁମୁଖରେ ପଡିବେ । ଏହି ମାନବ ସଙ୍କଟରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ କୂଟନୈତିକ ଉଦ୍ୟମ ଆରମ୍ଭ ହୋଇଛି । ଲୋକଙ୍କ ପାଖରେ ଅନ୍ୟ ଦେଶରୁ ଆସୁଥିବା ସହାୟତା କେମିତି ପହଞ୍ଚିବ, ତାହା ବର୍ତ୍ତମାନ ସମୟର ସବୁଠାରୁ ବଡ କାମ । ବିଶ୍ୱ ସମୂହ ଏବେ ଏହି ଭୟଙ୍କର ମାନବ ସଙ୍କଟରୁ ଗାଜାର ଲୋକମାନେ କିପରି ମୁକ୍ତି ପାଇବେ, ସେ ଦିଗରେ ଚିନ୍ତା କରିବା ଉଚିତ । ବନ୍ଧକ ରଖିଥିବା ଇସ୍ରାଏଲ ଲୋକଙ୍କୁ ମୁକ୍ତ କରିବା ପାଇଁ, ଜାତିସଂଘର ମହାସଚିବ ଆଣ୍ଟୋନି ଗୁଟେରାସ୍ ହାମାସକୁ ଅନୁରୋଧ କରିଛନ୍ତି ଏବଂ ଗାଜାରେ ସାଧାରଣ ନାଗରିକଙ୍କ ପାଇଁ ମାନବିକ ସହାୟତା କିପରି ପହଞ୍ଚିବ ବା ପହଞ୍ଚିବାରେ ବାଧାପ୍ରାପ୍ତ ନହେବ ସେ ନେଇ ଇସ୍ରାଏଲ ଅନୁମତି ଦେବା ଉଚିତ୍ ବୋଲି ମହାସଚିବ କହିଛନ୍ତି । ଇସ୍ରାଏଲ୍ ଏବଂ ହାମାସ୍ ବିବାଦ ଉପରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଯେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣରେ ନିରୀହ ପାଲେଷ୍ଟାଇନ ପରିବାରକୁ ମାନବ ବନ୍ଧକ ଭାବରେ ହାମାସ ବ୍ୟବହାର କରୁଛି । ଆମେରିକା ରାଷ୍ଟ୍ରପତି ପାଲେଷ୍ଟାଇନର ରାଷ୍ଟ୍ରପତି ମହମୁଦ ଅବ୍ବାସ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥାବାର୍ତ୍ତା କରି ଗାଜା ଅଞ୍ଚଳକୁ ମାନବିକ ସହାୟତା ପହଞ୍ଚାଇବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି । ଏହା ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଉଚିତ । ସେହିଭଳି ସ୍ଥଳଭାଗରେ ଗାଜା ଆକ୍ରମଣ ପାଇଁ ଇସ୍ରାଏଲର ଯୋଜନା ଦ୍ୱାରା ମୃତାହତଙ୍କ ସଂଖ୍ୟା ବଢ଼ିଯିବ । ପରବର୍ତ୍ତୀ ସମୟରେ ଅନ୍ୟ ଦେଶ ମଧ୍ୟ ନିଜକୁ ପକ୍ଷଭୁକ୍ତ କରିବେ ଏବଂ ଇସ୍ରାଏଲ-ହାମାସ ଯୁଦ୍ଧ ଯେ' ବଡ ଆକାର ଧାରଣ ନ କରିବ, ସେ କଥା କିଏ କହି ପାରିବ ?

## ସଙ୍କଳ୍ପ

ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ
ଯେତେ ଗାଡ଼,ପୂରୁ ତହିଁ ପଡ଼ି
ମୋର ମାଂସ ହାଡ଼ ।

ଗୋପବନ୍ଧୁ ଦାସ

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ନୋବେଲ ଶାନ୍ତି ବିଜେତା ନର୍ଗେସ୍ ମହମ୍ମଦୀ

**ଅସିତ ମହାନ୍ତି**

ନୋବେଲ ପୁରସ୍କାର ଜଣେ ବ୍ୟକ୍ତିଙ୍କ ଜୀବନର ସର୍ବଶ୍ରେଷ୍ଠ ଏବଂ ସର୍ବୋଚ୍ଚ ସମ୍ମାନ ଭାବେ ବିଶ୍ୱରେ ପରିଚିତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସା, ସାହିତ୍ୟ ଏବଂ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ଯେଉଁମାନେ ଗତ ୧୨ ମାସ ମଧ୍ୟରେ ମାନବିକତାର ଉନ୍ନତି ପାଇଁ ସବୁଠାରୁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ପ୍ରଦାନ କରାଯାଇଥାଏ । ସ୍ୱିଡେନର ବ୍ୟବସାୟୀ ତଥା ଡାଇନାମାଇଟ୍‌ର ଉଦ୍ଭାବକ ଆଲଫ୍ରେଡ୍ ନୋବେଲ ଏହା କହିଥିଲେ । ପୁରସ୍କାର ଆରମ୍ଭ କରିବା ପାଇଁ ସେ ତାଙ୍କର ଅଧିକାଂଶ ରୋଜଗାରକୁ ଏକ ପାଣ୍ଠିରେ ଛାଡିଥିଲେ ।

ଏହା ପ୍ରଥମେ ୧୯୦୧ରେ ଦିଆଯାଇଥିଲା ୧୯୬୮ ମସିହାରେ, ସ୍ୱୀଡେନର ସେଣ୍ଟ୍ରାଲ ବ୍ୟାଙ୍କ ଏଥିରେ ଇକୋନୋମିକ ସାଇନ୍ସକୁ ଯୋଡିଥିଲା । ଏହି ସର୍ବୋଚ୍ଚ ସମ୍ମାନ ଆଲଫ୍ରେଡ୍ ନୋବେଲଙ୍କ ସମ୍ପତିରେ ପ୍ରଦାନ କରାଯାଇଥାଏ । ୨୦୨୩ର ଶାନ୍ତି ପାଇଁ ନୋବେଲ ପୁରସ୍କାର କିଛି ଅଲଗା । ଇରାନରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ତଥା ସମସ୍ତଙ୍କ ପାଇଁ ମାନବିକ ଅଧିକାର ତଥା ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବା ପାଇଁ ନରୱେ ନୋବେଲ କମିଟି ୨୦୨୩ ମସିହାରେ ନର୍ଗେସ୍ ମହମ୍ମଦୀଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ତାଙ୍କର ସାହସିକ ସଂଘର୍ଷ ଅତୁଳନୀୟ ବ୍ୟକ୍ତିଗତ ଉତ୍ସର୍ଗତା ସହିତ ଅନ୍ୟ ବିଶେଷ କଥା ହେଉଛି ଏହି ମହୀୟସୀ ମହିଳା ବର୍ତ୍ତମାନ ଇରାନ'ର ଜେଲରେ ଅଛନ୍ତି ।

ଜେଲରେ ଥିବା ଇରାନ କାର୍ଯ୍ୟକର୍ତ୍ତା ନର୍ଗେସ୍ ମହମ୍ମଦୀଙ୍କୁ ଶୁକ୍ରବାର ଦିନ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ୫୧ ବର୍ଷୀୟ ବ୍ୟକ୍ତି ଡିଫେଣ୍ଡର ଅଫ୍ ହିଉମ୍ୟାନ ରାଇଟ୍ସ ସେଣ୍ଟର'ର ଡେପୁଟି ଡାଇରେକ୍ଟର ଏବଂ ବର୍ତ୍ତମାନ ତେହେରାନର ଇଭିନ୍ ଜେଲରେ ଅଛନ୍ତି । ସେ ୧୩ ଥର କାରାଗାରରେ ଥିଲେ ଏବଂ ପାଞ୍ଚ ଥର ଦୋଷୀ ସାବ୍ୟସ୍ତ ହୋଇଥିଲେ - ମୋଟ ୩୧ ବର୍ଷ ଜେଲ ଦଣ୍ଡ । ମହମ୍ମଦୀଙ୍କ ସଦ୍ୟତମ କାରାଗାର ମହସା ଆମିନୀଙ୍କ ସ୍ମାରକରେ ଯୋଗଦେବା ପରେ ଆରମ୍ଭ ହୋଇଥିଲା ।

ପୋଲିସ ହେପାଜତରେ ଜଣେ ୨୨ ବର୍ଷ ବୟସ୍କା ବ୍ୟକ୍ତିଙ୍କ ମୃତ୍ୟୁ ଗତ ବର୍ଷ ଇରାନ ଶାସନ ବିରୁଦ୍ଧରେ ବ୍ୟାପକ ଆକ୍ରୋଶ ତଥା ବ୍ୟାପକ ପ୍ରଦର୍ଶନ କରିଥିଲା । ସେପ୍ଟେମ୍ବର ୨୦୨୨ରେ, ଇରାନର ଶାସନ ବିରୋଧରେ ରାଜନୈତିକ ପ୍ରଦର୍ଶନ କରି ଇରାନର ନୈତିକତା ପୋଲିସର ହେପାଜତରେ ମହସା ଜିନା ଆମିନୀଙ୍କୁ ହତ୍ୟା କରାଯାଇଥିଲା । ବିକ୍ଷୋଭକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ଉଦ୍ଦେଶ୍ୟ - ମହିଳା - ଜୀବନ - ସ୍ୱାଧୀନତା - ନର୍ଗେସ୍ ମହମ୍ମଦୀଙ୍କ ସମର୍ପଣ ଏବଂ କାର୍ଯ୍ୟକୁ ଯଥାର୍ଥ ଭାବରେ ଦର୍ଶାଏ ବୋଲି ନୋବେଲ କମିଟି ଲେଖିଛି । ସେ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଇଞ୍ଜିନିୟର ଭାବରେ କ୍ୟାରିଅର୍ ଆରମ୍ଭ କରିଥିଲେ । ମହମ୍ମଦୀ ତାଙ୍କ ଛାତ୍ର ଜୀବନରେ ଶିକ୍ଷାବର୍ଷରେ ଖବରକାଗଜ ପାଇଁ ଲେଖି ସମାନତା ଏବଂ ମହିଳା ଅଧିକାରର ଓକିଲ ଭାବରେ ଉଭା ହୋଇଥିଲେ । ଏକ ରାଜନୈତିକ ଛାତ୍ର ଗୋଷ୍ଠୀର ଦୁଇଟି ସଭାରେ ତାଙ୍କୁ ଗିରଫ କରାଯାଇଥିଲା ।

୨୦୦୯ରେ ଜେଲ ଦଣ୍ଡ ପରେ ତାଙ୍କର ଇଞ୍ଜିନିୟରିଂ ପଦ ହରାଇଲେ । ନର୍ଗେସ୍ ମହମ୍ମଦୀ ଅନେକ ସଂସ୍କାରବାଦୀ ପ୍ରକାଶନ ପାଇଁ ସାମ୍ବାଦିକ ଭାବରେ କାର୍ଯ୍ୟ କରିଥିଲେ ଏବଂ ମୃତ୍ୟୁ ଦଣ୍ଡ, ମହିଳାଙ୍କ ଅଧିକାର ଏବଂ ବିରୋଧ କରିବାର ଅଧିକାର ରଦ୍ଦ ପାଇଁ ପ୍ରଚାର କରିଥିଲେ । ବର୍ଷ ବର୍ଷ ଧରି ସେ ଇରାନରେ ସାମାଜିକ ସଂସ୍କାର ପାଇଁ ଯୁକ୍ତି ଦର୍ଶାଇ ଅନେକ ପ୍ରବନ୍ଧ ଲେଖିଛନ୍ତି ଏବଂ ଏକ ପ୍ରବନ୍ଧ ସଂଗ୍ରହ, ସଂସ୍କାର, ରଣନୀତି ଏବଂ କୌଶଳ ପ୍ରକାଶ କରିଛନ୍ତି । ତାଙ୍କ ପୁସ୍ତକ 'ହ୍ୱାଇଟ ଟର୍ଚର': ଇରାନ ମହିଳା ବନ୍ଦୀମାନଙ୍କ ସହ ସାକ୍ଷାତକାର' ମଧ୍ୟ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଏବଂ ମାନବ ଅଧିକାର ଫୋରମରେ ରିପୋର୍ଟ ପାଇଁ ଏକ ପୁରସ୍କାର ଲାଭ କରିଥିଲା । ମହମ୍ମଦୀଙ୍କୁ ପ୍ରଥମେ ୨୦୧୧ରେ ଗିରଫ କରାଯାଇଥିଲା ଏବଂ ଜେଲରେ ଥିବା କାର୍ଯ୍ୟକର୍ତ୍ତା ତଥା ସେମାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ତାଙ୍କୁ ଅନେକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ସେ ସାଥୀ କାର୍ଯ୍ୟକର୍ତ୍ତା ତଥା ଲେଖକ ତାଗି ରହମାନୀଙ୍କୁ ୧୯୯୯ରେ ବିବାହ କରିଥିଲେ - ଗିରଫ ହେବାର ଠିକ୍ ପୂର୍ବରୁ । ଉଭୟଙ୍କର ଯାଆଁଳା ପିଲା ଅଛନ୍ତି ଯେଉଁମାନେ ବର୍ତ୍ତମାନ ଫ୍ରାନ୍ସରେ ରୁହନ୍ତି । ୧୪ ବର୍ଷ ଜେଲ ଦଣ୍ଡ ଭୋଗିବା ପରେ ରହମାନୀ ଇରାନକୁ ସ୍ଥାନାନ୍ତରିତ ହୋଇଥିବାବେଳେ ମହମ୍ମଦୀ ତାଙ୍କ କାର୍ଯ୍ୟ ଜାରି ରଖିଥିଲେ । ନୋବେଲ ଶାନ୍ତି ପୁରସ୍କାର ପାଇବାରେ ମହମ୍ମଦୀ ହେଉଛନ୍ତି ୧୯ ତମ ମହିଳା ଏବଂ ୨୦୦୩ ରେ ମାନବାଧିକାର କର୍ମୀ ଶିରିନ ଇବାଦୀଙ୍କ ପରେ ଏହି ପୁରସ୍କାର ପାଇବାରେ ଦ୍ୱିତୀୟ ଇରାନୀୟ ମହିଳା । ପୁରସ୍କାରର ୧୨୨ ବର୍ଷର ଇତିହାସରେ ଏହା ପଞ୍ଚମ ଥର ପାଇଁ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଛି ।

ଶାନ୍ତି ପୁରସ୍କାର ଏଭଳି ଏକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି ଯିଏ ଜେଲରେ ବନ୍ଦୀ ଅଛନ୍ତି । ଇରାନୀୟ ଲେଖକ ୨୦୦୩ ରେ ଇବାଦୀ ନେତୃତ୍ୱାଧୀନ ଡିଫେଣ୍ଡର୍ସ ଅଫ୍ ହିଉମ୍ୟାନ ରାଇଟ୍ସ ସେଣ୍ଟରରେ ଯୋଗ ଦେଇଥିଲେ ଏବଂ ଶେଷରେ ସଂଗଠନର ଉପାଧ୍ୟକ୍ଷ ହୋଇଥିଲେ । ଏହି ଗୋଷ୍ଠୀ ଅନ୍ତର୍ଜାତୀୟ ଫେଡେରେସନ୍ ଫର ମାନବିକ ଅଧିକାରର ସଦସ୍ୟ ଅଟନ୍ତି । ଫ୍ରାନ୍ସର ଜାତୀୟ ମାନବ ଅଧିକାର ଆୟୋଗର ୨୦୦୩ ମାନବ ଅଧିକାର ପୁରସ୍କାରରେ ଏହା ପ୍ରଦାନ କରାଯାଇଥିଲା । ମହମ୍ମଦୀ ବର୍ଷ ବର୍ଷ ଧରି ଅନେକ ପୁରସ୍କାର ଗ୍ରହଣ କରିଛନ୍ତି - ୨୦୦୯ ରେ ଆଲେକ୍ସଜାଣ୍ଡାର୍ ଲେଙ୍ଗର ପୁରସ୍କାର ଠାରୁ ଆରମ୍ଭ କରି ୟୁନେସ୍କୋ / ଗୁଇଲେର୍ମୋ କାନୋ ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ପୁରସ୍କାର ଏବଂ ୨୦୨୩ରେ ଓଲୋଫ୍ ପାଲମେ ପୁରସ୍କାର ଇତ୍ୟାଦି ମଧ୍ୟ ତାଙ୍କର ୨୦୧୦ ଫେଲିକ୍ସ ଏରମାକୋରା ମାନବ ଅଧିକାର ପୁରସ୍କାର ମହମ୍ମଦୀଙ୍କୁ ଉତ୍ସର୍ଗ କରିଥିଲେ । ତାଙ୍କର ସାହସିକ ସଂଘର୍ଷ ଏକ ବ୍ୟକ୍ତିଗତ ମୂଲ୍ୟରେ ଆସିଥିଲା ।

ମୋଟାମୋଟି ଭାବେ ଶାସନ ତାଙ୍କୁ ୧୩ ଥର ଗିରଫ କରିଛି, ତାଙ୍କୁ ପାଞ୍ଚ ଥର ଦୋଷୀ ସାବ୍ୟସ୍ତ କରିଛି ଏବଂ ତାଙ୍କୁ ମୋଟ ୩୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛି । ୧୫୪ ଚାବୁକରେ ଦଣ୍ଡିତ କରିଛି । ଏହି ପୁରସ୍କାର ମହମ୍ମଦୀଙ୍କୁ ଜେଲରୁ ମୁକ୍ତ କରିବା ଦାବିରେ ମଧ୍ୟ ନୂତନ ଉତ୍ସାହ ଦେଇଛି । ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ କାର୍ଯ୍ୟାଳୟରେ ଆମେ ଏବଂ ଅନ୍ୟ ଅଂଶୀଦାରମାନେ ତାଙ୍କୁ ମୁକ୍ତ କରିବାକୁ ବାରମ୍ବାର ଆହ୍ୱାନ କରିଛୁ ବୋଲି ଜାତିସଂଘ ମାନବ ଅଧିକାର ଅଧିକାର କମିଶନରଙ୍କ କାର୍ଯ୍ୟାଳୟ ଶୁକ୍ରବାର ଦିନ ରଏଟର୍ସକୁ କହିଛି ।

ବାସ୍ତବରେ ମହମ୍ମଦୀ ହେଉଛନ୍ତି ବିଶ୍ୱର ପ୍ରତ୍ୟେକ ମହିଳାମାନଙ୍କର ପ୍ରେରଣାର ଉତ୍ସ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ନିରବଚ୍ଛିନ୍ନ ଭାବେ ମହମ୍ମଦୀ ଯେଉଁପ୍ରକାର ନଜିର ସୃଷ୍ଟି କରିଛନ୍ତି ତାହା ପ୍ରତ୍ୟେକ ମହିଳାଙ୍କୁ ପ୍ରଭାବିତ କରିବ । ନାରୀ ମୁକ୍ତିର ପ୍ରଶ୍ନ ବାସ୍ତବରେ ଏହି ଜାଗାରେ ଏବଂ ନାରୀ ମୁକ୍ତି ପାଇଁ ନାରୀକୁ ନିଜେ ଲଢେଇ କରିବାକୁ ହେବ । ମହମ୍ମଦୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

**ସୁଜନପୁର , ଯାଜପୁର**
**ମୋ-୯୩୪୮୭୬୮୮୧୨**

# ପର୍ବପର୍ବାଣି

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ବର୍ଷକ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପୀ ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ୍ୟ ଏକ ପ୍ରକାର ମାନସିକ, ନୈତିକ ଓ ଆଧାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥାନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ୍ୟ କରାଯାଇଥାଏ ।

ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ୍ୟ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ୍ୟ ବିପଦରୁ ଉଦ୍ଧାର ପାଇବାକୁ ଇଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲା । ତାଙ୍କ ଆଶ୍ରିତମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବପର୍ବାଣି ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ, ଯାହା ହେଉ ପଛେ ପ୍ରତ୍ୟେକ ଦେବଦେବୀଙ୍କର ଅଲୌକିକ ଶକ୍ତି ଅଛି - ତାହା ଉପରେ ବିଶ୍ୱାସ ।

ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ୍ୟ ଦୈବୀ ଶକ୍ତି ଅଛି, ସେ ମଧ୍ୟ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ମଧ୍ୟ ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ କେତେକ ଆଧ୍ୟାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି । ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାଣି । ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବପର୍ବାଣି ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି ।

ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣି ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଉର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । 'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ, କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ୍ୟ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣି ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣି ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ - ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ । ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ୍ୟ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି ।

ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ୍ୟ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବନ୍ଧୁତା ବଢୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ୍ୟ ।ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବପର୍ବାଣି ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି, ତାହାର ମହତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା ।

**ଅଲିଶା ବଜାର,କଟକ**

# ଅର୍କନୋ ଫୋବିଆ

ମୋ ବନ୍ଧୁ ଅତିଶଙ୍କ ଝିଅ କଲ୍ୟାଣୀର ପୂର୍ବରୁ କୌଣସି ମାନସିକ ସମସ୍ୟା ନାହିଁ । କିନ୍ତୁ ସେ ଘରେ ସାଧାରଣତଃ କୌଣସି ଛୋଟିଆ ପୋକଯୋକ ହେଉ ବା ବୁଢ଼ିଆଣୀ ଏହାକୁ ଦେଖିଲେ ସେ ଅଶ୍ୱସ୍ତି ଅନୁଭବ କରି ବିଚଳିତ ହୋଇଯାଏ । ଏହା କୌଣସି ଏକ ମାନସିକ ସମସ୍ୟା ବା ରୋଗ ବିଚାର କରି ମୋ ସହ ଅତିଶ ଯୋଗାଯୋଗ କଲାପରେ ମୁଁ ତାକୁ ସବୁ ବିଶଦ ଭାବରେ ବୁଝାଇ କହିଲି ଯେ ଆମ ଆଖପାଖରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି, ଯାହାକୁ ଦେଖିଲେ ମନରେ ଭୟଜାତ ହେବା ସ୍ୱାଭାବିକ । କିନ୍ତୁ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସାଧାରଣ ବୁଢ଼ିଆଣୀ ଦେଖିଲେ ମଧ୍ୟ ଭୟ କରିବା ସହ ଚିତ୍କାର କରିଥାନ୍ତି । ଆଉ କିଛି ବ୍ୟକ୍ତି କୋଠରୀରୁ ବାହାରକୁ ଚାଲି ଆସନ୍ତି ଏବଂ ବୁଢ଼ିଆଣୀ ଭୟରେ ଉକ୍ତ କୋଠରୀକୁ ଯାଆନ୍ତି ନାହିଁ । ବୁଢ଼ିଆଣୀ ପ୍ରତି ଥିବା ଏହି ଭୟକୁ 'ଅର୍କନୋଫୋବିଆ' କୁହାଯାଏ । ଏଥିରେ ପୀଡ଼ିତ ବ୍ୟକ୍ତି ଅନ୍ୟ କୌଣସି ସ୍ଥାନକୁ ଯିବାକୁ ଭୟ କରନ୍ତି । କାରଣ ତାଙ୍କୁ ମନେହୁଏ ଯେ ସେ ସବୁ ସ୍ଥାନରେ ବୁଢ଼ିଆଣୀ ଥାଇପାରନ୍ତି । ଏହି ମାନସିକ ରୋଗ ଅଧିକ ହେଲେ ବ୍ୟକ୍ତି ନିଜ କୋଠରୀ କିମ୍ବା ଘରକୁ ମଧ୍ୟ ଛାଡ଼ି ଦିଅନ୍ତି । ଏହି ରୋଗର ଅନେକ କାରଣ ଥାଏ । ପରିବାରର ଅନ୍ୟ କୌଣସି ସଦସ୍ୟ ଯଦି ବୁଢ଼ିଆଣୀକୁ ଦେଖି ଚିତ୍କାର କରିଥିବେ, ତେବେ ସେହି ଭୟ ଶିଶୁଟିର ମନରେ ରହିଯାଏ, ଯାହା ବୟସକ୍ରମେ ଅର୍କନୋ ଫୋବିଆରେ ପରିଣତ ହୁଏ । ବୁଢ଼ିଆଣୀର କିଛି ବିଷାକ୍ତ ପ୍ରଜାତି ଓ ସେମାନଙ୍କର ଦଂଶନ ଦ୍ୱାରା ହେଉଥିବା ଗମ୍ଭୀର ରୋଗ ସମ୍ପର୍କରେ ଜାଣିବା କିମ୍ବା ଟିଭିରେ ଦେଖିବା ପରେ ବୁଢ଼ିଆଣୀ ପାଇଁ ମନରେ ଭୟ ଜାତ ହୋଇଥାଏ । ସାଧାରଣ ଭାବେ କୌଣସି ବ୍ୟକ୍ତି ବୁଢ଼ିଆଣୀକୁ ଦେଖିବା ମାତ୍ରେ ଯଦି ତାର ଶରୀରରେ କମ୍ପନ ସୃଷ୍ଟି ହୁଏ, ଅଣନିଃଶ୍ୱାସୀ ଅନୁଭବ କରେ, ନିଃଶ୍ୱାସ ପ୍ରଖର ହୁଏ ଏବଂ ହୃଦସ୍ପନ୍ଦନ ବଢ଼ିବା ଭଳି ଲାଗେ, ତେବେ ବୁଝିବାକୁ ହେବ ଯେ, ସେ ଅର୍କନୋ ଫୋବିଆରେ ପୀଡ଼ିତ । ଏହାକୁ ଅଣଦେଖା କରିବା ଦ୍ୱାରା ବ୍ୟକ୍ତି ଜଟିଳ ମାନସିକ ରୋଗର ଶିକାର ହୋଇଥାଏ । ତେଣୁ ପ୍ରଥମ ପର୍ଯ୍ୟାୟରେ ହିଁ ଏହି ରୋଗର ଚିକିତ୍ସା କରାଇନେବା ଉଚିତ । ଅର୍କନୋ ଫୋବିଆର ଉପଚାର ପାଇଁ କୌଣସି ମନୋଚିକିତ୍ସକ ବା କାଉନସିଲରଙ୍କ ସହାୟତା ନିଅନ୍ତୁ । କେତେକ ଥେରାପି ଓ କିଛି ଔଷଧ ଦ୍ୱାରା ବୁଢ଼ିଆଣୀ ପ୍ରତି ଥିବା ଭୟ ସମ୍ପୂର୍ଣ୍ଣ ରୂପେ ମନରୁ ଚାଲିଯାଏ ।

**ଡାକ୍ତର ସମ୍ରାଟ କର,ମାନସିକ ରୋଗ ବିଶେଷଜ୍ଞ,**
**ପୁରୀଘାଟ ରୋଡ଼, କଟକ, ମୋ-୯୧୩୨୪୩୩୩୩୩**

# ମହର୍ଷି ବାଲ୍ମିକୀ

ମହାକାବ୍ୟ ରାମାୟଣର ରଚୟିତା ମହର୍ଷି ବାଲ୍ମିକୀଙ୍କୁ ସଂସ୍କୃତ ସାହିତ୍ୟର ସ୍ରଷ୍ଟା କୁହାଯାଏ । ଆଦିକବି ନାମରେ ସେ ପ୍ରସିଦ୍ଧ । ଶ୍ରୀରାମଙ୍କ ଜୀବନ ମାଧ୍ୟମରେ ସେ ଆମକୁ ଜୀବନର ସତ୍ୟ ଓ କର୍ତ୍ତବ୍ୟ ସହ ପରିଚିତ କରାଇଛନ୍ତି । ପ୍ରାଚୀନ ବୈଦିକ କାଳର ମହାନ ଋଷିଙ୍କ ମଧ୍ୟରେ ସେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲେ । ତାଙ୍କ ରଚିତ ରାମାୟଣ ବାଲ୍ମିକୀ ରାମାୟଣ ନାମରେ ଖ୍ୟାତ । ନାଗା ପ୍ରଜାତିରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ପ୍ରକୃତ ନାମ ଥିଲା ରତ୍ନାକର ।

ପରିବାର ଭରଣପୋଷଣ ପାଇଁ ସେ ଦସ୍ୟୁ ସାଜିଥିଲେ । ଥରେ ନିର୍ଜନ ବନରେ ମହର୍ଷି ନାରଦଙ୍କ ସହ ତାଙ୍କର ଭେଟ ହେଲା । ରତ୍ନାକର ତାଙ୍କୁ ଲୁଟିବାକୁ ଚାହିଁବାରୁ ଏହି କାମ କରିବାର କାରଣ ନାରଦ ପଚାରିଲେ । ପରିବାର ପାଳନ ପାଇଁ ବୋଲି ରତ୍ନାକର କହିଲେ । ତୁମ ପାପରେ ତୁମ ପରିବାର ଭାଗୀ ହେବେ କି ? ନାରଦ ମୁନି ପଚାରିଲେ । ପରିବାର ସଦସ୍ୟଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ ତାଙ୍କୁ ମନା କଲେ । ବରଂ ପରିବାର ପ୍ରତିପୋଷଣ ବାଲ୍ମିକୀଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ଏହ କଥା ଶୁଣି ରତ୍ନାକର ବିରକ୍ତ ହୋଇଗଲେ ଏବଂ ନାରଦ ମୁନିଙ୍କୁ ସେ କରିଥିବା ପାପ ସବୁରୁ ଉଦ୍ଧାର ହୋଇବାର ଉପାୟ ପଚାରିଲେ । ରାମ ରାମ ଜପିବାକୁ ନାରଦ ମୁନି ପରାମର୍ଶ ଦେଲେ ।

ନାରଦଙ୍କ କଥା ଶୁଣି ଏକାନ୍ତ ବନରେ ରତ୍ନାକର ରାମ ରାମ ଜପ କଲେ କିନ୍ତୁ ତାଙ୍କ ଦ୍ୱାରା ତାହା ନ ହୋଇପାରିବାରୁ 'ରାମ' ନାମ ଓଲଟାଇ 'ମରା ମରା' ଭାବରେ ଜପ କଲେ । ଏହିପରି ଅନେକ ବର୍ଷ କଠୋର ତପ କରିବାରୁ ତାଙ୍କ ଶରୀରରେ ଉଇ ହୁଙ୍କା ହୋଇଗଲା । ଯାହାଫଳରେ ତାଙ୍କ ନାମ ବାଲ୍ମିକୀ ହୋଇଗଲା । ତପସ୍ୟାରେ ପ୍ରସନ୍ନ ହୋଇ ବ୍ରହ୍ମ ତାଙ୍କୁ ଜ୍ଞାନ ପ୍ରଦାନ କଲେ ଏବଂ ରାମାୟଣ ରଚନା କରିବାକୁ ଆଜ୍ଞା ଦେଲେ । ପ୍ରଭୁଙ୍କ କୃପାରେ ରାମାୟଣର ସମସ୍ତ ଘଟଣା ବାଲ୍ମିକୀ ଜାଣିପାରିଲେ । ତତ୍‌ପଶ୍ଚାତ ସେ ମହାକାବ୍ୟ ରାମାୟଣ ରଚନା କଲେ । ସମଗ୍ର ଭାରତବର୍ଷରେ ଗତକାଲିର ପବିତ୍ର ଦିନକୁ ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ରୂପେ ପାଳନ କରାଯାଇଛି ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା,**
**ଶିଖରପୁର ଉପରସାହି,**
**କଟକ,ମୋ-୮୨୮୦୯୬୩୨୮୩**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆନ୍ତର୍ଜାତୀୟ...

ପାଲେଷ୍ଟାଇନ୍‌ରେ ଯେଉଁଭଳି ହତ୍ୟା କରାଯାଉଛି ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏକ ପ୍ରସ୍ତାବରେ ସେମାନେ କହିଛନ୍ତି ଯେ ଆମେ ବିଶ୍ୱାସ କରୁ ଯେ ହିଂସା କୌଣସି ସମସ୍ୟାର କେବେବି ସମାଧାନ ନୁହେଁ, ଏହା କେବଳ ଧ୍ୱଂସକାରୀ । ଆନ୍ତର୍ଜାତୀୟ ସମୁଦାୟ ଏହି ବିବାଦକୁ ବନ୍ଦ କରିବା ଲାଗି ଶାନ୍ତିପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରୁ । ଇସ୍ରାଏଲ ଉପରେ ଆନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ଚାପ ପକାଯାଉ । ଆନ୍ତର୍ଜାତୀୟ ଆଇନ୍‌କୁ ଇସ୍ରାଏଲ ସମ୍ମାନ ଦେଉ । ସେମାନେ ଉଲ୍ଲେଖ କରିଛନ୍ତି ଯେ ଇସ୍ରାଏଲ ପକ୍ଷରୁ ପାଲେଷ୍ଟାଇନ୍ ନାଗରିକଙ୍କ ଉପରେ ଗାଜାରେ ଯେଉଁଭଳି ବାଛବିଚାର ନକରି ବୋମା ମାଡ କରାଯାଉଛି ତାହାକୁ ଆମେ ନିନ୍ଦା କରୁଛୁ । ଆମେ ବିଶ୍ୱାସ କରୁଛୁ ଯେ ଏହା ଏକ ଗଣହତ୍ୟା । ସମସ୍ତ ବନ୍ଧକଙ୍କୁ ମୁକ୍ତ କରିବା ଆଉ ନିରିହ ଲୋକଙ୍କୁ ହତ୍ୟା ନକରିବା ଲାଗି ଆମେ ନିବେଦନ କରୁଛୁ । ଗାଜାରେ ମାନବିକତା ସାହାଯ୍ୟ ତୁରନ୍ତ ଆରମ୍ଭ କରାଯାଉ । ବର୍ତ୍ତମାନ ସମୟ ହେଉଛି ଯେ ମାନବିକତାକୁ ଜାଗ୍ରତ କରିବା । ସେଠାରେ ପାଣି, ଖାଦ୍ୟ, ମେଡିକାଲ ସୁବିଧା ତୁରନ୍ତ ଯୋଗାଇ ଦିଆଯାଉ । ଲୋକମାନେ ଏନେଇ ଅନେକ ଅସୁବିଧାରେ ଅଛନ୍ତି । ଆମେ ମହାତ୍ମା ଗାନ୍ଧିଙ୍କ ବକ୍ତବ୍ୟକୁ ବିଶ୍ୱାସ କରୁଛୁ । ପାଲେଷ୍ଟାଇନ୍ ହେଉଛି ଆରବ ଭଳି ସମାନ । ଯେଉଁଭଳି ଇଂଲଣ୍ଡ ଇଂରାଜୀ ପାଇଁ ଓ ଫ୍ରାନ୍ସ ଫ୍ରେଞ୍ଚ ଲାଗି । ପାଲେଷ୍ଟାଇନ୍ ଲୋକଙ୍କର ସାର୍ବଭୌମତ୍ୱ ଓ ସୀମାର ଅଧିକାର ରହିବା ଉଚିତ୍ । ୭୫ ବର୍ଷ ହେଲାଣି ପାଲେଷ୍ଟାଇନ୍ କ୍ଷତି ସହି ଆସୁଛି । ଏହାର ସମାଧାନ ହେବା ଆବଶ୍ୟକ ।

## ଧାର୍ଯ୍ୟ...

ଯଥା ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୀକ୍ଷା ବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ଭିଭିକେ ଯାଦବ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଏମ୍‌ସି କମିଶନର ଭିଏ କୁଲାଙ୍ଗେ, ଖୋର୍ଦ୍ଧା ଜିଲ୍ଲାପାଳ, ଓବିସିସି ଏମ୍‌ଡି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାରକୋଟରେ...

କୋର୍ଟ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ନୂତନ କୋର୍ଟ ପାଇଁ ଆଇନ ବିଭାଗ ପକ୍ଷରୁ ଆବଶ୍ୟକୀୟ ୧୨ଟି ଗେଜେଟେଡ୍ ଓ ଅଣଗେଜେଟେଡ୍ ପଦବୀ ସୃଷ୍ଟି କରାଯାଇଛି । ବିଭିନ୍ନ କାରଣରୁ ପଡିରହିଥିବା ମାମଲାଗୁଡିକ ତୁରନ୍ତ ଫଇସଲା ନିମନ୍ତେ ଏହି ନୂତନ କୋର୍ଟ ସହାୟକ ହେବ ।

## ୯୪ କୋଟି...

୩୦ଟି ଦାମୀ ଘଣ୍ଟା ଜବତ କରିଛି । କର୍ଣ୍ଣାଟକ ଓ ଅନ୍ୟ ରାଜ୍ୟର ସରକାରୀ ଠିକାଦାର ଓ ରିଅଲିଇଷ୍ଟେଟ ବ୍ୟବସାୟୀଙ୍କ ଘରୁ ଚଢ଼ାଉ ବେଳେ ଏହି ଅର୍ଥ ଓ ଗହଣା ଜବତ ହୋଇଛି । ଅକ୍ଟୋବର ୧୨ରେ ଏହି ଚଢ଼ାଉ ୫୫ ସ୍ଥାନରେ ହୋଇଥିଲା ।

ଆୟକର ବିଭାଗ ପକ୍ଷରୁ କୁହାଯାଇଛି ଯେ ୩୦ଟି ବିଦେଶରେ ପ୍ରସ୍ତୁତ ଦାମିକିଆ ଘଣ୍ଟା ଜବତ ହୋଇଛି । ସମୁଦାୟ ୧୦୨ କୋଟିରୁ ଅଧିକ ଟଙ୍କା ଜବତ ହେଲାଣି । ଘଣ୍ଟା ତିଆରି କାମରେ ଲିପ୍ତ ନଥାଇ ମଧ୍ୟ ଗୋଟିଏ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ କର୍ମଚାରୀଙ୍କ ଘରୁ ୩୦ଟି ଦାମୀ ଘଣ୍ଟା ମିଳିଛି । ଜବତ ଘଣ୍ଟାଗୁଡିକରେ ବିଦେଶ କମ୍ପାନୀ ଲୋଗୋ ରହିଛି ।

## ଆପ୍‌କୁ...

ଖଣ୍ଡପୀଠ ପକ୍ଷରୁ ଇଡିଙ୍କ ଆଇନ୍‌ଜୀବୀଙ୍କୁ କୁହାଯାଇଥିଲା ଯେ ମନୀଶ ସିସୋଦିଆ ଓ ଅନ୍ୟମାନଙ୍କ ନାମରେ ଯେଉଁ ଅଭିଯୋଗ ଅଛି କ'ଣ ସମାନ ଅଭିଯୋଗ ରାଜନୈତିକ ଦଳ ନାଁରେ ରହିଛି କି । ସିବିଆଇ ଓ ଇଡି ଏହି ମାମଲାରେ ଅନୁଧ୍ୟାନ କରୁଛନ୍ତି । କୌଣସି ମନ୍ତବ୍ୟ ଦେବା ପୂର୍ବରୁ ସତର୍କ ରୁହନ୍ତୁ । ଏହା ଏକ ଅନ୍ୟତମ ଅଭିଯୋଗ । ସିଶୋଦିଆ ଉଭୟ ଇଡି ଓ ସିବିଆଇର ଯାଞ୍ଚ ସମ୍ମୁଖୀନ ହେଉଛନ୍ତି । ଦିଲ୍ଲୀ ସରକାରଙ୍କର ଅବକାରୀ ନୀତି କିଛି ମଦ ବ୍ୟବସାୟୀଙ୍କୁ ସୁବିଧା ଦେଇଛି ବୋଲି ଅଭିଯୋଗ ହେଉଛି । ଏହି ଅଭିଯୋଗକ୍ରମେ ତଦନ୍ତ ଚାଲିଛି । ଆପ୍‌ର ମିଡିଆ ଇନ୍‌ଚାର୍ଜ ବିଜୟ ନାଏର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ନୂଆ ନୀତିରେ ଲାଭର ଅଂଶକୁ ୫%ରୁ ୧୨% କରିଥିଲେ । କୋର୍ଟ ପକ୍ଷରୁ କୁହାଯାଇଥିଲା ଯେ ଏହି ମନ୍ତବ୍ୟ ଉପରେ ବିଚାର କରନ୍ତୁ । ଆପ୍ ନାଁରେ ଆସିଥିବା ଅଭିଯୋଗ ପୃଥକ୍ । ଏହା ସମାନ ନୁହେଁ । ସିସୋଦିଆଙ୍କ ପକ୍ଷରୁ ଯୁକ୍ତ ବାଢ଼ି ଅଭିଶେକ୍ ମନୁ ସାଙ୍ଗଭି କହିଥିଲେ ଯେ ଏଏସ୍‌ଜିଙ୍କ ଶେଷ ମନ୍ତବ୍ୟ ଆସନ୍ତାକାଲି ସମ୍ବାଦପତ୍ରରେ କ'ଣ ପ୍ରଭାବ ପକାଇବ ତାହା ଦେଖିବାର କଥା । ବର୍ଷେ ହେଲାଣି ମୋ ମହକିଲ ଗିରଫ ହୋଇଛନ୍ତି । ୫ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଓ ୫୦୦ ସାକ୍ଷୀଙ୍କୁ ପରୀକ୍ଷା କରାଯାଇଛି । ଏବେବି ସେମାନେ ଅଭିଯୁକ୍ତ ବୋଲି କହିପାରୁନାହାନ୍ତି । କୋର୍ଟ କହିଥିଲେ ଯେ ଏଏସ୍‌ଜିଙ୍କର ଶେଷ ମନ୍ତବ୍ୟ ଆମ ନିଷ୍ପତ୍ତିକୁ ପ୍ରଭାବିତ କରିପାରିବ ନାହିଁ । ଆମେ ଆଜି ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦ ଉପରେ ବିଚାର କରୁଛୁ । ଆଶଙ୍କା କରି ଗିରଫ କରାଯିବା ମାମଲାରେ ବିଚାର କରାଯାଉଛି । ଆସନ୍ତାକାଲି ମଧ୍ୟ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ବିଚାର କରାଯିବ ।

# ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କର ପରଲୋକ



ପିପିଲି, (ସବ୍ୟୁ) : ସୋମବାର ସକାଳେ ଭୁବନେଶ୍ୱର ର ଏକ ଘରୋଇ 1 ଡ଼ାକ୍ତର ଖାନାରେ ପିପିଲି –ଡେଲାଙ୍ଗର ପୁର୍ବତନ ବିଧାୟକ ତଥା ଜଣେ ଅଗ୍ନୀବର୍ଷି ଟାଣୁଆ କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟଙ୍କର ପରଲୋକ ହୋଇଯାଇଛି। ଶ୍ରୀ ସାମନ୍ତରାୟଦୀର୍ଘ ଦିନ ହେଲା କର୍କଟ ରୋଗରେ ପୀଡିତ ହୋଇ ଚିକିସ୍ଚିତ ହେଉଥିଲେ। ତାଙ୍କ ବିୟୋଗରେ ସାରା ପିପିଲି ଓଡେଲାଙ୍ଗରେ ଶୋକର ଛାୟା ଖେଳି ଯାଇଛି।ଶ୍ରୀଯୁକ୍ତ ସାମନ୍ତରାୟ କଂଗ୍ରେସରୁ ରାଜନୀତି ଜୀବନ ଆରମ୍ଭ କରି ସେତେବେଳର କମ୍ୟୁନିଷ୍ଟ କୁ ଘୋର ବିରୋଧ କରି ନିଜର ନେତୃତ୍ୱକୁପ୍ରତିପାଦିତ କରିପାରିଥିଲେ। ସେ ପ୍ରଥମେ ୧୯୮୨ ମସିହାରେ ପିପିଲି ବ୍ଲକ ଅଧକ୍ଷ ଭାବେ ର୍ନିବାଚିତ ହୋଇଥିଲେ।ପରେ ୧୯୯୫ ରୁ ୨୦୦୦ ମସିହା ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ବିଧାନ ସଭାକୁ ର୍ନିବାଚିତ ହୋଇଥିଲେ। ସଂଘର୍ଷ ପୂର୍ଣ୍ଣ ରାଜନୀତିରେ ସେ ନିଜର ଗୋଟିଏ ଚକ୍ଷୁ ହରାଇବା ସହିତ ସାନ ଭାଇକୁ ସବୁଦିନ ପାଇଁ ହରାଇଥିଲେ ମଧ୍ୟ ପିପିଲି ଡେଲାଙ୍ଗ ବିକାଶ କାର୍ଯ୍ୟ ଓ ଲୋକଙ୍କ ସେବାରୁ କେବେ ଦୂରେଇ ଯାଇ ନଥିଲେ। ଏପରିକି ମୃତ୍ୟୁଦ୍ୱାରଦେଶରେ ଥାଇ ମଧ ପିପିଲି ବଜାରକୁ ବସ୍ ଚାଲିବା ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ପଛାଇନଥିଲେ। ସେ ର୍ନିବାଚନରେ ବହୁ ବାର ହାରି ଥିଲେ ମଧ୍ୟ ଜନ ମାନସର ପ୍ରିୟ ନେତା ଥିଲେ।ତାଙ୍କର ମୃତ୍ୟୁ ଖବର ପାଇବା ପରେ ଡାକ୍ତରଖାନା ରେ ବହୁ ନେତୃବୃନ୍ଦ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ପିପିଲି ଅଣାଯାଇଥିଲା। ପିପିଲି ବିଜେଡ଼ି କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପିପିଲି ବ୍ଲକ ଅଧକ୍ଷା ଦେବଶିଷ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପୌରାଧକ୍ଷ ସେକ ବାବୁ,ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ,ବସୁ ମଲିକ ପ୍ରମୁଖ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ପରେ ଏକ ଶବ ଶୋଭାଯାତ୍ରା ବଜାର ପରିକ୍ରମା କରି ହାଟଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଶିଷ୍ଟ ସମାଜ ସେବୀ ବିକ୍ରମ କେଶରୀ ସିଂ,ପୂର୍ବତନ ବ୍ଲକ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ରସ୍ୱାଇଁ ଙ୍କ ସମେତ ବଜାର ବ୍ୟବସାୟ ସଂଘର କର୍ମକର୍ତ୍ତା,ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ସମାଜସେବୀ ମାନେ ପୁଷ୍ପ ଗୁଛ ଦେଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ପିପିଲି ରୁ ମରଶରୀର କୁ ତାଙ୍କ ନିଜ ଗାଁ ମାଧିପୁର କୁ ନିଆଯାଇଥିଲା।ସେଠାରେ କିଛି ଘଣ୍ଟା ସାଧାରଣ ଦର୍ଶନ ପାଇଁ ରଖାଯାଇ ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ସାମନ୍ତରାୟଙ୍କର ଏକ ମାତ୍ର ପୁତ୍ର ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ତଥା ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ସମସ୍ତ ପରିବାର ସଦସ୍ୟ। ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ

ଭଦ୍ରକ,(ସବ୍ୟୁ):ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱ ଭଦ୍ରକ ମେଡ଼ିକାଲର ସଭା ଗୃହରେ ପାଳିତ ହୋଇଯାଇଛି । ଏହି ସଭାରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଶିକ୍ଷା ଦିଆଯାଇଥିଲା । ଏହି ସଭାରେ ଜିଲ୍ଲାର ବହୁ ଡ଼ାକ୍ତର ମାନେ ଯୋଗଦାନ କରି ବିଭିନ୍ନ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ମାନସିକ ରୋଗୀମାନେ କିପରି ସୁସ୍ଥ ରହିପାରିବେ ସେ ବିଷୟରେ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ଭାରତୀ ରାଉତ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ପରିବାର କଲ୍ୟାଣ ଡ଼ାକ୍ତର ଜୟନ୍ତ କୁମାର ପଣ୍ଡା, ମହାମାରୀ ବିଶେଷଜ୍ଞ ଡ଼ାକ୍ତର ପାର୍ଥ ସାରଥୀ ମିଶ୍ର, ଜିଲ୍ଲା ତଥ୍ୟ ମେନେଜର ରଗେଶ୍ରୀ ମହାନ୍ତି, , ଅତିରିକ୍ତ ମେନେଜର ଅଭିଳାଷ ପାଣିଗ୍ରାହୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିନାୟକ କଲେଜରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପୋଷ୍ଟର ତିଆରି ଏବଂ ସ୍ଲୋଗାନ ଲେଖିବାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧକ୍ଷ ପ୍ରଭାକର ପାଢ଼ୀ, ଅତିରିକ୍ତ ନିର୍ଦ୍ଦେଶକ ଶଙ୍କର୍ଷଣ ପଣ୍ଡା ଓ ସବ୍ୟସାଚୀ ପାଢ଼ୀ।

# ଚିଲିକାରେ ପ୍ରଦୂଷଣ କମାଇବାକୁ ଚାଲିବ ସୌର ଚାଳିତ ବୋଟ୍



ଭୁବନେଶ୍ୱର (ସବ୍ୟୁ) : ଚିଲିକାରେ ଚାଲିବ ସୌରଚାଳିତ ବା ବ୍ୟାଟେରୀ ଚାଳିତ ବୋଟ ଛ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ଚିଲିକାରେ ପ୍ରଦୂଷଣ କମାଇବା ଏବଂ କାର୍ବନ ମନ ମାତ୍ରାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦୀର୍ଘ ଦିନରୁ ପ୍ରସ୍ତାବିତ ପଦକ୍ଷେପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି । ଏ ସଂପର୍କରେ ଶୁକ୍ରବାର ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ତରଫରୁ ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ,ଜଙ୍ଗଲ ଓ ପରିବେଶ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓରେଡାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ଚିଲିକା ହେଉଛି ଏସିଆର ସବୁଠାରୁ ବଡ଼ ଲବଣାକ୍ତ ହ୍ରଦ । ଅନେକ ପ୍ରଜାତିର ସ୍ଥାନୀୟ ଏବଂ ପ୍ରବାସୀ ପକ୍ଷୀଙ୍କର ଏକ ବାସସ୍ଥଳୀ ହେତୁ ଏହା 'ରାମସାର ସମ୍ମିଳନୀ ଅଧୀନରେ ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି' (ରାମସାର ୱେଟ୍ ଲ୍ୟାଣ୍ଡ ଅଫ୍ ଇଣ୍ଟରନ୍ୟାସନାଲ ଇମ୍ପୋର୍ଟାନ୍ସ) ରେ ସ୍ଥାନିତ ହୋଇଛି । ହଜାର ହଜାର ପ୍ରବାସୀ ପକ୍ଷୀଙ୍କ ଦୀର୍ଘ ଯାତ୍ରାରେ ଚିଲିକା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ଥାୟୀ ରହଣି (ଷ୍ଟପ୍ ଓଭର ପଏଣ୍ଟ) ଭାବରେ କାର୍ଯ୍ୟ କରେ । ଚିଳିକା ବିଭିନ୍ନ ପ୍ରଜାତିରମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓଅନ୍ୟାନ୍ୟ ଜଳଜୀବଙ୍କ ସହ ବିରଳ ଇରୱାଡି ଡଲଫିନ୍ ମାଛଙ୍କ ଘର ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି । ଏଥି ସହିତ ଚିଲିକାର ଲୁଣାପାଣିଏକ ସମୃଦ୍ଧ ଜୈବ ବିବିଧତାକୁ ସମର୍ଥନ କରେ । ଚିଲିକାରୁ ମାଛ ଧରିବା ହଜାର ହଜାର ପରିବାରଙ୍କ ଜୀବିକାର୍ଜନର ମାଧ୍ୟମ ହୋଇଛି ଓ ସେମାନଙ୍କର ଆଞ୍ଚଳିକ ଅର୍ଥନୀତି ପ୍ରତି ଯୋଗଦାନ ରହିଛି । ବିଦେଶାଗତ ପକ୍ଷୀ, ଡଲଫିନ୍ ମାଛ, କାଳିଜାଇ ମନ୍ଦିର ଏବଂ ବିଭିନ୍ନ ଜଳ କ୍ରୀଡା କାର୍ଯ୍ୟକଳାପ ଯୋଗୁଁ ଚିଲିକାପର୍ଯ୍ୟଟକଙ୍କ ଏକ ପ୍ରମୁଖ ଲକ୍ଷ୍ୟ ସ୍ଥଳ ହୋଇପାରିଛି । ସ୍ଥାନୀୟ ବୋଟ୍ ଚିଲିକାକୁ ଯାତାୟତର ପ୍ରମୁଖ ମାଧ୍ୟମ ଅଟନ୍ତି ।

କିନ୍ତୁ ଦେଖାଯାଇଛି ଯେ, ଚିଲିକାରେ ଡିଜେଲ ଚାଳିତ ମୋଟର ବୋଟ୍ ବ୍ୟବହାର ଦ୍ୱାରା ଏହା ବିଭିନ୍ନ ପ୍ରକାର ପ୍ରଦୂଷଣର କାରଣ ହେଉଛି । ଏହି ପ୍ରକାର ବୋଟରେ ବ୍ୟବହୃତ ହେଉଥିବା ତେଲ ଅଧିକାଂଶ ସମୟରେ ହ୍ରଦରେ ମିଶୁ ଥିବାରୁ ଜଳ ପ୍ରଦୁଷଣ, ବାୟୁ ପ୍ରଦୁଷଣ ଏବଂ ବୋଟର ଶବ୍ଦରୁ ଶବ୍ଦ ପ୍ରଦୁଷଣ ହୋଇଥାଏ । ଏଥି ଯୋଗୁଁ ଜଳ ପରିସଂସ୍ଥାରେ ଅସନ୍ତୁଳନ ଦେଖାଦେଉଛି ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା କମୁଛି ଓ ଡ଼ଲଫିନ୍ ମାଛମାନଙ୍କର ଗତି ପଥ ମଧ୍ୟ ହ୍ରଦରୁ ଦୂରେଇ ଯାଉଥିବା ଆଶଂକା ରହୁଛି ।

ସୌର ଚାଳିତ ବା ବ୍ୟାଟେରୀ ଚାଳିତ ବୋଟ୍ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛିକାଂଶରେ ବ୍ୟୟ ସାପେକ୍ଷ ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ବାର୍ଷିକପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହୋଇଥାଏ । ଓରେଡା ତରଫରୁ ଦେଶର ବିଭିନ୍ନ ରାଜ୍ୟରେ ରହୁଥିବା ସୌରଚାଳିତ ଓ ବ୍ୟାଟେରୀ ଚାଳିତ ବୋଟ୍ ମଡେଲ ଗୁଡିକ ପ୍ରଦର୍ଶିତ କରାଯାଇଥିଲା ।

ଏ ଦିଗରେ 'ଓରେଡା' ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟାରମ୍ଭ କରିବାକୁ ସ୍ଥିର କରିଥିବା ବେଳେ ଏ କ୍ଷେତ୍ରରେ ରହିଥିବା ବୈଷୟିକ–ବାଣିଜ୍ୟିକ ସମ୍ଭାବନାକୁ ସବିଶେଷ ଅନୁଧ୍ୟାନ କରାଯିବ । ବର୍ତ୍ତମାନ ରହିଥିବା ମାଛଧରା, ପର୍ଯ୍ୟଟକ ଡଙ୍ଗାଗୁଡିକରେ ନିର୍ମାଣ ଶୈଳୀରେ ଆବଶ୍ୟକପରିବର୍ତ୍ତନ କରାଯାଇ ତାହାକୁ ସୌରଚାଳିତ ବୈଦ୍ୟୁତିକ ବୋଟରେ ପରିଣତକରାଯିବ । ଏଥି ପାଇଁ ଉପକୃତ ହେବାକୁ ଥିବା ମତ୍ସ୍ୟଜୀବୀ, ପର୍ଯ୍ୟଟକ ବୋଟ ଚାଳକ ଆଦି ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ । ନୂତନ ବୋଟର ସହଜ ପରିଚାଳନା ଓ ସରଳ ରକ୍ଷଣାବେକ୍ଷଣ ପଦ୍ଧିତ ସଂପର୍କରେ ବୁଝାଯିବ । ଶକ୍ତି ବିଭାଗ, ଓଟିଡିସି, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ,ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ ଓରେଡା ଏହି ପାଇଲଟ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ । ପ୍ରାଥମିକ ପର୍ଯ୍ୟାୟରେ ଚିଲିକାର ବିଭିନ୍ନ ସ୍ଥାନରେ ସୌର–ବ୍ୟାଟେରୀ ଚାଳିତ ବୋର୍ଟ ଚଳାଇବାକୁ ଆବଶ୍ୟକ ପ୍ରସ୍ତୁତି ପାଇଁ ଓରେଡାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସାଢେ ୪କୋଟି ଓଡିଆଙ୍କ ବିଶ୍ୱାସ ଜିତିଛନ୍ତି ନବୀନ

ଖଇରା, (ସବ୍ୟୁ) :ବିଜେଡି ସରକାର ଆସିବା ପରଠାରୁ ରାଜ୍ୟରେ ଦ୍ରୁତ ବିକାଶ ହୋଇଛି । ଗର୍ଭସ୍ଥ ଶିଶୁ ଠାରୁ ବ୍ୟକ୍ତିଟିଏ ମଶାଣି ଯିବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି । କହିବାକୁ ଗଲେ ନବୀନ ସରକାରର ୨୪ବର୍ଷ ଶାସନ କାଳରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ,ପର୍ଯ୍ୟଟନ ସବୁକିଛିରେ ଅନେକ ପରିବର୍ତ୍ତନ ଘଟିଛି । ଓଡିଶାର ମାନଚିତ୍ର ବଦଳାଇଥିବା ନବୀନ ସାଢେ ୪କୋଟି ଓଡିଆଙ୍କ ବିଶ୍ୱାସ ଜିତଛନ୍ତି । ପୁଣିଥରେ ଓଡିଶାବାସୀ ତାଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ସିମୁଳିଆବାସୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ତୃତୀୟଥର ପାଇଁ ବିଧାୟକ ଆସନରେ ବସାଇବେ ବୋଲି ବୁଧବାର ଜନସମୁଦ୍ର ଭିତରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇଥିବା ନେତୃବୃନ୍ଦ ଓ ଲୋକପ୍ରତିନିଧି ମାନେ ଦୃଢ ଦାବୀ କରିଛନ୍ତି । ୩୭ପଞ୍ଚାୟତରୁ ଆସିଥିବା ବିଜେଡି କର୍ମୀଙ୍କ ବିଶାଳ ପଦଯାତ୍ରା ଆଳଦା ଛକରୁ ବାହାରି ଦୁର୍ଗାମଣ୍ଡପରେ ପହଞ୍ଚିବା ବେଳକୁ ଏହା ଜନସମୁଦ୍ର ପାଲଟି ସାରିଥିଲା । ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୁର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ସ୍ୱାଗତ ଭାଷଣ ରଖିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ସଭ୍ୟ ମାନସ କୁମାର ଦାସ,ଉପାଧକ୍ଷ ଗଜେନ୍ଦ୍ର ପରିଡା,ସମିତି ସଭ୍ୟା ଛବିଲତା ମହାପାତ୍ର,ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସ୍ୱାଇଁ,ରଘୁନାଥ ପଣ୍ଡା,ସମ୍ପଦ ଘଡେଇ ପ୍ରମୁଖ କର୍ମୀଙ୍କ ଆଗରେ ଓଡିଶା ତଥା ସିମୁଳିଆ ଖଇରା ବିକାଶର ଚିତ୍ର ବଖାଣିଥିଲେ । ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୌମ୍ୟ ରଞ୍ଜନ ନାୟକ,ମନୋଜ ପାତ୍ର,ସାଇଆଶିଷ ପତ୍ରୀ,ପ୍ରିତମ ନାୟକ,ଜ୍ୟୋତିପ୍ରକାଶ ମହାପାତ୍ର,ଅମରେଶ ପତ୍ରୀ,ଗୌତମ ରାଉତ,ତୃପ୍ତିକାନ୍ତ ନାୟକ ପ୍ରମୁଖ ପଦଯାତ୍ରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


**OFFICE OF THE PRINCIPAL**
**S.C.B DENTAL COLLEGE & HOSPITAL,**
**CUTTACK-753007 (ODISHA)**

E-480

email : dentalscb@gmail.com website : www.scbdental.nic.in

**TENDER CALL NOTICE No. 4036 Dt. 16.10.2023**

The Principal S.C.B Dental College & Hospital, Cuttack invites as tender call notice for the procurement of Books and Journals (including e-journals) from the registered publishers/suppliers for the year 2023-24. This tender is two bid systems (Technical & Financial). The last date of submission of tender paper within 21 days from the date of publication in newspapers. The tender paper cost : Rs. 1000/- (One Thousand) only. The details of terms and conditions, list of books and journals etc are mentioned in the tender paper which can be downloaded from the website of this institution www.dentalscb.nic.in. The tender should send by speed post / registered post only. The authority reserves the right to accept any or reject any / all quotation(s) without assigning any reason thereof.

Sd/- Principal
S.C.B Dental College & Hospital
Cuttack

OIPR : 10027/11/0005/2324



**ODISHA MOTOR TRANSPORT DRIVER & WORKERS' WELFARE BOARD**
**(BOARD CONSTITUTED UNDER ODISHA MOTOR TRANSPORT DRIVER & WORKERS WELFARE SCHEME 2023)**
**Letter No. LX-135/2023/15730/TC Date : 16.10.2023**

JJ-28

**INDICATIVE ADVERTISMENT FOR TEMPORARY ENGAGEMENT**

Odisha Motor Transport Driver & Workers' Welfare Board invites application for temporary engagement of following personnel.

| Sl. No. | Designation | Eligibility Condition | Number |
|---|---|---|---|
| 1. | Administrative Executive | Retired Government Officials (Not Below the rank of under Secretary and have not attended the age of 65) | 2 |
| 2. | Young Professional | Graduate with MBA qualification having minimum one year experience in the following areas<br>a. Accounting<br>b. Financial management<br>c. Record Keeping | 2 |
| 3. | Multi-Tasking staff | HSC Graduate | 1 |

- The above engagement is purely temporary and shall not be made permanent.
- The remuneration shall be paid as per government norms
- The engagement may be terminated at any time as per the decision of the board.

The Interested applicants are requested to download the application form & to submit the completed application along with all testimonials through email on mail ID **odwelfareboard@gmail.com** so as to reached by **5 PM of 31.10.23.** Application received after the due date shall not be entertained. Selected candidate may be required to appear for an interview and the date, time & place of interview shall be intimated to the selected candidate through mail.

OIPR : 38003/11/0026/2324

Sd/- Member Secretary cum Transport Commissioner, Odisha



**GOVERNMENT OF ODISHA e PROCUREMENT NOTICE**
**WORKS DEPARTMENT**
**Bid Identification No. S.E. CBT (R&B) 17/2023-24**

B-1090

charbatiadivision1@gmail.com

| | | | |
|---|---|---|---|
| i | Name of the work | : | El Work-02 Nos, Civil works-03Nos |
| ii. | Estimated cost | : | **Rs 12,29,013/- to Rs15,10,498/-** |
| iii. | Period of completion | : | 01 month (30 days) & 03 months (90 days) |
| iv. | Date & time of availability of Bid documents in the portal | : | **from 10.00 AM of 17.10.2023 to 30.10.2023 up to 5.00 PM for 'online' bidding** |
| v. | Last date/ time for receipt of Bids in the portal | : | **30.10.2023 up to 5.00 PM.** |
| vi. | Name and address of the officer inviting Bid | : | **Superintending Engineer** Charbatia **(R&B) Division, Choudwar** |

Further details can be seen from the e-procurement portal **http://www.tendersorissa.gov.in.**

Any addendum/ corrigendum/ cancellation of tender can also be seen in the said website.

Sd/- Superintending Engineer
Charbatia (R&B) Division Choudwar

OIPR : 34092/11/0008/2324



**OFFICE OF THE ADDITIONAL CHIEF ENGINEER**
**BALANGIR IRRIGATION CIRCLE, BALANGIR**

E-mail :sebalangir@gmail.com

A-670

**"e" Procurement Notice BID Identification No : ACE, BOIC-04/2023-24**

| Sl. No. | Name of Work | Approx. Value of Work put to Bid (Rs. In Lakhs) | E.M.D. Required (Rs.) | Cost of BID document | Period of Completion | Class of Bidder entitled for BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of WBM road from RD 7400m to 18000m of RMC of Salki Irrigation Project | Rs. 209.79 | Rs. 2,09,800/- | 10,000/- | 12 (Twelve) Calendar Months. | 'A' & 'B' Class |
| 2 | Construction of WBM road within RD 15000m to 24000m of LMC of Salki Irrigation Project | Rs. 184.97 | Rs. 1,85,000/- | 10,000/- | 12 (Twelve) Calendar Months. | 'A' & 'B' Class |

Procurement Details

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-04/2023-24 | Dt.19.10.2023 at 10.00 hours | Dt.06.11.2023 up to 17.30 hours | Dt.19.10.2023 to Dt.31.10.2023 At Office during office hours, (In working days) | Dt.07.11.2023 at 11.00 Hours | To be intimated after evalution of Technical Bid | Office of Addl Chief Engineer, Balangir Irrigation Circle, Balangir |

Further details can be seen from the e-procurement portal **"https://www.tendersorissa.gov.in"**

Sd/- Addl. Chief Engineer,
Balangir Irrigation Circle, Balangir

OIPR : 32347/11/0005/2324



E-mail: eeroads.khr@rediffmail.com

**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST. NUAPADA, ODISHA.**
**Letter No. 4970 Date 16.10.2023**

**1st Corrigendum to Bid Identification No.SER&BKHR - 16 /2023-24**

**B-1092 :** The following changes are being made for E-Procurement Notice- 16, Bid Identification No. SER&BKHR _16/ 2023-24 vide Letter No. 4713 Date 30.09.2023 in the above Tender Call Notice. The details are as given below.

| Sl.No. | Name of the work Opening | Provision as per NIT | | Modified as per 1st Corrigendum | |
|---|---|---|---|---|---|
| | | Date & time of availability of bid documents in the portal | Date of Opening | Extension of Date & time of availability of bid documents in the portal | Date of |
| 1 | External Electrification work for Power Supply to 100 Seated Girls Hostel Building of OAV at Badi, Khariar in the district of Nuapada for the year 2023-24 | 10.00 hours of 05.10.2023 to 17.00 Hours of 16.10.2023 | 17.10.2023 at 11.30 hours | 10.00 hours of 16.10.2023 to 17.00 Hours of 18.10.2023 | 19.10.2023 at 11.30 hours |
| 2 | Widening and strengthening of Khariar-Bhuliasikuan Road from ch.0/000 km Block chowck to 3/200km such as shifting of HT Line, Substation and LT lines in the district of Nuapada for the year 2023-24 | 10.00 hour of 05.10.2023 to 17.00 Hours of 16.10.2023 | 17.10.2023 at 11.30 hours | 10.00 hours of 16.10.2023 to 17.00 Hours of 18.10.2023 | 19.10.2023 at 11.30 hours |

- All other terms and conditions remain unchanged.

Sd/- Executive Engineer
Khariar (R&B) Division

OIPR : 34062/11/0031/2324



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା,
ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତାମାନଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତି ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ସାଲ୍ଲା ମୋହନ ରାଓ,** ପିତା: ୰ ସାଲ୍ଲା ହରିନାଥ, **୨) ଶ୍ରୀ ସାଲ୍ଲା ଅନନ୍ଦ,** ପିତା: ୰ ସାଲ୍ଲା ହରିନାଥ, **୩) ଶ୍ରୀ ସାଲ୍ଲା କାଳିଦାସ,** ପିତା: ୰ ସାଲ୍ଲା ହରିନାଥ, **୪) ଶ୍ରୀମତୀ ସାଲ୍ଲା ନୀଳା,** ସ୍ୱାମୀ: ୰ ସାଲ୍ଲା ହରିନାଥ, ସମସ୍ତଙ୍କ ଠିକଣା- ଗଜାନନପେଟା, ଗଣେଶ ନଗର ମେନ୍ ଲାଇନ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୯ | ୰ ସାଲ୍ଲା ହରିନାଥ | ୰ ସାଲ୍ଲା ହରିନାଥଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୩/୩୯୯୦, ପ୍ଲଟ୍ ନଂ.: ୮୨୪/୬୭୮୮, କ୍ଷେତ୍ର: ଏକର୦.୦୨୦ ଡ଼ିସିମିଲି, କିସମ: ଘରବାରୀ, ମୌଜା: ମଧୁସୂଦନପୁର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ନାଳ, ପୂର୍ବ: ରାଧା ଗୌଡଙ୍କ ଜମି, ପଶ୍ଚିମ: କୁମାରୀ ସାବତଙ୍କ ଜମି | ୦୩.୦୭.୨୦୨୩ | ୧୩.୧୦.୨୦୨୩ | ୦୩.୦୭.୨୦୨୩ ସୁଦ୍ଧା ଟ.୧୮,୧୭,୪୨୫/- + ସେବାବଦ ତତ୍ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୧୦.୨୦୨୩

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମଦିବସରେ ରକ୍ତଦାନ ଶିବିର

# ଚୌଦ୍ୱାର କଟକ ଓଡିଶା ମୋ-ପରିବାର ପକ୍ଷରୁ ୧୦୮ୟୁନିଟ୍ ସଂଗୃହିତ



କଟକ, (ସ୍ୱ.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ଓଡିଶା ମୋ-ପରିବାରର କଟକ ଜିଲ୍ଲା ଆବାହକ ତଥା ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ମହାନଦୀବିହାର ସ୍ଥିତ ସେଲିବ୍ରେସନ ମଣ୍ଡପ ଠାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୬ବର୍ଷର ନିରନ୍ତର ଜନସେବା କରି ରାଜ୍ୟକୁ ଉନ୍ନତିର ଶୀର୍ଷରେ ପହଂଚାଇଥିବା ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ । ରକ୍ତଦାନ ମହତ ଦାନ, ଆମ୍ଭମାନଙ୍କ ଏହି ଟିକିଏ ସହଯୋଗ ବହୁ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟ ହେଉଛି । ଏଣୁ ସମସ୍ତେ ରକ୍ତଦାନ କରିବାକୁ ଉପସ୍ଥିତ କର୍ମୀ, ଶୁଭେଚ୍ଛୁଙ୍କୁ କହିବା ସହ ନିଜେ ରକ୍ତଦାନ କରିଥିଲେ । ଫଳରେ ୧୦୮ ୟୁନିଟ୍ ରକ୍ତ ସଂଗୃହିତ ହୋଇପାରିଥିଲା ।

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ରକ୍ତଭଣ୍ଡାର ଓ ରେଡକ୍ରସ୍‌ର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ଧନ୍ୟବାଦ ଦେବା ସହ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବାରବାଟୀ କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାଷ ଚନ୍ଦ୍ର ସିଂହ, ଡେପୁଟୀ ମେୟର ଦମୟନ୍ତୀ ମାଝୀ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶୁଭେନ୍ଦୁ ସାମଲ, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ପ୍ରଳୟା ବେଉରା, ପ୍ରମିଳା ମହାନ୍ତି, ଇଂ ସୁବ୍ରତ ଘଡାଇ, ଝିଲ୍ଲୀ ବିହାରୀ, ପଦ୍ମିନୀ ସାହୁ, ତାପସ ରଂଜନ ସାମନ୍ତରାୟ, ବିଶ୍ୱବନ୍ଦିତା ପଣ୍ଡା, ଅରବିନ୍ଦ ଜେନା, ମଧୁସ୍ମିତା ବାରିକ, ନଳିନୀ ବେହାରା, ଦିଲ୍ଲୀପ ସାହୁ, ରଂଜନ ବିଶ୍ୱାଳ, ଇଂ ଆଶିଷ ସ୍ୱାଇଁ, ବିଶ୍ୱଜିତ୍ ମହାନ୍ତି, ଅଜୟ ମହାନ୍ତି, ସତ୍ୟବ୍ରତ ପଟ୍ଟନାୟକ, ସଂଜୟ ଜେନା, ରମାକାନ୍ତ ଲେଙ୍କା, ରାଜେନ୍ଦ୍ର ରଣା, ସ୍ମୃତି ରଂଜନ ନାୟକଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ୧୦୦୦ ଇଭି ଚାର୍ଜିଙ୍ଗ୍ ଷ୍ଟେସନ ସ୍ଥାପନ କରିବେ ସର୍ଭୋଟେକ୍ ପାୱାର ସିଷ୍ଟମ୍ସ ଓ ଏମ୍‌କୋର୍

ଭୁବନେଶ୍ୱର (ସବ୍ୟୁ): ସୁସଜ୍ଜିତ ଓ ଅତ୍ୟାଧୁନିକ ଇଭି ଚାର୍ଜିଙ୍ଗ ଭିତିଭୂମିକୁ ଉନ୍ନତ କରିବା ଲକ୍ଷ୍ୟରେ ଇଭି ଚାର୍ଜର୍‌ର ଏକ ଏନ୍‌ଏସ୍‌ଇ-ତାଲିକାଭୁକ୍ତ ଉତ୍ପାଦନକାରୀ ସର୍ଭୋଟେକ୍ ପାୱାର ସିଷ୍ଟମ୍ସ ଲିଃ ଏବଂ ଇଭି ଚାର୍ଜିଙ୍ଗ୍ ସିପିଓ ସଲ୍ୟୁଶନ୍ସ ଓ ଆଡ୍‌ଭାନ୍ସଡ୍ ବ୍ୟାଟେରୀ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଏମ୍‌କୋର୍ ମଧ୍ୟରେ ଭାରତରେ ଇଭି ଚାର୍ଜିଂ ଭିତିଭୂମିକୁ ବୈପ୍ଳବିକ କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁର ସର୍ତ ଅଧିନରେ ଏମ୍‌କୋର୍ ପାୱାର ସଲ୍ୟୁଶନ୍ସ, ସର୍ଭୋଟେକ୍ ପାୱାର ସିଷ୍ଟମ୍ସକୁ ଭାରତରେ ୧୦୦୦ ସିପିଓ (ଚାର୍ଜ ପଏଂଟ୍ ଅପରେଟର) ସାଇଟ୍ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଚୁକ୍ତି ଅନୁଯାୟୀ, ଏହି ସାଇଟ୍‌ଗୁଡିକ ଇଭି ଚାର୍ଜର୍‌ର ଇନ୍‌ଷ୍ଟଲେଶନ ପାଇଁ ମୂଳଦୁଆ ଭାବେ କାର୍ଯ୍ୟ କରିବ । ସର୍ଭୋଟେକ୍ ପାୱାର ସିଷ୍ଟମ୍ସ ୩୦କିଲୋୱାଟ୍, ୬୦କିଲୋୱାଟ୍ ଓ ତାହାଠାରୁ ଉଚ୍ଚ କ୍ଷମତାର ଡିସି ଫାଷ୍ଟ ଇଭି ଚାର୍ଜର୍‌ଗୁଡିକର ଉତ୍ପାଦନକାରୀ ଓ ସ୍ଥାପନକାରୀ ଭୂମିକା ଗ୍ରହଣ କରିବ, ଯାହାକୁ ଭିନ୍ନ ଭିନ୍ନ ସ୍ଥାନର ବିବିଧ ଶକ୍ତିଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତବ୍ୟାପୀ ରଣନୈତିକ ଭାବେ ବିତରଣ କରାଯିବ। ଏହି ପ୍ରକଳ୍ପକୁ ଏକାଧିକ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଦକ୍ଷିଣ ଭାରତରେ ୧୦୦ ଡିସି ଫାଷ୍ଟ ଇଭି ଚାର୍ଜରର ଇନ୍‌ଷ୍ଟଲେଶନ କରାଯିବ ।



ଏକାମ୍ର ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ ଓ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ ପାଣ୍ଡିଆନ୍

# କ୍ୱିଣ୍ଟାଲ ୭୧କିଲୋ ଗଞ୍ଜେଇ ଜବତ : ୬ ଗିରଫ, ୩ କାର୍ ଜବତ

ଭୁବନେଶ୍ୱର, (ସବ୍ୟୁ): କମିଶନରେଟ ପୋଲିସ କ୍ୱିଣ୍ଟାଲ ୭୧କିଲୋ ଗଞ୍ଜେଇ ଜବତ କରିବା ସହ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସ୍ପେଶାଲ କ୍ରାଇମ୍ ୟୁନିଟ୍ ଧଉଳୀ ଥାନା ଅନ୍ତର୍ଗତ ଲିଙ୍ଗିପୁର ଇନ୍ଦିରା କଲୋନୀରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ୧୩୦କିଲୋ ଗଞ୍ଜେଇ ଓ ୨ଟି କାର୍ ମଧ ଜବତ କରିଛି । ସେହିପରି ଲକ୍ଷ୍ମିସାଗର ଥାନା ପୋଲିସ ୪୧କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି ବ୍ୟବହୃତ କାର୍ ଜବତ କରିଛି । ଲିଙ୍ଗିପୁରରେ ଗଞ୍ଜେଇ ବ୍ୟବସାୟୀ ଏକାଠି ହୋଇ ବେପାର କରୁଥିବା ସ୍ପେଶାଲ କ୍ରାଇମୟୁନିଟ୍ ଜାଣିବା ପରେ ସତର୍କତା ସହ ସେମାନଙ୍କୁ ଜଗି ରହିଥିଲା । ସେମାନେ ୨ଟି କାର୍‌ରେ ଗଞ୍ଜେଇ ରଖି କୋଲକାତା ଚାଲାଣ ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିନେଇଥିଲା । ସେମାନେ କନ୍ଧମାଳରୁ କିଲୋ ୧୦ହଜାରରେ କିଣି କୋଲକାତାରେ ୩୦ହଜାର ଟଙ୍କାରେ ବିକ୍ରି କରନ୍ତି ବୋଲି ପୋଲିସ କହିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀର ଚନ୍ଦନ ପୃଷ୍ଟି (୩୩), କନ୍ଧମାଳର ଅନୀଲ ଦିଘାଲ (୨୮), ଦିପକ ଦିଘାଲ (୩୦), ସତିଶ ପ୍ରଧାନ (୩୩) । ଏମାନଙ୍କ ନିକଟରୁ ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ୧୩ଲକ୍ଷ ଟଙ୍କା ହେବବୋଲି ପୋଲିସ କହିଛି । ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଥିବା ଦୁଇ ଅଭିଯୁକ୍ତ ହେଲେ ସୁରେଶ ଚନ୍ଦ୍ର ନାୟକ(୩୬) ଓ ବିଶ୍ୱମ୍ବର ବେହେରା (୪୬) । ସୁରେଶ ଘର ଅନୁଗୁଳରେ ହୋଇଥିବା ବେଳେ ବିଶ୍ୱମ୍ବରର ଘର କନ୍ଧମାଳରେ । ଦୁହେଁ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରନ୍ତି । ଲକ୍ଷ୍ମୀସାଗର ଥାନା ପୋଲିସ ଏହା ଜାଣିବା ପରେ କାର ସହ ଦୁଇଜଣଙ୍କୁ କାବୁ କରିନେଇଥିଲା । ୬ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

# ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଆନାଟୋମି ଦିବସ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରବିବାର ବିଶ୍ୱ ଆନାଟୋମି ଦିବସ ପାଳିତ ହୋଇଯାଇଛି । ଆଧୁନିକ




ଶରୀର ଗଠନ ବିଜ୍ଞାନ ବା ଆନାଟୋମିର ଜନକ ବେଲ୍‌ଜିଆନ୍ ଡାକ୍ତର ଆଣ୍ଡ୍ରିୟସ୍ ଭେସାଲିୟସଙ୍କ ପ୍ରୟାଣ ଦିବସ ଅକ୍ଟୋବର ୧୫ ତାରିଖକୁ ଇନ୍‌ଟରନ୍ୟାସନାଲ୍ ଫେଡେରେସନ୍ ଅଫ୍ ଆସୋସିଏସନ୍‌ସ ଅଫ୍ ଆନାଟୋମିଷ୍ଟସ୍ (ଆଇଏଫ୍‌ଏଏ) ଦ୍ୱାରା ବିଶ୍ୱ ଆନାଟୋମି ଦିବସ ରୂପେ ପାଳନ କରାଯାଏ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆନାଟୋମି ବିଭାଗ ପକ୍ଷରୁ ଅଂଗଦାନ ସଚେତନତା ନିମନ୍ତେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କର ଗବେଷଣା ଓ ଶିକ୍ଷା ପ୍ରଦାନ ସହ ମୃତ ବ୍ୟକ୍ତିର ଶରୀରରୁ ଅଂଗଦାନ ନେଇ ଛାତ୍ରଛାତ୍ରୀ ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀର ଅଧକ୍ଷା ଶ୍ରୀମତି ନୀଲମ୍ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆନାଟୋମି ବିଭାଗର ମୁଖ୍ୟ ଡାକ୍ତର ସୀତାଂଶୁ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଡାକ୍ତର ବିଶ୍ୱଭୂଷଣ ମହାନ୍ତି, ଡାକ୍ତର ସୌର୍ଯ୍ୟ ରନ ଦାସ, ଡାକ୍ତର ପ୍ରତିମା ବୈଶାକ, ଡାକ୍ତର ବି. ଶର୍ମା, ଡାକ୍ତର ଜ୍ଞାନ ରଞ୍ଜନ ନାୟକ, ଡାକ୍ତର ସ୍ୱାଗତିକା, ଡାକ୍ତର ଅରୁନ୍ଧତି, ଡାକ୍ତର ଚିନ୍ମୟ, ଡାକ୍ତର ଲୋପାମୁଦ୍ରା, ଡାକ୍ତର ସୁଜିତା ଓ ଅନ୍ୟାନ୍ୟ ଫ୍ୟାକଲ୍ଟି ମେମ୍ବର୍ସଙ୍କ ସହିତ ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗୀତିକାର ବିନୋଦିନୀ ଦେବୀଙ୍କ ପରଲୋକ

ଭୁବନେଶ୍ୱର(ସବ୍ୟୁ) : ପ୍ରଖ୍ୟାତ ଗୀତିକାର ବିନୋଦିନୀ ଦେବୀଙ୍କ ଅନୁଗୁଳଠାରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ମସ୍ତିଷ୍କାଘାତରେ ଦୀର୍ଘ ମାସ ହେବ ଶଯ୍ୟାଶାୟୀ ଥିବା ବିନୋଦିନୀ ଦେବୀଙ୍କ ସୋମବାର ସକାଳେ ପରଲୋକ ଘଟିଛି । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସଂପନ୍ନ କରାଯିବ । ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି ।



ବିନୋଦିନୀ ଦେବୀ କଟକ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ । ତାଙ୍କ ରଚିତ ସିନେମାଗୀତଗୁଡ଼ିକ ମଧ୍ୟରେ ରକତ ଟଳମଳ ଖଇର ପାଞ୍ଚପଳ(ମଲାଜହ୍ନ), କାଳିଆ ଆସିଲା ଭାଇ କାଳିଆ ଆସିଲା.. , ସେ ତ ଭକତ ଭାବରେ ବନ୍ଧା..(ଶ୍ରୀ ଜଗନ୍ନାଥ), ନିରିମାଖୀ କୁଆଁରୀ ମୁଁ(ଓଅପୋଇ) ଏବଂ ନଟ ହେ ମଞ୍ଜି ପୋତିଲ..(ଜୟ ଜଗନ୍ନାଥ) ବେଶ୍ ଲୋକପ୍ରିୟ । ସେ ଥିଲେ ପ୍ରଥମ ଓଡ଼ିଆ ମହିଳା ସିନେ ଗୀତିକାର। ଓଡ଼ିଆ ସଙ୍ଗୀତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ହିଁ ତାଙ୍କୁ ପ୍ରଥମେ ମଲାଜହ୍ନ ସିନେମାରେ ଓ ପରବର୍ତ୍ତୀ କାଳରେ ଅନ୍ୟ ସିନେମାରେ ଗୀତ ଲେଖିବାର ସୁଯୋଗ ଦେଇଥିଲେ । ୧୯୩୭ ମସିହାରେ କଟକ ଜିଲ୍ଲା ତିଗିରିଆଠାରେ ବିନୋଦିନୀ ଦେବୀଙ୍କର ଜନ୍ମ ହୋଇଥିଲା । ସେ ଜଣେ ଉଚ୍ଚକୋଟିର ସାହିତ୍ୟିକ ମଧ୍ୟ ଥିଲେ । ତାଙ୍କ ରଚିତ 'ଖୋକାଟିଏ ଖୋକିଟିଏ' (ଶିଶୁଗୀତି ସଙ୍କଳନ), 'ଅମୃତା' (ଭକ୍ତିଗୀତି ସଙ୍କଳନ), ଟିକି ଟିକି ନାଲି କାଇଁଚ (ଶିଶୁଗୀତି ସଙ୍କଳନ), 'ଏଇ କଳା ମୋର କଳଙ୍କ' (ଆଧୁନିକ ଗୀତ ସଂକଳନ) ଆଦି ବେଶ୍ ଚର୍ଚ୍ଚିତ ।

# ପିଜିବିଏମ୍‌ର ପ୍ରତିଷ୍ଠାତା ରାହାସ ବିହାରୀଙ୍କ ବିୟୋଗରେ ଶୋକସଭା




ଭୁବନେଶ୍ୱର(ସବ୍ୟୁ) : ଅବସରପ୍ରାପ୍ତ ଆଗ୍ନିକ ଆରକ୍ଷୀ ଅଧିକ୍ଷକ, ପାରଳା ଗଜପତି ବିକାଶ ମଞ୍ଚର (ପିଜିବିଏମ୍) ପ୍ରତିଷ୍ଠାତା ସଭାପତି ରାହାସ ବିହାରୀ ମହାନ୍ତିଙ୍କ ବିୟୋଗରେ କାର୍ଯ୍ୟାଳୟରେ ବରିଷ୍ଠ ସଦସ୍ୟ ଦିଗ୍ ବିଜୟନାଥ ପାଢ଼ୀଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସାଧାରଣ ସମ୍ପାଦକ ରାଜ କିଶୋର ପାଣିଗ୍ରାହୀ ଶୋକ ପ୍ରସ୍ତାବ ଆଗତ ପରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପିଜିବିଏମ୍‌କୁ ସଫଳତାର ଶିଖରରେ ପହଞ୍ଚାଇବାର ଯେଉଁ ସ୍ୱାକ୍ଷର ଛାଡ଼ିଯାଇଛନ୍ତି, ତାହାକୁ ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତ ସଦସ୍ୟ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସଦସ୍ୟ ସତ୍ୟ ନାରାୟଣ ଦାଶ, ରମେଶ ଚୌଧୁରୀ, ସଂଗୀତଜ୍ଞ ପ୍ରଶାନ୍ତ ପାଢ଼ୀ, କୈଳାସ ପାଣିଗ୍ରାହୀ, ରୁଦ୍ରପ୍ରସନ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରାହାସ ବିହାରୀ ମହାନ୍ତିଙ୍କ ସ୍ମୃତିରେ ଏକ ସ୍ମରଣିକା ପ୍ରକାଶନ ସକାଶେ ସ୍ଥିରୀକୃତ ହୋଇଥିଲା।




# ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ ସୋ

ଭୁବନେଶ୍ୱର (ସବ୍ୟୁ) : ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ଏହାର ଚନ୍ଦ୍ରଶେଖରପୁର ସ୍ଥିତ ସୋରୁମ୍‌ରେ ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ ସୋ ଖୋଲିଛି । କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ମୂଲ୍ୟବାନ୍ ସୁନା, ହୀରା ଏବଂ ଦୁର୍ମୂଲ୍ୟ ଜେମ୍ ଅଳଙ୍କାର ପ୍ରଦର୍ଶିତ ହେବା ସହ ବିକ୍ରିୟର ବ୍ୟବସ୍ଥା କରାଯାଇଛି । ଏହିସବୁ ଆକର୍ଷଣୀୟ ଅଳଙ୍କାର ଦର୍ଶକମାନଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି । ଓଲିଉଡ୍‌ର ଅଭିନେତ୍ରୀ ସୁପ୍ରିୟା ନାୟକ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ମ୍ୟାନେଜମେଣ୍ଟ ଟିମ୍‌ର ସଦସ୍ୟ, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ରୁବି, ଏମରାଲ୍ଡ, ଅନକଟ୍ ଏବଂ ଡାଏମଣ୍ଡ ଜୁଏଲାରୀ ଏହି ପ୍ରଦର୍ଶନର ମୁଖ୍ୟ ଆକର୍ଷଣ । ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ମାଇନ୍, ଏରା, ପ୍ରେସିଆ, ଏଥିନିକ୍ସ, ଡିଭାଇନ୍ ଏବଂ ଷ୍ଟାରଲେଟ୍ ପ୍ରଭୃତି ଅଳଙ୍କାରମାନ ଏଥିରେ ସ୍ଥାନ ପାଇଛି । ୧୪ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଅକ୍ଟୋବର ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ୩୦ହଜାର ଟଙ୍କା ମୂଲ୍ୟରେ ପ୍ରତ୍ୟେକ ସୁନା ଅଳଙ୍କାର ଖର୍ଚ୍ଚ ଉପରେ ୧୦୦ ଏମ୍‌ଜି ସୁନା ମୁଦ୍ରା ମାଗଣାରେ ପ୍ରଦାନ କରାଯିବ । ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଛାଡ ବ୍ୟବସ୍ଥା ରହିଛି । ଜେମ୍ ପଥର ଓ ପୋଲ୍‌କି ଅଳଙ୍କାର ଉପରେ ମେକିଂ ଚାର୍ଜ କ୍ଷେତ୍ରରେ ୩୦ ପ୍ରତିଶତ ଛାଡ କରାଯିବ । ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ସବୁ ସୋରୁମ୍‌ରେ ଏହିସବୁ ସୁବିଧା ଉପଲବ୍ଧ ହେଉଛି । ମାଲାବର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଅନ୍ୟତମ ସବୁଠୁ ବିଶ୍ୱସ୍ତ ଜୁଏଲାରୀ ବ୍ରାଣ୍ଡ ଭାବରେ ନିଜର ପରିଚୟ ସୃଷ୍ଟି କରିଛି । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗରୀବଙ୍କ ପାଇଁ ଗୃହନିର୍ମାଣ କ୍ଷେତ୍ରରେ ଏହି ଗ୍ରୁପ୍‌କୁ ମିଳୁଥିବା ଲାଭର ଅଧିକାଂଶ ଅର୍ଥ ବିନିଯୋଗ କରାଯାଇଥାଏ ।

# ପ୍ଲାଟିନମ ଲଭ ବ୍ୟାଣ୍ଡର ନୂଆ ସିଜିନ କଲେକ୍ସନ ସହିତ ଆପଣଙ୍କ ପ୍ରତିଶ୍ରୁତିର ମୂହୂର୍ତ୍ତକୁ ନେଇ ଉତ୍ସବ ପାଳନ କରନ୍ତୁ

ଭୁବନେଶ୍ୱର (ସବ୍ୟୁ): ଉତ୍ସବ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ମନରେ ଉତ୍ସବକୁ ସ୍ମରଣୀୟ କରିବା ଭାବନା ସୃଷ୍ଟି ହୋଇଥାଏ। ଅନେକ ଦମ୍ପତି ଯେଉଁମାନେ ବିବାହ, ଜନ୍ମଦିନ ବା ସେମାନଙ୍କ ଅନ୍ୟନ୍ୟ ବନ୍ଧନକୁ ସମ୍ମାନ ଦେବା ଲାଗି କେତେକ ଯୋଜନା କରିଥାନ୍ତି । ପ୍ରିୟଜନଙ୍କୁ ଖୁସିରେ ଦେଖିବାକୁ ସମସ୍ତେ ଚାହାଁନ୍ତି । ଉପହାର ମାଧ୍ୟମରେ ନିଜ ମନର ସ୍ନେହ ଭାବନାକୁ ପ୍ରକାଶ କରିଥାନ୍ତି । ସେହି ମୁହୂର୍ତ୍ତ ଯେତେବେଳେ ସବୁ କିଛି ଠିକ ମନେହୁଏ ଓ ଗଭୀର ଭାବେ ଭଲ ପାଉଥିବା ପ୍ରିୟଜନଙ୍କ ନିକଟତର ହେବାର ସୁଯୋଗ ମିଳେ। ଏହି ମୂଲ୍ୟବାନ ଧାତୁ କେବଳ ବିଶ୍ୱରେ କିଛି ସ୍ଥାନରେ ଉପଲବ୍ଧ ହୋଇଥାଏ ଓ ସୁନା



ତୁଳନାରେ ୩୦ ଗୁଣା ବିରଳ ଅଟେ । ପ୍ଲାଟିନମ ଲଭ ବ୍ୟାଣ୍ଡ ୯୫% ଶୁଦ୍ଧ ଓ ବିରଳ ପ୍ଲାଟିନମରେ ଗଢା ଯାହା ପ୍ରେମର ଚରମ ପ୍ରତୀକ। କେତେକ ଏଭଳି ଭଲପାଇବାକୁ ବାଛନ୍ତି ଯାହା ଆଧୁନିକ ମୂଲ୍ୟବୋଧ ଉପରେ ନିର୍ମିତ । ଯେଉଁଥିରେ ପରସ୍ପରର ଭାବନା ପ୍ରତିଫଳିତ ହୋଇଥାଏ। ଏକ ବିରଳ ପ୍ରେମକୁ ପାଳନ କରିବା ପାଇଁ ପ୍ଲାଟିନମ ଲଭ ବ୍ୟାଣ୍ଡ ଏକ ନୂଆ କଲେକ୍ସନ ଉପସ୍ଥାପନ କରୁଛି। ଏହି ସୂକ୍ଷ୍ମ ସଂଗ୍ରହକୁ ଯତ୍ନର ସହ ଡିଜାଇନ କରାଯାଇଛି ଯେଉଁଥିରେ କିଛି ସ୍ୱତନ୍ତ୍ର ଶୈଳୀ, ଡିଜାଇନ ଓ ଚମତ୍କାର ମୋଟିଫ ରହିଛି।

# ଆମୱେ ଇଣ୍ଡିଆ, ନ୍ୟୁଟ୍ରିଲାଇଟ ଆଣୁଛି ପ୍ଲସଲାଇଫ

ଭୁବନେଶ୍ୱର (ସବ୍ୟୁ) : ଏକ ସୁସ୍ଥ ରାଷ୍ଟ୍ର ଗଠନକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହାର ପ୍ରୟାସରେ ଗବେଷଣା ଏବଂ ନବସୃଜନର ଦକ୍ଷତାକୁ ପୁନଃ ସୁଦୃଢ଼ୀକରଣ କରି ଭାରତର ଅନ୍ୟତମ ଅଗ୍ରଣୀ ଏଫଏମସିଜି ଡାଇରେକ୍ଟ ସେଲିଂ କମ୍ପାନୀ ଆମୱେ ଇଣ୍ଡିଆ ଏକ ପ୍ଲସଲାଇଫ ନିମନ୍ତେ ନିକଟରେ ସମ୍ପୂର୍ଣ୍ଣ ନୂତନ ମଲଟିଭିଟାମିନ ଏବଂ ମଲଟିମିନେରାଲ ସ୍ୱାସ୍ଥ୍ୟ ସପ୍ଲିମେଣ୍ଟ 'ନ୍ୟୁଟ୍ରିଲାଇଟ ଡେଲି ପ୍ଲସ' ପ୍ରଚଳନ କରିଛି। ଏହି ବୈପ୍ଳବିକ ପ୍ରସ୍ତୁତି ୨୪ଟି ଅତ୍ୟାବଶ୍ୟକ ଭିଟାମିନ ଓ ମିନେରାଲ ସହିତ ଦୁଇଗୁଣ ପରିମାଣର ଉଦ୍ଭିଦ ପୋଷକରେ ସଶକ୍ତ ଓ ସମୃଦ୍ଧ ହୋଇଛି। ନ୍ୟୁଟ୍ରିଲାଇଟ ଡେଲି ପ୍ଲସ ଆମୱେ ଉତ୍ପାଦ ବର୍ଗରେ ଏହି ଧରଣର ପ୍ରଥମ ଉତ୍ପାଦ ହୋଇଛି




ଯେଉଁଥିଳେ ଡୁଆଲ ଲେୟର ଡୁଆଲ ରିଲିଜ ଫର୍ମୁଲେସନ ନବସୃଜନର ସଫଳତା ସନ୍ନିବେଶିତ ହୋଇଛି। ସାମ୍ପ୍ରତିକ ସମୟରେ ଉପଭୋକ୍ତାମାନେ ମାନସିକ ସ୍ୱାସ୍ଥ୍ୟ ସହିତ ଶାରୀରିକ ସୁସ୍ଥତା ପ୍ରତି ସଚେତନ ରହୁଥିବାରୁ ସେମାନଙ୍କ ମଧ୍ୟରେ ପୂର୍ଣ୍ଣାଙ୍ଗ କଲ୍ୟାଣ ପ୍ରତି ଅଧିକରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଅଜୟ ଖାନ୍ନା, ସିଏମଓ, ଆମୱେ ଇଣ୍ଡିଆ କହିଥିଲେ, 'ମିନଟେଲ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରାୟ ୭୫% ଭାରତୀୟଙ୍କର ବିଶ୍ୱାସ ଯେ ଭିଟାମିନ, ମିନେରାଲ୍ସ ଏବଂ ସପ୍ଲିମେଣ୍ଟ ନିୟମିତ ସେବନ କରିବା ଦ୍ୱାରା ତାହା ସେମାନଙ୍କୁ ସାମଗ୍ରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ହାସଲ କରିବାରେ ସହାୟତା କରିଥାଏ ।

# ରୋଷେଇ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିଛି ଏମ୍‌ପିଓସି ୟୁଥ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ

ଭୁବନେଶ୍ୱର (ସବ୍ୟୁ): ମାଲେସିୟାନ୍ ପାମ୍ ଅଏଲ୍ କାଉନ୍ସିଲ (ଏମ୍‌ପିଓସି) ପ୍ରତିଷ୍ଠିତ ଗୁରୁ ନାନକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜ୍‌ମେଂଟ୍‌ରେ ଆୟୋଜିତ ଏହାର ୟୁଥ୍ ଆଉଟ୍‌ରିଚ୍ ପ୍ରୋଗ୍ରାମର ସଫଳ ସମାପନକୁ ପାଳନ କରିଛି। ଏହି କାର୍ଯ୍ୟକ୍ରମ ରୋଷେଇ ପ୍ରସ୍ତୁତି କ୍ଷେତ୍ରରେ ଏକ ଷ୍ଟାର ଉପାଦାନ ଭାବେ ପାମ୍ ତେଲର ଚମତ୍କାର ବିବିଧତା ଓ ସ୍ୱାସ୍ଥ୍ୟ ଉପକାରିତାଗୁଡିକୁ ହାଇଲାଇଟ୍ କରିଥିଲା । କଲିନାରୀ ବା ରୋଷେଇ କ୍ଷେତ୍ରର ଉଦୀୟମାନ ପ୍ରତିଭାମାନଙ୍କୁ ବିଶେଷଜ୍ଞଙ୍କ ସହ ଏକତ୍ରିତ କରି ଏହି କାର୍ଯ୍ୟକ୍ରମ ବ୍ୟାପକ ପ୍ରଶଂସା ହାସଲ କରିଛି। ଏହି ପ୍ରତିଯୋଗିତା 'ଆମେଚ୍ୟୋର୍' ଓ 'ଏକ୍ସପର୍ଟ' ଭାବେ ଦୁଇଟି ବର୍ଗରେ ବିଭାଜିତ ହୋଇଥିଲା, ଯାହା ପ୍ରତ୍ୟେକ ଗ୍ରୁପ୍‌ରେ ୪୦ ଜଣ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ପରିଲକ୍ଷିତ କରିଥିଲା। ୧ମ ଓ ୨ୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମିତ 'ଆମେଚ୍ୟୋର' ବର୍ଗ ଅଂଶଗ୍ରହଣକାରୀଙ୍କୁ ଏକ ଷ୍ଟାର୍ଟର୍ ପ୍ରସ୍ତୁତ କରି ନିଜର ରୋଷେଇ କଳା ପ୍ରଦର୍ଶିତ କରିବା ପାଇଁ ଏକ ଘଂଟା ୩୦ ମିନିଟ୍‌ର ସମୟ ଦେଇଥିଲା।

# ଫ୍ଲିପ୍‌କାର୍ଟର ଟିବିବିଡ଼ି ସପିଙ୍ଗ୍ ଫେଷ୍ଟିଭାଲରେ ରେକର୍ଡ଼ ସଂଖ୍ୟକ ଗ୍ରାହକ

ଭୁବନେଶ୍ୱର (ସବ୍ୟୁ): ଦି ବିଗ୍ ବିଲିୟନ ଡେଜ୍ (ଟିବିବିଡି) ୨୦୨୩ ଫ୍ଲିପ୍‌କାର୍ଟର ବାର୍ଷିକ ଫ୍ଲାଗସିପ୍ ଇଭେଂଟ୍ ଦେଶବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକ ଓ ସେଲର୍ ସମୁଦାୟଠାରୁ ଉଲ୍ଲେଖନୀୟ ପ୍ରତିକ୍ରିୟା ସହିତ ଆଜି ସମାପ୍ତ ହୋଇଛି। ଟିବିବିଡିର ଏହି ୧୦ମ ସଂସ୍କରଣ ସପିଙ୍ଗ ଫେଷ୍ଟିଭାଲର ୟର୍ଲି ଆକ୍‌ସେସ୍ ଓ ୭ ଦିନ ମଧ୍ୟରେ ୧.୪ ବିଲିୟନ ଗ୍ରାହକଙ୍କ ପରିଦର୍ଶନର ସାକ୍ଷୀ ହୋଇଛି। ସ୍ମାର୍ଟଫୋନ୍, ଲାପ୍‌ଟପ୍, ଟାବ୍‌ଲେଟ୍ ଓ ହୋମ୍‌ଆପ୍ଲାଏନ୍ସରେ ବିକଳ୍ପଗୁଡିକ ଚଳିତ ବର୍ଷ ଭାରତବ୍ୟାପୀ ଏକ ଶକ୍ତିଶାଳୀ ପ୍ରିମିୟମାଇଜେଶନକୁ ସୂଚିତ କରୁଛି। ପ୍ରତ୍ୟେକ ସପର୍‌ଙ୍କୁ ମୂଲ୍ୟ ପ୍ରଦାନ କରିବା ଉପରେ ଫ୍ଲିପ୍‌କାର୍ଟର ଗୁରୁତ୍ୱ ଟିବିବିଡି ସମୟରେ ଟେଲିଭିଜନ, ଅଡିଓ ଡିଭାଇସ୍, ସ୍ମାର୍ଟଫୋନ୍ ଓ ଗ୍ରମିଙ୍ଗ ପ୍ରଡକ୍ଟ ଶୀର୍ଷ ପସନ୍ଦ ଥିଲା । ଏହାକୁ ୩ୟ ପକ୍ଷ ସହଯୋଗୀ ଓ ବ୍ୟାଙ୍କଗୁଡିକ ସହ ସହଭାଗିତାରେ ବିଭିନ୍ନ ସୁଲଭ ଢାଂଚା ମାଧ୍ୟମରେ ସକ୍ଷମ କରାଯାଇଥିଲା ଯାହାକୁ ସମସ୍ତ ସପର୍‌ଙ୍କ ପାଇଁ ଉପଲବ୍ଧ କରାଯାଇଥିଲା। ଆଣ୍ଡାମାନ, ହୟୁଲିଆଙ୍ଗ (ଅରୁଣାଚଳ ପ୍ରଦେଶ), ଚୋଗ୍‌ଲାମସର (ଲଦାଖ), କଚ୍ଛ (ଗୁଜରାଟ) ଓ ଲୋଙ୍ଗେୱାଲା (ରାଜସ୍ଥାନ) ଭଳି ସୁଦୂର ଅଂଚଳଗୁଡିକରେ ଡେଲିଭରି କରାଯାଇଛି । ପୂର୍ବ ଟିବିବିଡି ସଂସ୍କରଣଗୁଡିକ ତୁଳନାରେ ଚଳିତ ବର୍ଷ ମଧ୍ୟ ଏହି ସେଲ୍ ମହିଳା ଓ୍ୱିଶ୍‌ମାଷ୍ଟରଙ୍କ ସର୍ବବୃହତ୍ ସମୁଦାୟ ଦେଖିଥିଲା।

# ତନେଇରା ପକ୍ଷରୁ କୁଇନ୍‌ସ କଲେକ୍ସନ

ଭୁବନେଶ୍ୱର (ସବ୍ୟୁ): ଟାଟାର ଉତ୍ପାଦ ତନେଇରା ପକ୍ଷରୁ ଉତ୍ସବ ଏଡିଟ୍-ଦି କୁଇନ୍‌ସ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଆକର୍ଷଣୀୟ ମୃଣାଳଠାକୁରଙ୍କୁ ନେଇ ପ୍ରସ୍ତୁତ ଏକ ଟିଭି ବିଜ୍ଞାପନକୁ କଂପାନି ପକ୍ଷରୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ବିଶୁଦ୍ଧ ସିଲ୍କରେପ୍ରସ୍ତୁତ ଡିଜାଇନର ହାତ ତିଆରି ଶାଢ଼ିଗୁଡ଼ିକୁ ଉପସ୍ଥାପନ କରାଯାଇଛି।ନିଜର ଆକର୍ଷଣୀୟ ଉପସ୍ଥିତି, ଚଳଚଂଚଳ, ନୃତ୍ୟ ଜରିଆରେ ଉତ୍ସବ ସମ୍ଭାର କୁଇନ୍‌ସ କଲେକ୍ସନକୁ ଉନ୍ମୋଚନ କରିପରଦାରେ ଉଜ୍ଜ୍ୱଳତା ଜରିଦେଇଛନ୍ତି ମୃଣାଳ ଠାକୁର। ସେ କହିଛନ୍ତି ଯେ, ଶାଢ଼ି ଓ ଆମ ଦେଶର କଳାକୃତି ସଂସ୍କୃତିକୁପସନ୍ଦ କରୁଥିବା ଜଣେ ବ୍ୟକ୍ତି ଭାବେ ଭବ୍ୟତାକୁ ଗ୍ରହଣ କରିବାର ପ୍ରତିଟି ସୁଯୋଗକୁ ହାତଉଥିବା ବେଳେ ତନେଇରାଯାତ୍ରାର ଅଂଶ ହୋଇଥିବାରୁ ମୁଁ ବାସ୍ତବରେ ଉଲ୍ଲସିତ। କୁଇନ୍‌ସ କଲେକ୍ସନର ସୌନ୍ଦର୍ଯ୍ୟ ଓ ଯାଦୁକରୀ ଆଧୁନିକ ମହିଳାଙ୍କଭାବକୁ ପ୍ରକାଶ କରୁଛି ଯିଏ ସ୍ୱତନ୍ତ୍ର ଷ୍ଟାଇଲ୍ ଓ ଅନ୍ତରର ଦୃଢ଼ତାକୁ ଗ୍ରହଣ କରିବା ଲାଗି ବେଶ ବିଶ୍ୱାସୀ।''ଓଗିଲ୍‌ଭି ସାଉଥର ଚିଫ୍ କ୍ରିଏଟିଭ୍ ଅଫିସର ପୁନୀତ କପୁର କହିଛନ୍ତି ଯେ, ପ୍ରଭାବଶାଳୀ ଫେସନ ଯୋଗାଯୋଗପାଇଁ ଏକ ଚିନ୍ତାଧାରାରେ ସମୃଦ୍ଧ ସରଳତା ସହ ଏକ ଚିନ୍ତାଧାରାରେ ପହଂଚିବାର ବାଟ ହେଉଛି ଯେଉଁଠାରେ ଅଳ୍ପ ହେଉଛିଅଧିକ ଏବଂ ଯାହା କହିବାରେ ନୁହେଁ ବରଂ ଆପଣ କ'ଣ ଅନୁଭବ କରୁଛନ୍ତି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ।

# ରସୁଲଗଡ଼ରେ ଚାନ୍ଦି ଭଣ୍ଡାରର ନୂଆ ଷ୍ଟୋର

ଭୁବନେଶ୍ୱର, (ସବ୍ୟୁ): ରୁପା ଗହଣାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଚାନ୍ଦି ଭଣ୍ଡାର ପକ୍ଷରୁ ଭୁବନେଶ୍ୱର ସ୍ଥିତ ରସୁଲଗଡ଼ ଠାରେ ଏକ ବ୍ରାଣ୍ଡ ନ୍ୟୁ ଷ୍ଟୋର ଖୋଲିଯାଇଛି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଗହଣାର ପ୍ରମୁଖ ସ୍ଥଳ ଭାବେ ଏହା ଚାନ୍ଦି ଭଣ୍ଡାରର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏଠାରେ ବ୍ରାଣ୍ଡର ଢଅତ୍ୟାଧୁନିକ ତଥା ନୂଆ ଆର୍ଯ୍ୟ ଏବଂ 'ଢଆମୋଘ କଲେକ୍ସନ' ରହିଛି। ନୂଆ ଷ୍ଟୋରର ଉଦଘାଟନ କରି ଢଆମେ ଉତ୍ସାହିତ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ରାଜ୍ୟବ୍ୟାପୀ ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଗହଣା ଯୋଗାଇବାର ପ୍ରତିବଦ୍ଧତା ଢଆଧାରରେ ରସୁଲଗଡ ବମିଖାଲ ଏନ୍‌ଏଚ୍-୫ ଢଅନ୍ତର୍ଗତ ୟୁନିଟ୍ ୧୨ପ୍ଲଟ୍ ନମ୍ବର-୩୦, ୩୦/୯୮୨ ଓଡ଼ିଶା ବିଜ୍‌ନେସ୍ ସେଣ୍ଟରରେ ନୂଆ ଷ୍ଟୋରକୁ ଖୋଲାଯାଇଛି।

ଏ ଢଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ଢଆମର ବହୁମୂଲ୍ୟ ଗ୍ରାହକଙ୍କ ପାଇଁ ରସୁଲଗଡ଼ରେ ଏକ ନୂଆ ଷ୍ଟୋରର ଉଦଘାଟନ କରି ଢଆମେ ଢଅତ୍ୟନ୍ତ ଉତ୍ସାହିତ। ମାନ ତଥା ଉର୍ଦ୍ଧତା ପ୍ରତି ଢଆମର ପ୍ରତିବଦ୍ଧତା ସର୍ବାଗ୍ରେ ରହିଛି। ସଭିଙ୍କ ପାଇଁ ଢସାଧାରଣ ରୁପା କଲେକ୍ସନ ପ୍ରସ୍ତୁତି ଲାଗି ଢଆମେ ସମର୍ପିତ। ନୂତନ ଭାବେ ଉନ୍ମୋଚିତ 'ଢଆର୍ଯ୍ୟ' ଏବଂ 'ଆମୋଘ' କଲେକ୍ସନରେ ଚାନ୍ଦି ଭଣ୍ଡାରର ମାନ ଏବଂ ନବସୃଜନର ସୁନ୍ଦର ମିଶ୍ରଣକୁ ଅନୁଭବ କରିବା ପାଇଁ ଗ୍ରାହକଙ୍କୁ ସ୍ୱାଗତ।



ଗଢ଼ା ମଜୁରିରେ ଏହା ଫ୍ଲାଟ୍ ୩୦% ରିହାତି ପ୍ରଦାନ କରୁଛି। ଏହି ବିଶେଷ ଢଅଫର ୨୦୨୩ ଅକ୍ଟୋବର ୧୬ରୁ ଢଅକ୍ଟୋବର ୨୪ ଯାଏ ଉପଲବ୍ଧ। ଏହି ଉତ୍ସବଭରାଢଅବସରକୁ ପାଳନ କରିବା ସହ ଚାନ୍ଦି ଭଣ୍ଡାର ପ୍ରତିଭାଶାଳୀ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ସହ ଏହାର ସହଯୋଗିତା ଘୋଷଣା କରିଛି। ରସୁଲଗଡ଼ ସ୍ଥିତ ଷ୍ଟୋରକୁ ଶିବାନୀ ଉଦଘାଟନ କରିଛନ୍ତି। ଖୁବ୍‌ଶୀଘ୍ର ବାଲେଶ୍ୱରରେ ଚାନ୍ଦି ଭଣ୍ଡାରର ଆଉ ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଥିବା ବ୍ରାଣ୍ଡ ପକ୍ଷରୁ ସୂଚନା ଢଦିଆଯାଇଛି। ଗତ ୧୦ ବର୍ଷ ଧରି ଏହା ଓଡ଼ିଶାରେ ଢଅନ୍ୟତମ ବୃହତ୍ ତଥା ବିଶ୍ୱସ୍ତ ରୁପା ଗହଣା ବ୍ରାଣ୍ଡ ଭାବେ ନିଜକୁ ପ୍ରତିପାଦିତ କରିଛି। ଉଭୟ ପାରମ୍ପରିକ ଏବଂ ସମସାମୟିକ ଉର୍ଦ୍ଧତାକୁ ଧ୍ୟାନରେ ରଖି ଢଆକର୍ଷଣୀୟ ଗହଣା ପିସ୍ ଏହା ଗ୍ରାହକଙ୍କୁ ଯୋଗାଇ ଆସୁଛି। ୧୦ ବର୍ଷର ଏହି ଯାତ୍ରା ଭଲ ପାଇବା, ଭରସା ଏବଂ ଢଅନନ୍ୟ ସମର୍ଥନରେ ଭରି ରହିଥିଲା।। ଭୁବନେଶ୍ୱର ସହିଦନଗରରୁ ଢଆରମ୍ଭ ହୋଇଥିବା ଚାନ୍ଦି ଭଣ୍ଡାରର ଲୋକପ୍ରିୟତା ଏବେ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଇଛି। ଇନ୍‌ଷ୍ଟାଗ୍ରାମରେ ଏହାର ବୃହତ୍ ସଂଖ୍ୟାରେ ଫଲୋୟର ଢଅଛନ୍ତି। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ଓଡ଼ିଶାରେ ୧୦ରେ ପହଞ୍ଚିଛି। ଭୁବନେଶ୍ୱରର ସହିଦନଗର, ପଟିଆ, ଜନପଥ, ସୌଭାଗ୍ୟନଗର, ରସୁଲଗଡ଼, ରାଉରକେଲାର ଉଦିତ ନଗର, ଢଅନୁଗୁଳର ଅମଲାପଡ଼ା, କ୍ୟାନ୍‌ମେଣ୍ଟ ରୋଡ୍ କଟକ, ଯାଜପୁର ରୋଡ୍ ଏବଂ ବ୍ରହ୍ମପୁରର ଧର୍ମ ନଗରରେ ଏହି ଷ୍ଟୋରଗୁଡ଼ିକ ରହିଛି। ଖୁବ୍‌ଶୀଘ୍ର ବାଲେଶ୍ୱରରେ ନୂଆ ଷ୍ଟୋର ଖୋଲିବାକୁ ଯାଉଛି।

## ୨୦୨୮ ଅଲିମ୍ପିକରେ କ୍ରିକେଟ ସାମିଲ
# ଅଲିମ୍ପିକ୍ ଆନ୍ଦୋଳନକୁ ଅଧିକ ଲୋକାଭିମୁଖୀ କରିବ



**ମୁମ୍ବାଇ:** ଲସ୍ ଏଞ୍ଜେଲସ ୨୦୨୮ ଅଲିମ୍ପିକ୍ସ କ୍ରୀଡା ନିମନ୍ତେ କ୍ରୀଡା କାର୍ଯ୍ୟସୂଚୀରେ କ୍ରିକେଟକୁ ସାମିଲ କରାଯିବା ଏକ ସ୍ୱାଗତଯୋଗ୍ୟ ବିଷୟ ଯାହାର ବିଶ୍ବର ନୂତନ ଭୌଗୋଳିକ ଅଞ୍ଚଳଗୁଡିକରେ ଅଲିମ୍ପିକ ଆନ୍ଦୋଳନ ପାଇଁ ନୂତନ ଆଗ୍ରହ ଏବଂ ସୁଯୋଗ ସୃଷ୍ଟି କରିବାର ସାମର୍ଥ୍ୟ ରହିଛି ବୋଲି ଆଇଓସି ସଦସ୍ୟା ନୀତା ଏମ୍. ଅମ୍ବାନି କହିଛନ୍ତି । ସମ୍ପ୍ରତି ମୁମ୍ବାଇରେ ଚାଲିଥିବା ୧୪୧ତମ ଆଇଓସି ଅଧିବେଶନରେ କ୍ରିକେଟକୁ ଆନୁଷ୍ଠାନିକ ଭାବରେ ଏକ ଅଲିମ୍ପିକ କ୍ରୀଡା ଭାବରେ ଗ୍ରହଣ କରାଯିବା ନିଷ୍ପତ୍ତିରେ ଆନନ୍ଦ ପ୍ରକାଶ କରି ନୀତା ଅମ୍ବାନି କହିଛନ୍ତି, ଜଣେ ଆଇଓସି ସଦସ୍ୟ, ଜଣେ ଗର୍ବିତ ଭାରତୀୟ ଏବଂ ଜଣେ ଦୃଢ କ୍ରିକେଟ ପ୍ରଶଂସକ ଭାବରେ ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ଆଇଓସି ସଦସ୍ୟମାନେ ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ଅଲିମ୍ପିକ କ୍ରୀଡା କାର୍ଯ୍ୟକ୍ରମରେ କ୍ରିକେଟକୁ ସାମିଲ କରିବା ସପକ୍ଷରେ ଭୋଟ ଦେଇଛନ୍ତି । କ୍ରିକେଟ ଏହା ପୂର୍ବରୁ ୧୯୦୦ ଅଲିମ୍ପିକ୍ସରେ ଥରେ ମାତ୍ର ସ୍ଥାନ ପାଇଥିଲା ଯେତେବେଳେ ମାତ୍ର ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ । କ୍ରିକେଟ ବିଶ୍ୱବ୍ୟାପୀ ଅନ୍ୟତମ ସର୍ବାଧିକ ଲୋକ ଭଲପାଉଥିବା ଖେଳ ଏବଂ ଦ୍ୱିତୀୟ ସର୍ବାଧିକ ଦର୍ଶକ ଦେଖୁଥିବା ଖେଳ ହୋଇଛି । ୧୪୦ କୋଟି ଭାରତୀୟଙ୍କ ପାଇଁ କ୍ରିକେଟ କେବଳ ଏକ କ୍ରୀଡା ନୁହେଁ, ଏହା ଏକ ଧର୍ମ! ବୋଲି ନୀତା କହିଛନ୍ତି । ଆଇଓସି ଅଧିବେଶନ ଇତିହାସରେ ଦ୍ୱିତୀୟ ଥର ପାଇଁ ଭାରତରେ ଆୟୋଜିତ ହେଉଛି ଏବଂ ଏହା ୪୦ ବର୍ଷ ପରେ ଏହି ଦେଶକୁ ଫେରିଛି । ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବାର ଐତିହାସିକ ନିଷ୍ପତ୍ତି ଏହି କ୍ରୀଡାର ଅନ୍ୟତମ ଲୋକପ୍ରିୟ ସ୍ଥଳ ଭାରତରେ ନିଆଯାଇଛି । ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ଏହି ଐତିହାସିକ ପ୍ରସ୍ତାବ ଆମ ଦେଶର ମୁମ୍ବଇରେ ଅନୁଷ୍ଠିତ ହେଉଥିବା ଆଇଓସିର ୧୪୧ତମ ଅଧିବେଶନରେ ଗୃହୀତ ହୋଇଛି, ବୋଲି ନୀତା ଅମ୍ବାନି ଉଲ୍ଲେଖ କରିଛନ୍ତି । ନୀତା ଅମ୍ବାନି ଆଶା ପ୍ରକାଶ କରିଛନ୍ତି ଯେ ସମଗ୍ର ବିଶ୍ୱରେ ଏହି କ୍ରୀଡାକୁ ନେଇ ଯେଉଁଭଳି ଆଦର ଓ ଆଗ୍ରହ ରହିଛି ତାହା ଏହି ଘୋଷଣା ସହିତ ଆହୁରି ଉଲ୍ଲେଖନୀୟ ଭାବରେ ବଢିଯିବ । ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ଦ୍ୱାରା ନୂତନ ଭୌଗୋଳିକ ଅଞ୍ଚଳଗୁଡିକରେ ଅଲିମ୍ପିକ ଆନ୍ଦୋଳନ ନିମନ୍ତେ ଆଗ୍ରହ ଓ ଉତ୍ସାହ ସୃଷ୍ଟି ହେବ । ସେହି ସମୟରେ ଏହା କ୍ରିକେଟର ବର୍ଦ୍ଧିତ ଆନ୍ତର୍ଜାତିକସ୍ତରର ଲୋକପ୍ରିୟତାକୁ ମଧ୍ୟ ଅଧିକ ବେଗ ପ୍ରଦାନ କରିବ ବୋଲି ସେ କହିଛନ୍ତି । ନୀତା ଏମ୍. ଅମ୍ବାନି ପ୍ରଥମ ଭାରତୀୟ ମହିଳା ଭାବରେ ଆଇଓସି ସଦସ୍ୟ ହୋଇଥିବାବେଳେ ଏହି ଦିବସକୁ ଭାରତ ପାଇଁ ଏକ ଅନ୍ୟତମ ମହାନ୍ ଦିବସ ଭାବରେ ବର୍ଣ୍ଣନା କରିଛନ୍ତି ।

### ରାଘବ ଚଡ୍ଢାଙ୍କ ନିଲମ୍ବନ ମାମଲା ରାଜ୍ୟସଭାକୁ ସୁପ୍ରିମ୍‌କୋର୍ଟ ନୋଟିସ୍

**ନୂଆଦିଲ୍ଲୀ:** ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ରାଘବ ଚଡ୍ଢାଙ୍କ ନିଲମ୍ବନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସୋମବାର ରାଜ୍ୟସଭା ସଚିବାଳୟକୁ ନୋଟିସ୍ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦ରେ ହେବ । ଗତ ଅଗଷ୍ଟ ମାସରେ ଚଡ୍ଢାଙ୍କୁ ରାଜ୍ୟସଭାରୁ ନିଲମ୍ବିତ କରାଯାଇଥିଲା । ରାଘବ ତାଙ୍କ ନିଲମ୍ବନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ରାଘବ ଯୁକ୍ତି ବାଢ଼ିଛନ୍ତି ଯେ ତାଙ୍କ ବିରୋଧରେ ବିଶେଷାଧିକାର ଉଲ୍ଲଂଘନର କୌଣସି ମାମଲା ନାହିଁ । ମାମଲା ରୁଜୁ ହୋଇଥିଲେ ମଧ୍ୟ ନିୟମ ୨୫୬ ଅନୁଯାୟୀ ତାଙ୍କୁ କେବଳ ସେହି ଅଧିବେଶନ ପାଇଁ ନିଲମ୍ବିତ କରାଯାଇପାରିବ । ଏହି ମାମଲା ବର୍ତ୍ତମାନ ସଂସଦର ବିଶେଷାଧିକାର କମିଟି ନିକଟରେ ରହିଛି । ସେ ତାଙ୍କ ପିଟିସନରେ ରାଜ୍ୟସଭା ସଚିବାଳୟ, ଗୃହବାଚସ୍ପତି ଓ ଅଧିକାର କମିଟିକୁ ପକ୍ଷଭୁକ୍ତ କରିଥିଲେ ।

# ନିଠାରୀ ମାମଲା: ୨ ମୁଖ୍ୟ ଅଭିଯୁକ୍ତ ଦୋଷମୁକ୍ତ



**ଲକ୍ଷ୍ନୌ:** ନଏଡାର ଗୌତମ ବୁଦ୍ଧ ନଗରର ନିଠାରୀ ଅଞ୍ଚଳରୁ ମନିନ୍ଦର ସିଂହ ପଣ୍ଡେରଙ୍କ ଘର ପଛରେ ଥିବା ଡ୍ରେନରୁ ୧୯ଟି ନର କଙ୍କାଳ ଉଦ୍ଧାର କରାଯାଇଥିଲା । ବହୁ ଚର୍ଚ୍ଚିତ ନଏଡା ନିଠାରୀ ମାମଲାରେ ଆସିଲା କୋର୍ଟଙ୍କ ବଡ଼ ରାୟ । ରଦ୍ଦ ହେଲା ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ଫାଶୀ ଦଣ୍ଡାଦେଶ । କେବଳ ସେତିକି ନୁହେଁ ଏମାନେ ଦୋଷମୁକ୍ତ ମଧ୍ୟ ହୋଇଛନ୍ତି । ଆଜି ଆହ୍ଲାବାଦ ହାଇକୋର୍ଟ ନିଠାରୀ ହତ୍ୟାକାଣ୍ଡ ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତ ମୋନିନ୍ଦର ସିଂହ ପଣ୍ଡେରା ଓ ସୁରେନ୍ଦ୍ର କୋଲିଙ୍କ ଫାଶୀ ରଦ୍ଦ କରିବା ସହ ଏମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଠାରୀ ହତ୍ୟାକାଣ୍ଡ ମାମଲାରେ ସିବିଆଇ ୧୬ଟି ମାମଲା ରୁଜୁ କରିଥିଲା । ଏଥିମଧ୍ୟରୁ ସୁରେନ୍ଦ୍ର କୋଲିଙ୍କୁ ୧୪ଟି ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ସେଥିମଧ୍ୟରୁ ୧୨ଟି ମାମଲାରେ ସୁରେନ୍ଦ୍ର ଦୋଷମୁକ୍ତ ହୋଇଥିବା ଜଣାପଡିଛି । ସେହିପରି ମଣିନ୍ଦର ସିଂହ ପାଣ୍ଡେରାଙ୍କ ବିରୋଧରେ ୬ଟି ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ ୩ଟି ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ସେ ପୂର୍ବରୁ ଦୁଇଟି ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ୨୦୦୫ରୁ ୨୦୦୬ ମସିହାରେ ନୋଏଡା ଠାରେ ଘଟିଥିବା ନିଠାରୀ ମାମଲାରେ ସିବିଆଇ ହତ୍ୟା, ଅପହରଣ, ଦୁଷ୍କର୍ମ ଏବଂ ପ୍ରମାଣ ନଷ୍ଟ ମାମଲାରେ ସୁରେନ୍ଦ୍ର କୋଲିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ମନିନ୍ଦର ସିଂହ ପଣ୍ଡେରଙ୍କ ବିରୋଧରେ ମଧ୍ୟ ମାନବ ଚାଲାଣ ଅଭିଯୋଗ କରାଯାଇଥିଲା । ଉଭୟ ଅଭିଯୁକ୍ତ ଆହ୍ଲାବାଦ ହାଇକୋର୍ଟରେ ମୃତ୍ୟୁଦଣ୍ଡକୁ ଚ୍ୟାଲେଞ୍ଜ କରିଥିଲେ । ଏବେ ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଅଶ୍ୱାନୀ କୁମାର ମିଶ୍ର ଏବଂ ଜଷ୍ଟିସ୍ ଏସ୍‌ଏଚ୍‌ଏ ରିଜ୍ୱି ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ୨୦୦୬ ଡିସେମ୍ବର ୨୯ ତାରିଖରେ ନଏଡାର ଗୌତମ ବୁଦ୍ଧ ନଗରର ନିଠାରୀ ଅଞ୍ଚଳରୁ ମନିନ୍ଦର ସିଂହ ପଣ୍ଡେରଙ୍କ ଘର ପଛରେ ଥିବା ଡ୍ରେନରୁ ୧୯ଟି ନର କଙ୍କାଳ ଉଦ୍ଧାର କରାଯାଇଥିଲା । ଏହି ମାମଲାରେ ନୋଏଡା ପୁଲିସ କୋଲି ଏବଂ ପଣ୍ଡେରଙ୍କୁ ଗିରଫ କରିଥିଲା । ପରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ଏହି ସମଗ୍ର ମାମଲାରେ ସିବିଆଇ ମୋଟ ୧୬ଟି ମାମଲା ରୁଜୁ କରିଥିଲା । ୨୦୦୭ରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା ।

### ବିଶ୍ୱ ସୁନ୍ଦରୀ ପ୍ରତିଯୋଗୀଙ୍କ ପରଲୋକ

**ନୂଆଦିଲ୍ଲୀ:** ଉରୁଗୁଏରୁ ପ୍ରତିନିଧିତ୍ୱ କରୁଥିବା ଜଣେ ପୂର୍ବତନ ବିଶ୍ୱ ସୁନ୍ଦରୀ ପ୍ରତିଯୋଗୀଙ୍କ ମୃତ୍ୟୁ । ମାତ୍ର ୨୬ ବର୍ଷ ବୟସରେ ଶେରିକା ଡି ଅର୍ମାସଙ୍କ ମୃତ୍ୟୁ ଘଟିଛି । ଅକ୍ଟୋବର ୧୩ରେ ଅର୍ମାସଙ୍କ ମୃତ୍ୟୁ ଘଟିଥିବା ନ୍ୟୁୟର୍କ ପୋଷ୍ଟରେ ପ୍ରକାଶ ପାଇଛି । ଅର୍ମାସ ଗର୍ଭାଶୟ କର୍କଟରେ ପୀଡିତ ଥିଲେ । କେମୋଥେରାପି ଏବଂ ରେଡିଓଥେରାପି ଚିକିତ୍ସା ଚାଲିଥିବା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଛି ।





ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୭ତମ ସ୍ୱନକ୍ଷତ୍ର ଓ ପାର୍ବଣ ଅବସରରେ ହିନ୍ଦୋଳ ବ୍ଲକ୍ କନ୍ତାମିଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି । ଏଥିସହ ପଞ୍ଚାୟତକୁ ବ୍ଲକର ଏକ ଅଗ୍ରଣୀ ପଞ୍ଚାୟତ ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛି ।
ଆପଣଙ୍କର
ଶ୍ରୀମତୀ ସୁନନ୍ଦା ଅମାନ୍ତ
ସରପଞ୍ଚ, କନ୍ତାମିଲା ଗ୍ରା.ପ.
(ହିନ୍ଦୋଳ ବ୍ଲକ୍)





ଶୁଭେଚ୍ଛା ବାର୍ତ୍ତା
ପାର୍ବଣ ଅବସରରେ ହିନ୍ଦୋଳ ଉପଖଣ୍ଡର ସମସ୍ତ ଉଦ୍ୟାନ କୃଷି ଚାଷୀଭାଇମାନଙ୍କ ମନରେ ଅଶେଷ ଖୁସି ଓ ଆନନ୍ଦ ଭରିଯାଉ । ଏହାହିଁ ମା'ଙ୍କ ନିକଟରେ କାମନା ।
: ଶୁଭେଚ୍ଛା ସହ :
ସହକାରୀ ଉଦ୍ୟାନ କୃଷି ଅଧିକାରୀ
କନିଷ୍ଠ ଉଦ୍ୟାନ କୃଷି ଅଧିକାରୀ
ଓ କର୍ମଚାରୀ ବୃନ୍ଦ







ଶୁଭେଚ୍ଛା ବାର୍ତ୍ତା
ପାର୍ବଣ ଦଶହରା, ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ହିନ୍ଦୋଳ ଶିକ୍ଷା ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଶୁଭ କାମନା ।
: ଆପଣଙ୍କର :
ଶ୍ରୀ ସଂଜୟ କୁମାର ନାୟକ
ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ତଥା ବ୍ଲକ୍ ସାଧନ ସଂଯୋଜକ, ହିନ୍ଦୋଳ




ଜନସାଧାରଣଙ୍କ ହିତରେ
ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ
ହିନ୍ଦୋଳ ଉପଖଣ୍ଡ
ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ହିନ୍ଦୋଳ - ଓଡ଼ାପଡ଼ା ବ୍ଲକ୍ ଦ୍ୱୟ ପାଇଁ ବୃହତ୍ ପାଇପ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ୧୭୬୧ କିମି ପରିବ୍ୟାପ୍ତ ଉକ୍ତ ପ୍ରକଳ୍ପ ୨ଟି ବ୍ଲକ୍‌ର ସମସ୍ତ ପଞ୍ଚାୟତର ଗାଁ ଗହଳିକୁ ପ୍ରବେଶ କରି ଲୋକମାନଙ୍କୁ ନିଃଶୁଳ୍କ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି ।
ଆପଣଙ୍କର
: ଶୁଭେଚ୍ଛା ସହ :
ଇଂ. ସୂର୍ଯ୍ୟକାନ୍ତୀ ସ୍ୱାଇଁ
ସହକାରୀ ଯନ୍ତ୍ରୀ,
ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ,
ହିନ୍ଦୋଳ ଉପଖଣ୍ଡ






# ବିଶ୍ୱକପ୍: ଖାତା ଖୋଲିଲା ଅଷ୍ଟ୍ରେଲିଆ

## ଶ୍ରୀଲଙ୍କା ୫ ୱିକେଟ୍‌ରେ ପରାସ୍ତ

ଲକ୍ଷ୍ନୌ,୧୬।୧୦(ଏଜେନ୍ସି): ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚରେ ଶ୍ରୀଲଙ୍କାକୁ ୫ ୱିକେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ତା'ର ଖାତା ଖୋଲିଛି । ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ହେଉଛି ପ୍ରଥମ ବିଜୟ । ଶ୍ରୀଲଙ୍କା ଦ୍ୱାରା ରଖାଯାଇଥିବା ୨୧୦ ରନ୍ ବିଜୟଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୩୫.୧ ଓଭରରେ ହାସଲ କରିନେଇଥିଲା । ଦଳ ପକ୍ଷରୁ ଜଶ ଇଙ୍ଗିଂସ ୫୮ ରନ୍ କରିଥିବା ବେଳେ ମିଚେଲ ମାର୍ସ ୫୨ ରନ କରିଥିଲେ । ସେହିପରି ମାର୍ନସ ଲାବୁଶ୍ନେନ ୪୦ ରନ୍ କରିଥିବା ବେଳେ ଗ୍ଲେନ୍ ମ୍ୟାକ୍ସୱେଲ ଅପରାଜିତ ୩୧ ରନ୍ କରି ଦଳକୁ ବିଜୟ କରାଇଥିଲେ । ଏହି ମ୍ୟାଚରେ ଶ୍ରୀଲଙ୍କା ପ୍ରଥମେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ପଥୁମ୍ ନିଶଙ୍କା ଓ କୁଶଲ ପେରେରା ଆରମ୍ଭରୁ ଲମ୍ବୁଆ ବ୍ୟାଟିଂ କରି ଏକ ଶତକୀୟ ପାର୍ଟନରସିପ୍ କରିଥିଲେ । ପରେରା ୭୮ ରନ୍ ଓ ନିଶଙ୍କା ୬୧ ରନ୍ କରି ଆଉଟ୍ ହୋଇଯିବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରିଥିଲା । ଶ୍ରୀଲଙ୍କା ମାତ୍ର ୨୦୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪ଟି ୱିକେଟ୍ ନେଇଥିଲେ ।

## ଏସିଆନ ପୁରୁଷ ହାଣ୍ଡବଲ ଜାତୀୟ ଦଳରେ ଆର୍ଯ୍ୟନ

ଭୁବନେଶ୍ୱର,୧୬।୧୦(ସବ୍ୟୁ): ରାଜ୍ୟର ପ୍ରଥମ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଆଉ ଏକ କୀର୍ତ୍ତିମାନର ଅଧିକାରୀ ହେବାକୁ ଯାଉଛନ୍ତି, ଆର୍ଯ୍ୟନ ବ୍ରାହ୍ମିନ ଭାରତୀୟ ପୁରୁଷ ହାଣ୍ଡବଲ ଦଳରେ ସ୍ଥାନ ପାଇ ଇତିହାସ ରଚିଛନ୍ତି । ଆର୍ଯ୍ୟନ ଏସିଆନ ପୁରୁଷ ହାଣ୍ଡବଲ ଅଲିମ୍ପିକ ଯୋଗ୍ୟତା ପ୍ରାଯାୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଆର୍ଯ୍ୟନଙ୍କ ଯୋଗୁ ଓଡିଶା ହାଣ୍ଡବଲରେ ଆଉ ଏକ ଫର୍ଦ୍ଦ ଯୋଡି ହେବାକୁ ଯାଉଛି । ଏହି ପ୍ରତିଯୋଗିତା କାତାର ଦୋହା ଠାରେ ଚଳିତ ମାସ ୧୮ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ଏଥିରେ ଏସିଆ ମହାଦେଶର ୧୩ ଟି ଦେଶ ଭାଗ ନେବେ । ନିକଟରେ ଆର୍ଯ୍ୟନ ୟୁନିଫାଏଡ ହାଣ୍ଡବଲ ସ୍ପେଶାଲ ଅଲମ୍ପିକ ଜାତୀୟ ଶିବିରରେ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥୁଲେ ଖେଳରେ ଭଲ ପ୍ରଦର୍ଶନ କରି ମଧ୍ୟ ଆର୍ଯ୍ୟନଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଯାତୀୟ ଦଳରୁ ବାଦ ଦିଆ ଯାଇଥିଲା ।

### 3RD PUNYA THITHI



PROF. SHRI SATCHITANDA CHAUDHURY

YOUR REMEMBERANCE IS INTENSIFIED
WITH EACH PASSING YEAR
YOU LIVE IN OUR HEARTS FOREVER.

DADDY
CHAUDHURY FAMILY
THE BRINDAVAN, 25/21 SAHEED NAGAR
BHUBANESWAR






















Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor- Satakadi Hota ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା

# କାର୍ ସହ ୬୩ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ



ଦାନଗଦି, (ସବ୍ୟୁ): ଦାନଗଦି ବ୍ଲକ ମାନତିରା ଗାଁରେ ସୋମବାର ପୂର୍ବାହ୍ନରେ ଜିଲ୍ଲା ଅବକାରି ସ୍କ୍ୱାର୍ଡ ପକ୍ଷରୁ ଅତର୍କିତ ଚଢାଉ କରାଯାଇ ଗଞ୍ଜେଇ ଚୋରା ଚାଲାଣ ର ପର୍ଦ୍ଦାଫାସ କରିଛି ଅବକାରୀ ବିଭାଗ । ଏକ ଦାମୀ କାରରେ ଲୋଡ ହୋଇଥିବା ୬୩ କେଜି ଗଞ୍ଜେଇ କୁ ଜବତ କରିବା ସହ ଚୋରା କାରବାରରେ ସଂପୃକ୍ତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ କେଶ ନମ୍ବର ୧୪୬/୨୩ରେ ଏକ ମାମଲା ରୁଜୁ ହୋଇଛି ।

ସୂଚନା ମୁତାବକ ଏକ ଦାମୀ ଗ୍ରାଣ୍ଡ ଭୀଟାରା କାର (ଓଡି୦୨-ସିକେ-୧୮୧୫) ମାଧ୍ୟମରେ ଦୀର୍ଘ ଦିନ ଧରି ଗଞ୍ଜେଇ ଚୋରା କାରବାର କରି ଆସୁଥିଲା ମାନତିରା ଗାଁର ସୌଭାଗ୍ୟ ଘଡେଇ ଓରଫ୍ ସୋନୁ। କାର ଭିତରେ ଫୁଲବାଣୀ ଅଞ୍ଚଳରୁ ରୁ ଗଞ୍ଜେଇ ମାଫିଆଙ୍କ ଠାରୁ ଆଣି ଚୋରା ଚାଲାଣ କରିଥାଏ । ପ୍ରତି କ୍ୱିଣ୍ଟାଲ ଗଞ୍ଜେଇ ପରିବହନ ପାଇଁ ତାକୁ ପାଖାପାଖି ୧ ଲକ୍ଷ ଟଙ୍କା ଦିଆଯାଇ ଥାଏ । ଏକାଧିକ ଥର ଏହି କାରବାର ରେ ସଫଳ ହେବା ପରେ ସୋନୁ ଲୋଭ ରେ ପଡି ଯାଇଥିଲା । ଶେଷଥର ଆଣିଥିବା ଏକ କ୍ୱିଣ୍ଟାଲ ଗଞ୍ଜେଇ କୁ ନିଜେ ହଡ଼ପ କରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲା । ମାଫିଆଙ୍କ ଠାରୁ ଗଞ୍ଜେଇ ଆଣିବା ପରେ ନିର୍ଦ୍ଧାରିତ ସ୍ଥାନ ରେ ଗଞ୍ଜେଇ ପହଞ୍ଚାଇବା ବଦଳରେ ସେଥିମଧ୍ୟରୁ ୨୦ କିଲୋ ଗଞ୍ଜେଇ କୁ ଅନ୍ୟତ୍ର ବିକ୍ରୀ କରି ଦେଇଥିଲା । ପରେ ଅବଶିଷ୍ଟ ମାଲ୍ କୁ ଫେରାଇବା ବଦଳରେ ମାଫିଆଙ୍କୁ ମୋଟା ଅଙ୍କର ଟଙ୍କା ଦାବି କରିଥିଲା ସୋନୁ । ଗଞ୍ଜେଇ ଫେରି ପାଇବାର ସମ୍ଭାବନା ନଥିବା ଦେଖି ମାଫିଆ ମାନେ ଗାଡି ସହିତ ଗଞ୍ଜେଇ କୁ ଧରାଇ ଦେବାକୁ ଜାଲ ବିଛାଇ ଥିଲେ ।

ଅପରପକ୍ଷେ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଇନସିପେକ୍ଟର ସମୀର କୁମାର ମହାନ୍ତି ଭୋର ସମୟରେ ସଦଳବଳେ ମାନତିରା ଗାଁରେ ଚଢ଼ାଉ କରିଥିଲେ । ଜଗନ୍ନାଥ ମନ୍ଦିର ନିକଟରେ ସୋନୁ ଏକ ଦାମି କାରରେ ୬୩ କିଲୋ ଗଞ୍ଜେଇ ବିକିବାକୁ ନେଉଥିବା ବେଳେ ସ୍କ୍ୱାର୍ଡ ଟିମ୍ ସେଠାରୁ ତାଙ୍କୁ ଗିରଫ କରିନେଇଥିଲେ । ସୋନୁ କୁ ଗିରଫ୍ ପରେ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି । ଏହି ଚଢ଼ାଉରେ ଏସଆଇ ଶ୍ରୀକାନ୍ତ ପଣ୍ଡା, କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ ଅନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ ।

## କରତରେ କଟି କାଠୁରିଆର ମୃତ୍ୟୁ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡା ପଂଚାୟତର ଜଣେ କାଠୁରିଆ କାଠ କାଟୁଥିବା ବେଳେ କରତରେ କଟି ମୃତ୍ୟୁବରଣ କରିଛନ୍ତି । ସୂଚନାରୁ ପ୍ରକାଶ ଯେ କାଉପଡା ଗ୍ରାମର ହଳଧର ସେଠୀ (୫୫) ତାକୁଣ୍ଡା ଗଛର ଡାଳ କରତ ଦ୍ୱାରା କାଟୁଥିବା ବେଳେ ଭାରସାମ୍ୟ ହରାଇ ଚାଲୁଥିବା କରତ ଉପରେ ପଡିଯିବାରୁ ତାଙ୍କ ବେକ କଟି ଗଭିର କ୍ଷତ ସୃଷ୍ଟି ହୋଇଥିଲା । ହଳଧରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତଃ ହଳଧରଙ୍କ ପୁଅ ଚନ୍ଦନ ସେଠୀଙ୍କ ଅଭିଯୋଗକୁ ଭିତି କରି ଡେରାବିଶ ଥାନା ପୋଲିସ ହଳଧରର ମୃତ ଶରୀରକୁ ଜବତ କରିବା ସହିତ ବ୍ୟବଛେଦ ପାଇଁ ପଠାଇଛନ୍ତି । ଏହି ଘଟଣାକୁ ନେଇ ଅଂଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ସଂସ୍କୃତ ମହାବିଦ୍ୟାଳୟ ପରୀକ୍ଷା: ୩ ନକଲି ପରୀକ୍ଷାର୍ଥୀ ଗିରଫ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆ ସ୍ଥିତ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟ ରେ୩ ସାସ୍ତ୍ରି ପ୍ରଥମ ବର୍ଷ ପରୀକ୍ଷା ଚାଲିଥିବା ବେଳେ ୩ ଜଣ ନକଲି ପରୀକ୍ଷାର୍ଥୀ ଧରା ପଡି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ବାଲିଚନ୍ଦ୍ରପୁର ଥାନା ପୋଲିସ ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଚଣ୍ଡିଖୋଲ କୋର୍ଟରେ ଜାମିନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ପୁଅ ଓ ଦୁଇଜଣ ଝିଅ ଥିବା ଜଣାପଡିଛି। ସେମାନେ ହେଲେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗ ଗ୍ରାମର ସୁରେଶ ପୃଷ୍ଟିଙ୍କ ପୁଅ ଦୁର୍ଗା ମାଧବ ପୃଷ୍ଟି,(୨୨), ବାଲିଚନ୍ଦ୍ରପୁର ଥାନା ପଣସୁଧା ଗ୍ରାମର କରୁଣା କର ସାହୁଙ୍କ ଝିଅ ସୁନନ୍ଦା ସାହୁ (୨୨), ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରପଦା ଗ୍ରାମର ଅଶୋକ କୁମାର ପରିଡ଼ାଙ୍କ ଝିଅ ମନୀଷା ପରିଡା (୨୦) । ପୋଲିସର କହିବା ଅନୁଯାୟୀ ସୋମବାର୩ ଶାସ୍ତ୍ରୀ ପରୀକ୍ଷା ଚାଲୀଥିଲା। ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧିନରେ ହେଉଥିବା ଏହି ପରୀକ୍ଷାରେ ସ୍କ୍ୱାର୍ଡ ଭାବେ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ ଶ୍ରୀନିବାସ ପଣ୍ଡା ଆସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ସମୟରେ ପରୀକ୍ଷାର୍ଥୀ ଦୁର୍ଗା ମାଧବ ପୃଷ୍ଟିଙ୍କ ପାଇଁ ସୁନନ୍ଦା ସାହୁ ଓ ମୋହନ କୁମାର ସାହୁଙ୍କ ପାଇଁ ମନୀଷା ପରିଡା ପରୀକ୍ଷା ଦେଉଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ବାଲିଚନ୍ଦ୍ରପୁର ଥାନା କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ ଶ୍ରୀନିବାସ ପଣ୍ଡାଙ୍କ ଅଭିଯୋଗ କ୍ରମେ ଏହି ୩ଜଣ ନକଲି ପରିକ୍ଷାର୍ଥିଙ୍କୁ ଗିରଫ କରିଥିଲେ । ତେବେ ଦୁଇ ଜଣ ପୁଅ ପରୀକ୍ଷାର୍ଥୀଙ୍କ ପାଇଁ ଦୁଇ ଜଣ ଝିଅ କିପରି ପରୀକ୍ଷା ଦେଲେ ଓ ପରୀକ୍ଷା ପରିଚାଳକ କିପରି ପରୀକ୍ଷା କେନ୍ଦ୍ରମଧ୍ୟକୁ ସେମାନଙ୍କୁ ପ୍ରବେଶ ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ଆଲୋଚନା ଯୋର ଧରିଛି।

# ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ବ୍ଲକ ସମ୍ମୁଖରେ ଧାରଣା



କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଂଚ ମଧୁବନ ଶାଖା ପକ୍ଷରୁ ମଂଚର ସ୍ଥାୟୀ ସଭାପତି କୃଷ୍ଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ୮ ଦଫା ଦାବୀ ନେଇ ଆଜି ରସୁଲପୁର ବ୍ଲକ ସମ୍ମୁଖରେ ଧାରଣ ଅନୁଷ୍ଠିତ ହୋଇଯାଇଛି। ଦାବୀ ଗୁଡିକ ମଧ୍ୟରେ ୬୦ ବର୍ଷରୁ ଉର୍ଦ୍ଧ ସମସ୍ତ ବରିଷ୍ଠ ନାଗରିକଙ୍କୁ ଭତା ଦେବା ସହ ଭତା ସହାୟତା ୫ ଶହ ଟଙ୍କାରୁ ୨ହଜାର କରିବା ,ବସ ଆଉ ଟ୍ରେନରେ ୫୦ ପସେଣଂଟ ଭଡା ଛାଡ କରିବା , ରେଜିଷ୍ଟ୍ରଭୁକ୍ତ ସଂଘ ଗୁଡିକର କାର୍ଯ୍ୟାଳୟ ନିର୍ମାଣ ପାଇଁ ସହାୟତା ଦେବା ମେଡିକାଲ ସୁବିଧା ଦେବା ଆଦି ଦାବୀରେ ମୁଖ୍ୟ ମନ୍ତ୍ରୀ ଙ୍କ ଉଦେଶ୍ୟରେ ଆଜି ରସୁଲପୁର ବିଡିଓ ଙ୍କୁ ଦାବୀପତ୍ର ତିଆଯାଇଥିଲା। ଏହାଛଡା ମେଡିକାଲରେ ମାଗଣା ଚିକିତ୍ସା ଓ ଅଗ୍ରାଧିକାର ଦେବାସହ ବରିଷ୍ଟ ନାଗରିକ ଙ୍କୁ ଟ୍ରେନ ବସରେ ରିହାତି ଦେବା ସରକାରୀ ଦପ୍ତରରେ ବରିଷ୍ଠ ନାଗରିକ ଙ୍କୁ ଉପଯୁକ୍ତ ମର୍ଯ୍ୟାଦା ସହ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ତୁରନ୍ତ ଯୋଗାଇ ଦେବାକୁ ଉପରିସ୍ତ ଅଧିକାରି ଦୃଷ୍ଟିଦେବାକୁ ମଂଚ ପକ୍ଷରୁ ଦାବୀ ହୋଇଥିଲା। ଏଥିରେ ସଂଘର ସମ୍ପାଦକ ନଟବର ସେଠୀ ଉପ ସଭାପତି ପଦ୍ମନାଭ ବାଭି , ବିରଳ ଦାଶ, ସଂଘର ସହ ସମ୍ପାଦକ ବିମ୍ବାଧର ଓଝା ବରିଷ୍ଠ ସଭ୍ୟ ସରୋଜ ପଟନାୟକ, କିର୍ତନ ବିହାରି ସାହୁ, ବ୍ରଜ କିଶୋର ରଥ,ବଟକୃଷ୍ଣ ତରାଇ,ଦୁଃଶାସନ ସାହୁ, ଓ ବରିଷ୍ଠ ନାଗରିକ ମଂଚର ସମସ୍ତ ସଭ୍ୟ ଧାରଣାରେ ଯୋଗଦେଇ ରସୁଲପୁର ବିଡିଓ ଙ୍କୁ ମୁଖ୍ୟ ମନ୍ତ୍ରୀ ଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ।

# ଏଥର ପାର୍ବଣରେ ଡିଜେ ବନ୍ଦ

ମାହାଙ୍ଗା, (ସବ୍ୟୁ): ଗତକିଛିଦିନ ତଳେ ମାହାଙ୍ଗା ଅଚଂଳରେ ଗଣେଶପୂଜା ଭସାଣୀରେ ଡିଜେ ସାଉଣ୍ଡର ବ୍ୟବହାରକୁ ନେଇ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ପୋଲିସ ପ୍ରଶାସନ ଏହାକୁ ହୃଦୟଙ୍ଗମ କରି ଚଳିତ ଦୁର୍ଗାପୂଜା ଓ ଭସାଣୀ ଉତ୍ସବରେ ଡିଜେ ସାଉଣ୍ଡକୁ ସଂପୂର୍ଣ୍ଣରୂପେ ବ୍ୟବହାର ନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଭଦ୍ରେଶ୍ୱର ଥାନା ପକ୍ଷରୁ ଆଇଆଇସି ଶିବଚରଣ ବେହେରା ଥାନା ଅଂଚଳରେ ରହିଥିବା ବିଭିନ୍ନ ଦୁର୍ଗାପୂଜା କମିଟିର ମୁଖ୍ୟମାନଙ୍କୁ ଡାକି ଡିଜେ ସାଉଣ୍ଡ ବ୍ୟବହାର ନକରିବାକୁ ପରାମର୍ଶ ଦେଇଛନ୍ତି। ଯେଉଁମାନେ ପୋଲିସର ଏହି ପରମର୍ଶକୁ ନମାନି ଭସାଣୀ ସମୟରେ ଡିଜେସାଉଣ୍ଡ ବ୍ୟବହାର କରନ୍ତି ତେବେ ପୋଲିସ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଡିଜେସାଉଣ୍ଡର ମାଲିକଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭଦ୍ରେଶ୍ୱର ଥାନା ଆଇଆଇସି ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ଏହିଭଳି ଦୃଢ଼ ପଦକ୍ଷେପକୁ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଛି।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ନ୍ତମହକନ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର (ରାଜସ୍ୱ)ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଶିଶୁ ମାନଙ୍କ ନିମନ୍ତେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ମହକ' ଓ 'ଉତ୍ସାହ' ୨୦୨୩ କାର୍ଯ୍ୟକ୍ରମ ପଲିଶ୍ରୀ ମହିଳା ସମିତି ଓ ରେସ୍ପା ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ ତର୍କ, ସଙ୍ଗୀତ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗ୍ରୁପ ଡ୍ୟାନ୍ସ, ୧୦୦ ଓ ୨୦୦ ମିଟର ଦୌଡ, ଉଚ୍ଚ ଓ ଲମ୍ବ ଡିଆଁ, କ୍ୟାରମ ଓ ଚେସ୍ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । ଏଥିରେ ଉତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରଷ୍କୃତ କରାଯାଇ ଥିଲ । ଉତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନେ ଆସନ୍ତା ମାସରେ କଳିଙ୍ଗ ଷ୍ଟାଡିୟମ ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କଲ୍ୟାଣ ଅଧିକାରୀ ଗୁରୁ ଚରଣ ମଲିକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ସ୍ୱାଗତିକା ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିର ମୋ ମାଟି ମୋ ଦେଶ ସମର୍ପିତ ଅଭିଯାନ

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଇନ୍ଦୁପୁର ମଣ୍ଡଳରେ ନ୍ତମୋ ମାଟି ମୋ ଦେଶନ୍ତ ସମର୍ପିତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି ପକ୍ଷରୁ ଢୋଲ ମଙ୍ଗଳା ମନ୍ଦିର ରୁ ଆରମ୍ଭ ହୋଇ ୩ଟି ପଂଚାୟତ ର ଘର ଘର ବୁଲି ମାଟି ଓ ଚାଉଳ ସଂଗ୍ରହ କରିଥିଲେ । ସଂଗ୍ରହ ହୋଇଥିବା ପବିତ୍ର ମାଟି ଦିଲ୍ଲୀରେ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ ପଠାଇ ଥିଲେ । ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମଣ୍ଡଳ ସଭାପତି ଶଶାଙ୍କ ଶେଖର ଓଝାଙ୍କ ସଂଯୋଜନା ରେ ଅରୁଣ ପାତ୍ର, ମହେଶ୍ୱର ସାହୁ, ଦିଲିପ ଦାସ, ସୁଶାନ୍ତ ମଲିକ, ପ୍ରଦିପ ବାରିକ, ରତ୍ନାକର ବାରିକ, ପ୍ରଫୁଲ୍ଲ ରାଉତ ପ୍ରମୁଖ ଶୋଭାଯାତ୍ରା ରେ ୩ଟି ପଂଚାୟତ ବୁଲି ନିକିରାଇ ସେଉଆ ମହାପୁରୁଷ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ପରିକ୍ରମା କରିଥିଲା ।

# ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ଓ ରତ୍ନ ଅଳଙ୍କାର ଗଣତି ଦାବିରେ କଂଗ୍ରେସର ବିକ୍ଷୋଭ

ପୁରୀ (ସବ୍ୟୁ): ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କର ରତ୍ନଅଳଙ୍କାରର ଗଣତି ଓ ମରାମତି ପୁରୀ ଜିଲ୍ଲା ଚାଷୀଙ୍କର ବେଦାନ୍ତ ଅଧିକୃତ ଜମି ଫେରସ୍ତ ଓ ପୁରୀର ସ୍ଥାନୀୟ ବାସିନ୍ଦାଙ୍କର ଭୂସମ୍ପତ୍ତି ସୁରକ୍ଷାର ସ୍ଥାୟୀ ସମାଧାନ ଦାବିରେ ରାଜ୍ୟ କଂଗ୍ରେସ ସଭାପତି ଡାକରାରେ ପୁରୀ ଠାରେ କର୍ମୀଙ୍କୁ ନେଇ ସୋମବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସଙ୍କୁ ଦେବା ସହ ଆସନ୍ତା ୨୮ତାରିଖ ସୁଧା ଯଦି ଶ୍ରୀମନ୍ଦିର ଚାରିଦ୍ୱାର ଯଦି ଭକ୍ତଙ୍କ ଉଦ୍ଦେଶ୍ୟରେ ଖୋଲାନଯିବ ତେବେ ରାଜ୍ୟରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ।

# ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ

ନେମାଳ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ଆଜି ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେକଟକ ସଦର ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ୨୫ ନଂ ଜୋନ୍ ଜିଲ୍ଲାପରିଷଦ ବିଳାସ ଭୋଇଙ୍କ ତତ୍ତ୍ୱାବଧାନାରେ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ସମୂହ ଦୀପଦାନ କରାଯାଇଛି । ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ,ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ଅମୀୟ ପ୍ରସାଦ ମହାନ୍ତି, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ନନ୍ଦିନୀ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମାବତୀ ସାହୁ, ନାରୀନେତ୍ରୀ ସଂଯୁକ୍ତା ଭୂୟାଁ, ମିଲି ଜେନା, ସରପଂଚ ସସ୍ମିତା ମହାନ୍ତି, ନନ୍ଦିନୀ ନାୟକ, ସଭାପତି ବିମଳ ଦାସ, ସୁନାକର ସାହୁ, ବିଷ୍ଣୁ ଦାସ, ପଦ୍ମାବତୀ ସାହୁ, ରତିକାନ୍ତ ଭୂୟାଁ, ଶରତ ନାୟକ, ଭୈରବ କାନ୍ତ, ସାମ୍ବାଦିକ ସୁବାଷ ପାତ୍ର, ଛାତ୍ର ନେତା ବଳଦେବାନନ୍ଦ ଦାସ, ଯୁବନେତା ହିଂମାଶୁ ଦାସ, ପାଳଦା ସରପଂଚଙ୍କ ପ୍ରତିନିଧି ରମାକାନ୍ତ ବେହେରା, ସମିତିସଭ୍ୟା ଶୁଭଲକ୍ଷ୍ମୀ ମଲ୍ଲିକ, ତରଣୀସେନ ଜେନା, ସଂଯୁକ୍ତା ଭୂୟାଁ, ନିରଞ୍ଜନ ଭୂୟାଁ, ନରହରି ବାରିକ, ଅନ୍ନପୂର୍ଣ୍ଣା ଦାସ, ଧର୍ମାନନ୍ଦ ଦାସ, ଜଗଦୀଶ ଦାସଙ୍କ ସମେତ ବହୁ କର୍ମୀ ଯୋଗଦେଇ ଦୀପଦାନ କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି: ୧୫୬ଟିର ତତ୍କାଳ ସମାଧାନ

ଧର୍ମଶାଳା/ଯାଜପୁର, (ସବ୍ୟୁ): ଧର୍ମଶାଳା ବ୍ଲକ ପରିସରରେ ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର, ଏସପି ବିନୀତ ଅଗ୍ରୱାଲ ଯୋଗଦେଇ ୨୪୧ଟି ଅଭିଯୋଗରୁ ୧୭୩ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରୁ ୧୫୬ଟି ତତ୍କାଳ ସମାଧାନ କରାଯାଇଥିଲା । ୧୭୩ଟି ଅଭିଯୋଗ ମଧ୍ୟରୁ ୧୪୯ଟି ବ୍ୟକ୍ତିଗତ ଓ ୨୪ଟି ସମୂହ ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏଥିମଧ୍ୟରୁ ମୁଖ୍ୟମନ୍ତ୍ରିଙ୍କ ରିଲିଫ ପାଣ୍ଠି ରୁ ୪୦ ଜଣ ଓ ରେଡକ୍ରସରୁ ସହାୟତା ପାଇଁ ୧୧୦ ଜଣ ଅବେଦନ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ଗୁଡିକୁ ଶୁଣିବା ସହ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ସମସ୍ୟା ଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁଭେନ୍ଦୁ ସାମଲ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ଆଗକୁ ଦୁର୍ଗାପୂଜା, ବସିଲା ଶାନ୍ତି କମିଟି ବୈଠକ

ଜଗତସିଂହପୁର, (ସବ୍ୟୁ): ଆଗାମୀ ଦୁର୍ଗାପୂଜା ପାଳନ ଉପଲକ୍ଷେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରି ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କହିଲେ ଜଗତସିଂହପୁର ସହରରେ ଚଳିତ ଦୁର୍ଗା ପୂଜା, ରାବଣ ପୋଡି ଓ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଗାଲୁପଡା ଠାରୁ ପୋଷ୍ଟ ଅଫିସ ଛକ, କଲେଜ ଛକ ଠାରୁ ଚାଟରା ବ୍ରିଜ, ଜୀରା ଠାରୁ ଟର୍ଚ୍ଚିକା ବଜାର, କୋର୍ଟ ଛକ ଠାରୁ ଓହଳ, ସାଥୀ ଭଉଣୀ ମେଢ ଠାରୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କ (ଜୟବଡ), ବଙ୍ଗଳା ଛକ ଠାରୁ ପୁରୋହିତପୁର, ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ଟ୍ରାଫିକ ପଏଣ୍ଟ ସନ୍ନିକଟ ରାସ୍ତା, ଗାନ୍ଧୀ ଛକ ଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତା ମରାମତି ଓ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ ଗୁଡିକ କାଟିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଷ୍ଟ୍ରିଟ ଲାଇଟ ମରାମତି, ପାର୍କିଂ ସ୍ଥାନ ନିରୁପଣ,ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମେଠ ନିକଟରେ ପୋଲିସ ମୁତୟନ କରିବା, ଦୁର୍ଗା ପୂଜା ସମୟରେ ଡିଜେ ନ ବଜାଇବା, ଅସ୍ଥାୟୀ ପୋଖରୀ ଖନନ କରିବା, ଦୁର୍ଗା ପୂଜା ସମୟରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା, ପ୍ରତି ମେଠ ନିକଟରେ ସଂପୃକ୍ତ କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ କରିବା, ଭସାଣି ଯାତ୍ରାକୁ ସାନ୍ତି ଶୃଙ୍ଖଳାର ସହ ସମାପନ କରିବା, ଭସାଣୀ ଦିନ ମେଢ ଗୁଡିକ କ୍ରମାନ୍ୱୟରେ ବସିବା ଏବଂ ରାତ୍ର ୧୦ ଘଟିକା ସୁଦ୍ଧା ମୁର୍ତ୍ତୀ ବିସର୍ଜନ କରିବା ଇତ୍ୟାଦି ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଶାନ୍ତି କମିଟିର ସଦସ୍ୟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ସିଂହ, ଅତିରିକ୍ତ ତହସିଲଦାର, ଥାନପତି ମହାଦେବ କ୍ଲବର ସଭାପତି ସତ୍ୟବ୍ରତ ମହାପାତ୍ର, ବିନାୟକ ପଟ୍ଟନାୟକ, ହେମନ୍ତ କୁମାର ରଥ, ଶ୍ରୀକାନ୍ତ ଚୌଧୁରୀ, ରତ୍ନାକର ବିଶ୍ୱାଳ, ଲାଲା ବିକ୍ରମ କେଶରୀ ରାୟ, ରଶ୍ମିକାନ୍ତ ସାହୁ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ବେଠକରେ ଆରକ୍ଷୀ ନିରୀକ୍ଷକ ଗୁକୁଳ ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତି ଉପସ୍ଥିତ ରହିଥିଲେ ।

# ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର: ୫୮୫ ୟୁନିଟ ସଂଗ୍ରହ




କୁଆଁପାଳ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୁଲ୍ୟରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜେଏନ କଲେଜ ପରିସରରେ ବିଜୁ ଜନତାଦଳ ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରି ସବୁ ଅଞ୍ଚଳର ବିକାଶ ସହିତ ସବୁ ବର୍ଗର ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଆମର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଭୁ ଜଗନ୍ନାଥ ଆର୍ଶିବାଦ କରନ୍ତୁ ଓ ସେ ଆହୁରି ଅଧିକ ଦୀର୍ଘଜୀବୀ ହୁଅନ୍ତୁ ,ଆହୁରି ଅଧିକ ଆଗେଇ ଚାଲନ୍ତୁ ଓଡିଶା ବାସୀଙ୍କ ସ୍ୱାର୍ଥ ପାଇଁ। ଏଥିରେ ସମ୍ମାନିତ ଅତିଥି ଭାବେ ମାହାଙ୍ଗା ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲ୍ଲିକ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜେଏନ କଲେଜ ଅଧକ୍ଷ ପ୍ରଫେସର ଅଜୟ ମହାପାତ୍ର,ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ରିୟାଜୁଲ ହୋଦା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୃହତ ରକ୍ତଦାନ ଶିବିରରେ ରେଡକ୍ରସ ପକ୍ଷରୁ ଡାକ୍ତର ଅଭୟ ପାତ୍ର, ସାରାଦା ଓଝା, ସନ୍ଦିପ ସ୍ୱାଇଁ,କେଦାର ନାଥ ସାହୁ, ସରୋଜ କୁମାର ମହାନ୍ତି, ବିଜୟ କୁମାର ସ୍ୱାଇଁ ଓ କଟକ ଏସସିବି ମେଡିକାଲ କଲେଜ ଓ ହସପିଟାଲର ଡାକ୍ତର କୌଶିକ ପାତ୍ର, ବିଶ୍ୱଜିତ ସେନାପତି, ସୁଶାନ୍ତ କୁମାର ସାହୁ ମୃତ୍ୟୁଞ୍ଜୟ ଜେନା, ଚିନ୍ମୟ ରଞ୍ଜନ ସାହୁ ଓ କୀର୍ତ୍ତିରଞ୍ଜନ ମହାରଣା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରେକର୍ଡ ସଂଖ୍ୟକ ୫୮୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଯୁବନେତା ଅମିୟ ନାୟକ,ଜଳେଶ୍ୱରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, ସରପଞ୍ଚ ରାଜକିଶୋର ବଳ, ରମେଶ ନାୟକ, କିଶୋର ରାଉତ, ମୃତ୍ୟୁଞ୍ଜୟ ବରାଳ, ଆଲୋକବାରିକ, ମୋନାଲିସା ନାୟକ, ଦୀପକ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

ଯାଜପୁରସଦର ,(ସବ୍ୟୁ) :ବରୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ବିଚିତ୍ରାନନ୍ଦ ଅଚାର୍ଯ୍ୟଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବେଣୁଧର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସ୍ୱର୍ଗତ ଶିକ୍ଷକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ସ୍ମୃତି ସବା କରାଯାଇଥିଲା । ପୂର୍ବତନ ଶିକ୍ଷକ ଶତ୍ରୁଘନ ଜେନା, କର୍ଣ୍ଣଚନ୍ଦ୍ର ଘଡାଇ, ପୂର୍ବତନ ଛାତ୍ର କୃଷ୍ଣଚନ୍ଦ୍ର ଜେନା, ଏଦୟନାଥ ଜେନା, ବୃଷଭାନୁ ଜେନା, ବିମ୍ବାଧର ଜେନା, ବାବନ ଚନ୍ଦ୍ର ଜେନା, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସେଠୀ, ପ୍ରଶାନ୍ତ ଜେନା, ପୂର୍ବତନ ଏବିଇଓ କପିଳ ଚରଣ ସାମଲ, ଗ୍ରାମର ଅନେକ ଗ୍ରାମବାସୀ ଓ ଶିକ୍ଷାବିତ୍ ଓ ସାଧାରଣ ଲୋକ ଯୋଗ ଦେଇଥିଲେ । ଏହି ସଭାରେ ସ୍ୱର୍ଗତ ଶିକ୍ଷକ ବିଚିତ୍ରାନନ୍ଦ ଅଚାର୍ଯ୍ୟଙ୍କ ଉନ୍ନତ ଧରଣର ଶିକ୍ଷାଦାନ ପଦ୍ଧତି ଓ କିଛି ଅନୁଭୂତି ଆଲୋଚନା କରାଯାଇଥିଲା

# ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ଅବସରରେ ଆଜି ଓଡିଶା ମୋ ପରିବାର-ଜୀବନ ବିନ୍ଦୁ ଆନୁକୁଲ୍ୟରେ ସ୍ଥାନୀୟ ଶାରଦା ମଣ୍ଡପ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଓ ବିଧାୟକଙ୍କ ପ୍ରତିନିଧୀ ପ୍ରିୟବ୍ରତ ମହାପାତ୍ର ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଆବାହକ ମଧୁସୂଦନ ସାହୁ, ବିଜେଡି ଉପସଭାପତି ଦିପ୍ତି ଦାସ, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା, ଉପାଧକ୍ଷ ରତି ରଞ୍ଜନ ବେହେରା, ଜିଲ୍ଲା ଛାତ୍ର ବିଜୁ ଜନତା ଦଳର ସଭାପତି ସମିତ କୁମାର ଲେଙ୍କା, ଜିଲ୍ଲା ଯୁବ ବିଜୁ ଜନତା ଦଳର ସଭାପତି ସୌମ୍ୟଜିତ ମହାପାତ୍ର,ଆଇନଜିବୀ ଦୋଳଗୋବିନ୍ଦ ଦାଶ, ସରୋଜ କୁମାର ବିଶ୍ୱାଳ, ଚିତ୍ତ ରଞ୍ଜନ ରାଉଳ, ପାରିଷଦ ମନୋଜ କୁମାର ମହାନ୍ତି, ଦିପ୍ତି ରଞ୍ଜନ ବେହେରା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ: ୧୦୧ ୟୁନିଟ୍ ସଂଗ୍ରହ



ସାଲେପୁର ,(ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନ୍ମଦିନ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମଧକଚ୍ଛ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ମା' କାଳୀମନ୍ଦିରରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଶୁଭ ମନାସୀ ୭୮ଟି ଦିପ ପ୍ରଜ୍ୱଳନ କରାଯାଇଥିଲା। ଆଜିର ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବିଧାୟକ ଶ୍ରୀ ବେହେରା ଉଦ୍ଘାଟନ କରିବା ସହ କର୍ମକର୍ତ୍ତା ଓ କର୍ମୀମାନଙ୍କ ଉପସ୍ଥିତିରେ କେକ୍ କାଟି ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ପାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ଆତ୍ମାର ସଭାପତି ଦିଲ୍ଲିପ୍ ଦାଶ, ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ସରପଞ୍ଚ ସଂଜ୍ଞୟ ବେହେରା, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚିନାରାୟଣ କର, ମିସନ୍‌ଶକ୍ତି ସଭାନେତ୍ରୀ ତୃପ୍ତିରୋଖା ପରିଡା, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଲିପକ୍ ଜେନା, ସାଂସଦ ପ୍ରତିନିଧି ଗୁଲୁରେଜ୍ ଅଲ୍ଲି, ଗୀତାଞ୍ଜଳି ପାଣୀଗ୍ରାହୀଙ୍କ ସମେତ ବହୁ ଜନ ପ୍ରତିନିଧି, ମହିଳା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

# ଟ୍ରେନ୍ ଲାଇନରେ ଅଚିହ୍ନା ଶବ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର-ଗଡମଧୁପୁର ରେଳଷ୍ଟେସନର ପାଖର ଫାଟକ ନିକଟ ଟ୍ରେନ ଲାଇନ କଡରେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଛି । ତେବେ କୌଣସି ଦ୍ରୁତଗାମୀ ଟ୍ରେନରୁ ଖସିପଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ମୃତ ବ୍ୟକ୍ତିଙ୍କ ବୟସ ୩୦ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ସେ କଳାପ୍ୟାଂଟ, କଳା ସାଟ. ଅଂଟାରେ ନାଲି ବେଲ୍ଟ ଓ କଳାବୁଟ ପରିଧାନ କରିଥିବା ଦେଖିବାକୁ ମିଳିଛି । ତେବେ ଏନେଇ ଆଜି ସ୍ଥାନୀୟ ଲୋକେ ଜିଆରପିକୁ ଖବର ଦେଇଥିବା ଜଣାଯାଇଛି ।

# ସାମ୍ବାଦିକଙ୍କ ଜୀବନୀ ପୁସ୍ତକ ଯାଜପୁର ମାଟିର ମହକ ଉନ୍ମୋଚିତ, ଆଲୋଚନାଚକ୍ର




ଚଣ୍ଡିଖୋଲ ,(ସବ୍ୟୁ): ଯାଜପୁର ଜିଲ୍ଲା ବରୀ ମାଟିର ବର୍ଷିଆନ ଓ ବୟୋଜେଷ୍ଠ ସାମ୍ବାଦିକ ହୃଷିକେଶ ଜେନାଙ୍କ ଆତ୍ମ ଜୀବନିକୁ ନେଇ ଅଖିଳଚକ୍ର,ଓଡିଶା ପକ୍ଷରୁ ପ୍ରକାଶିତ ଯାଜପୁର ମାଟିର ମହକ ପୁସ୍ତକ ପ୍ରେସକ୍ଲବ ଚଣ୍ଡିଖୋଲ ଆନୁକୂଲ୍ୟରେ ରବିବାର ଦିନ ଉନ୍ମୋଚିତ ହୋଇଯାଇଛି । ପାକ୍ଷିକ ସମ୍ବାଦପତ୍ର ବିରଜାଭୂମିର ସମ୍ପାଦକ ନିର୍ମଳଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରେସକ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ବଡଚଣା ବିଧାୟକ ଅମରପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିବା ସହିତ ହୃଷିକେଶ ଜେନାଙ୍କୁ ଯାଜପୁର ଜିଲ୍ଲାର ଅନ୍ୟତମ ବୟୋଜେଷ୍ଠ ତଥା ସତ୍ୟନିଷ୍ଠ ସାମ୍ବାଦିକ ଭାବେ ଅଭିହିତକରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଇତ୍ୟବସରରେ ସାମ୍ବାଦିକ ଓ ସାମ୍ବାଦିକତାର ଭବିଷ୍ୟତ ଶୀର୍ଷକ ଆଲୋଚନା ଚକ୍ରକୁ ଶ୍ରୀ ଶତପଥୀ ଉଦଘାଟନ କରିଥିଲେ । ଏହି ଆଲୋଚନା ଚକ୍ରରେ ସାମ୍ବାଦିକ ଓ ସମ୍ବାଦପତ୍ର ପୁସ୍ତକର ରଚୟିତା ତଥା ପ୍ରେସକ୍ଲବର ପ୍ରତିଷ୍ଠାତାସଭ୍ୟ ଡ ପ୍ରିୟନାଥ ମହାପାତ୍ର, ଆଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା,ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା, ପ୍ରେସକ୍ଲବ ସମ୍ପାଦକ ଦୀଲିପକୁମାର ମହାନ୍ତି, ପ୍ରାଧ୍ୟାପକ ବସନ୍ତକୁମାର ନାୟକ,ଉତ୍କଳ ସାମ୍ବାଦିକ ସଙ୍ଘ ଯାଜପୁର ଜିଲ୍ଲାଶାଖା କାର୍ଯ୍ୟକାରୀ ସଭାପତି ପ୍ରଭାତକୁମାର ମହାନ୍ତି, ପ୍ରଦୀପ୍ତକୁମାର ପୃଷ୍ଟି,ବିଜେପି ନେତା ଆଶୁତୋଷ ପରିଡା, ମୋହନ ଖିଲାର, ଶିକ୍ଷକ ଦୈତାରୀ ମଲିକ ପ୍ରମୁଖ ଆଲୋଚନା ଚକ୍ରରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତାର ସ୍ଥିତି ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ଉଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରତାପକେଶରୀ ରାଉତରାୟ, ଶିବରାମ ସାହୁ,ପ୍ରଶାନ୍ତକୁମାର ଜେନା,ହେମଶ ଜେନା, ସଞ୍ଜୟକୁମାର ସ୍ୱାଇଁ,ସୁରେନ୍ଦ୍ର ସାମଲ, ସମରେନ୍ଦ୍ର ମାହାଲା,ସେକ ସଫିରୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ । ପ୍ରେସକ୍ଲବ ପକ୍ଷରୁ ହୃଷିକେଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରେସକ୍ଲବ କୋଷାଧକ୍ଷ ପ୍ରସନ୍ନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା



ଗଣିଆ, (ସବ୍ୟୁ) : ରାଜ୍ୟ ସରକାରଙ୍କ ମିଲେଟ ମିଶନ ସଫଳ କରିବା ସହ ଲୋକମାନେ କିଭଳି ଅଧିକରୁଅଧିକ ମାଣ୍ଡିଆ ଚାଷ କରିବା ସହ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ଆପଣେଇବା ପାଇଁ ବିଭିନ୍ନପ୍ରକାର କାର୍ଯ୍ୟକ୍ରମ କରାଯାଉଛି । ରାଜ୍ୟ ମିଲେଟ ମିଶନ ତରଫରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଗଣିଆ ଉନ୍ନୟନକମିଟି (ଜିୟୁସି) ସହଯୋଗରେ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା ଚାଲୁରହିଛି । ଏହି ଖାଦ୍ୟ ପ୍ରତିଯୋଗିତା ଉତ୍ସବକୁ ମୁଖ୍ୟ ଅତିଥିଭାବେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ସମ୍ମାନୀତ ଅତିଥି ଭାବେ ଗଣିଆ ବିଡିଓ ଖଗେଶ୍ୱର ପାତ୍ର,ତହସିଲଦାର କିଶୋର କୁମାର ପଣ୍ଡା , ସିଡିପିଓ ଉଷାରାଣୀ ସାହୁ, ବିଟିଏମ୍ ଶିବଶଙ୍କର ସାହୁ, ଜିୟୁସିରସଭାପତି ଉଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ୨ଦିନ ଧରି ହେବାକୁ ଥିବା ଏହି ଖାଦ୍ୟ ପ୍ରସ୍ତୁତପ୍ରତିଯୋଗିତାରେ ଗଣିଆ ବ୍ଲକର ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୫ଟି ଅଙ୍ଗନୱାଡିୱାର୍କର ଗ୍ରୁପ ଅଂଶ ଗ୍ରହଣ କରିଥିଲେ । ସୋମବାର ଏହି ଗ୍ରୁପଗୁଡିକ ମଧ୍ୟରୁ ୯ଟି ଗ୍ରୁପ୍ କୁ ଦ୍ୱିତୀୟପର୍ଯ୍ୟାୟକୁ ମନୋନୀତ କରାଯାଇଛି । ମଙ୍ଗଳବାର ଏହି ୯ଟି ଗ୍ରୁପ ମଧ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା କରାଯାଇ ମନୋନୀତ ୩ଟି ଗ୍ରୁପକୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେଅଂଶଗ୍ରହଣ ପାଇଁ ଚୟନ କରାଯିବ । ସୋମବାର ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀପ୍ରତିଯୋଗିତାରେ ୪୫ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇଥିବା ଦେଖିବାକୁ ମିଳିଥିଲା । ଏହିକାର୍ଯ୍ୟକ୍ରମକୁ ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମିଲେଟ ମିଶନ ଓ ଜିୟୁସିରକର୍ମଚାରୀମାନେ ପରିଚାଳନା କରିଥିଲେ ।

# ନନ୍ଦନକାନନରେ ପର୍ଯ୍ୟଟକ ଦେଖିବେ ହୁଲୁଗ ଗିବନ

ବାରଙ୍ଗ, (ସବ୍ୟୁ) : ଦୀର୍ଘ ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି ।ଶେଷରେ ପର୍ଯ୍ୟଟକମାନେ ଦେଖିପାରିବେ ହୁଲୁଗ ଗିବନ । ଏ ଖବର ପ୍ରଚାର ହେବା ପରେ ପର୍ଯ୍ୟଟକ ଙ୍କ ମହଲରେ ଖୁସିର ବାର୍ତ୍ତା ବରଣ ଖେଳିଯାଇଛି । ସୋମବାର ଦିନ ନୂତନ କରି ତିଆରି ହୋଇଥିବା ମାଙ୍କଡ ଖୁଆଡରେ ୪ ଟି ହୁଲୁଗ ଗିବନ୍ କୁ ଛଡାଯାଉଛି । ପ୍ରକାଶ ଯେ , ଚଳିତ ବର୍ଷ ଜୁଲାଇ ୨୭ ତାରିଖରେ ପଶୁପକ୍ଷୀ ଅଦଳବଦଳ ପ୍ରକିୟାରେ ଅରୁଣାଞ୍ଚଳପ୍ରଦେଶର ଇଟାନଗର ଚିଡିଆଖାନାରୁ ୩ଟି ହୁଲକ୍ ଗିବନ ନନ୍ଦନକାନନକୁ ଅଣାଯାଇଥିଲା । ଏଠାକୁ ଆସିବ ପରେ ୧୦ନମ୍ବର ଫାଟକ ନିକଟରେ ଥିବା ନୁତନ କ୍ୱାରେଂଟାଇନରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉଥିଲା ।ଏହି ନୁଆ ଅତିଥିମାନଙ୍କ ପାଇଁ ନନ୍ଦନକାନନକୁ ଗୋଟିଏ ୩ବର୍ଷର ସାଧାରଣ ବାଘୁଣୀ ସୋହିନୀ ଓ ଗୋଟିଏ ୩ବର୍ଷର ଅଣ୍ଡିରା ସାଧାରଣବାଘ ରକି ଓ ତିନି ଘଡିଆଳକୁମ୍ଭୀରକୁ ଦେବାକୁ ପଡିଥିଲା । ସେହିପରି ସେପ୍ଟେମ୍ୱର ୯ ତାରିଖରେ ଜନ୍ତୁ ଅଦଳବଦଳ ଦ୍ୱିତୀୟ ପ୍ରର୍ଯ୍ୟାୟରେ ପୁଣି ମିଜୋରାମର ଆଇଜଲ୍ ଚିଡିଆଖାନାରୁ କୁକଟି ନାମକ୪ବର୍ଷର ଅଣ୍ଡିରା ହୁଲକ ଗିବନ ଓ ୧୩ବର୍ଷର ସାଲବୀନ ନାମକ ମାଈ ଦୁଇଟି ହୁଲକ ଗିବନ ନନ୍ଦନକାନନକୁ ଅଣାଯାଇଥିଲା । ଏଠାକୁ ଆସିବ ପରେ ଏମାନଙ୍କୁ ଏକ ମାସ ପର୍ଯ୍ୟନ୍ତ କ୍ୱାରେଂଟାଇନରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇଥିଲା । ସୋମବାର ଦିନ ସମସ୍ତ ହୁଲୁଗ୍ ଗିବନ କୁ ନୂତନ ଖୁଆଡ ରେ ଛଡାଯାଉଛି । ସୋମବାର ଦିନ ନନ୍ଦନକାନନ ବନ୍ଦ ରହିଥିବାରୁ ମଙ୍ଗଳବାର ଦିନ ଠାରୁ ଏହି ନୂଆ ଅତିଥିକୁ ପର୍ଯ୍ୟଟମାନେ ଦେଖିବାର ସୁଯୋଗ ପାଇପାରିବେ ବୋଲି କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ରଣପୁର , (ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ପରିସର ମଧ୍ୟରେଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଙ୍କ ଅଧ୍ୟକ୍ଷତାରେ ବ୍ଲକ୍ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତହୋଇଯାଇଛି। ଏହି ଶିବିର ରେ ରଣପୁର ବ୍ଲକ୍ଅଂଚଳର ଜନସାଧାରଣ ଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କୁ ଜିଲ୍ଲାପାଳ ଶୁଣିଥିଲେ। ଏହିଶିବିରରେ ମୋଟ ୧୭୩ ଟି ଅଭିଯୋଗ ଗ୍ରହଣକରାଯାଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ଭାବରେ୧୩୧ଟି, ଗ୍ରାମୀଣ ସମସ୍ୟା ୧୯ଟି, ମୁଖ୍ୟମନ୍ତ୍ରୀ ରିଲିଫପାଣ୍ଠି ବାବଦରେ ୨୩ଟି, ରେଡକ୍ରସ୍ ବାବଦରେ୧ଟିଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୨ଟିଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସୂଚନାମିଳିଛି। ଏହି ଶିବିର ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂଦେବାଶିଷ ପଟ୍ଟନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲଜୈନ,ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ସୁଚାରୁ କୁମାର ବଳ, ଜିଲ୍ଲାଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ୍ଅଧ୍ୟକ୍ଷା ନିର୍ମଳା ବେହେରା, ବ୍ଲକ୍ ଉପାଧ୍ୟକ୍ଷ ପ୍ରଭାତଦଳବେହେରା, ତହସିଲଦାର ରବିନ ଚର୍ଚ୍ଚିଲ ମିଶ୍ର, ବିଡିଓଜ୍ୟୋତି ପ୍ରକାଶ ସେଠୀ, ରଣପୁର ସ୍ୱାସ୍ଥ୍ୟ ବିଭାଗଅଧିକାରୀ ଡଃ ବୈଦ୍ୟନାଥ ନନ୍ଦଙ୍କ ସହ ଅନ୍ୟ ସମସ୍ତ ବିଭାଗରଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଶିବିରସମ୍ପର୍କରେ ସାଧାରଣ ଜନତା ସୂଚନା ପାଇପାରୁନଥିବା ହେତୁ ବାର୍ଷିକ ଜନଶୁଣାଣି ତାଲିକା ସାର୍ବଜନୀନ କରାଯିବା ପାଇଁ ସାଧାରଣରେ ଦାବୀ ହେଉଛି।

# ବଜାରରେ ଚାଲିଛି ଭେଜାଲ ଓ ବାସି ଖାଦ୍ୟର କାରବାର

ନିରାକାରପୁର , (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ତାର ପାଖାପାଖି ଅଞ୍ଚଳରେ ଅବାଧରେ ଦୈନନ୍ଦିନ ଚାଲିଛି ଭେଜାଲ ଓ ବାସି ଖାଦ୍ୟର କାରବାର । କିନ୍ତୁ ଏ ସବୁକୁ ତଦାରଖ କରିବାକୁ ଦାୟିତ୍ୱରେ ଥିବା ବାବୁମାନଙ୍କର କାହିଁ କେତେବେଳେ ଯେ ଗ୍ରାମାଞ୍ଚଳରେ ପାଦ ପଡ଼ିବାର ଦେଖିବାକୁ ମିଳୁନି। ଏମାନେ କେବଳ ନିଜର ଦାୟିତ୍ୱକୁ ପାଳନ କରିବା ଆଳରେ କିଛି ବଡ଼ ବଡ଼ ସହରାଞ୍ଚଳ ଜଳଖିଆ , ହୋଟେଲମାନଙ୍କ ଉପରେ ଚଢାଉ କରି ନିଜ କାର୍ଯ୍ୟ ଶେଷ କରୁଥିବାର ମନେ ହେଉଛି। ଏଣେ ଗ୍ରାମାଞ୍ଚଳ ଦୋକାନମାନଙ୍କରେ ମୁନାଫା ଖୋର ବ୍ୟବସାୟୀମାନେ ନିଜ ଜଳଖିଆ, ଫାଷ୍ଟଫୁଡ଼ ଓ ହୋଟେଲମାନଙ୍କରେ ଦୁଇ ତିନି ଦିନର ବାସି ଖାଦ୍ୟପଦାର୍ଥକୁ ଫ୍ରିଜରେ ରଖି ତାକୁ ଗରମ କରି ଲୋକମାନଙ୍କୁ ପରଷୁ ଥିବାର ଦେଖାଯାଉଛି। ଫଳରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଲୋକମାନେ ବିଭିନ୍ନ ପେଟରୋଗ ଭଳି ଫୁଡ଼ ପଏଜନ ରୋଗରେ ପୀଡ଼ିତ ହୋଇ କଷ୍ଟ ଅନୁଭବ କରୁଛନ୍ତି। ଏହା ବିରୋଧରେ ଉକ୍ତ ବ୍ୟବସାୟୀମାନଙ୍କୁ ଅଭିଯୋଗ ଆଣିଲେ ସେମାନେ ଗାଲୁଆଗିରି କରିବା ସହ ନାଲି ଆଖି ଦେଖାଇବାକୁ ପଛାଉ ନାହାଁନ୍ତି। ନିରାକାରପୁର ଓ ତାର ଆଖପାଖ ଅଞ୍ଚଳରେ ଅତି ନିମ୍ନମାନର ଭେଜାଲ ଖାଦ୍ୟ ବିଭିନ୍ନ ଦୋକାନୀ ଲୋକମାନଙ୍କୁ ପରିବେଷଣ କରୁଥିବାବେଳେ ବାସି ଖାଦ୍ୟକୁ ଦେଉଥିବାର ବିଭିନ୍ନ ଅଭିଯୋଗରୁ ଜଣାପଡ଼ିଛି। ମୁଖ୍ୟତଃ କିଛି ଫାଷ୍ଟଫୁଡ଼ ଦୋକାନୀ ଚିକେନ ଓ ମଟନକୁ ଫ୍ରିଜରରେ ରଖି ଦୁଇଚାରି ଦିନ ପର୍ଯ୍ୟନ୍ତ ଏହାକୁ ରାନ୍ଧି ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। କିନ୍ତୁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ଫୁଡ଼ ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ କାହାର ନଜର ଏଥିପ୍ରତି ନ ପଡ଼ିବା ଭଳି ଲାଗୁଛି। ଯଦି ବେଳେବେଳେ ଖାଦ୍ୟ ପଦାର୍ଥ ତଦାରଖ ହୁଅନ୍ତି ବ୍ୟବସାୟୀମାନଙ୍କ ମନରେ ଟିକେ ବି ଭୟ ରହନ୍ତା। ଆଉ ସେମାନେ ବାସି ଖାଦ୍ୟ କିମ୍ବା ଭେଜାଲ ଖାଦ୍ୟ ବିକ୍ରୀ କରିବାରୁ ନିବୃତ ରୁହନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେଣୁ ଜିଲ୍ଲା ଖାଦ୍ୟ ତଦାରଖ ବିଭାଗ ତରଫରୁ ତୁରନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢାଉ କରିବାକୁ ଦାବୀ ହେଉଛି।

# ରାତିଅଧିଆ ବାଣ, ମଦ ଚାଲାଣ ବଦଳିଲେ ବେଗୁନିଆ ଥାନା ଅଧିକାରୀ

ବୋଲଗଡ଼, (ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲାରେ ବେଗୁନିଆ ଥାନା ଏକ ଚର୍ଚ୍ଚିତ ଓ ସମ୍ବେଦନଶୀଳ ଥାନା ଭାବେ ବେଶ ପରିଚିତ। ଏଠାରେ ପୂର୍ବରୁ ଥାନା ପୋଡି ଠାରୁ ଆରମ୍ଭ କରି ବହୁ ଘଟଣା ଘଟି ଯାଇଛି। ଏବେଏବେ ଚର୍ଚ୍ଚାରେ ରହିଛି ଲକ୍ଷାଧିକ ଟଙ୍କାର ବାଣ ଓ ମଦକୁ ଜବତ୍ କରି ରାତ୍ରି ଅଧିଆ ବିକ୍ରି କରିବା।ଏ ଘଟଣାଟିକୁ ଗୁରୁତ୍ୱର ସହ ଗ୍ରହଣ କରି ଖୋର୍ଦ୍ଧା ଏଏସପି ଚବିଶ ଘଣ୍ଟା ମଧ୍ୟରେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏହା ପୂର୍ବରୁ ଗତ ରବିବାର ଦିନ ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ଥାନା ଡ୍ରାଇଭର ଓ ଜୈନିକ ହୋମଗାର୍ଡଙ୍କୁ ଗିରଫ କରାଯାଇଛି। ନିକଟରେ ଯୋଗ ଦେଇଥିବା ବୋଲଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ବେଗୁନିଆ ଥାନାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଖୋର୍ଦ୍ଧା ମଡେଲ ଥାନାର ଅତିରିକ୍ତ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କୁ ବୋଲଗଡ଼ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବାରଙ୍ଗ ,(ସବ୍ୟୁ) :ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ସୋମବାର ଦିନ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ବାରଙ୍ଗ ଜୟପୁର ଗ୍ରାମର ମନୋଜ କୁମାର ନାୟକ (୩୧) ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ ଯେ, ଗତ ୬ ତାରିଖ ଦିନ ଜୟପୁର ଗ୍ରାମର ଜଣେ ନାବାଳିକା ଗ୍ରାମ ନିକଟସ୍ଥ ଅଇଁଥା ବାରୀକୁ ଯିବା ସମୟରେ ସେହି ଗ୍ରାମର ମନୋଜ ଉକ୍ତ ନବୋଳିକାକୁ ଏକୁଟିଆ ଦେଖି ଏକ ବୁଦା ଭିତରକୁ ନେଇ ଯାଇ ଦୁଷ୍କର୍ମ କରିଥିଲା। ଚିତ୍କାର ଶୁଣି ନିକଟସ୍ଥ ଲୋକେ ନାବାଳିକା ଉଦ୍ଧାର କରିଥିଲେ । ଏ ନେଇ ବାରଙ୍ଗ ଥାନାରେ ନାବାଳିକାଙ୍କ ମା' ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ବାରଙ୍ଗ ପୁଲିସ୩୭୭/୨୩ ଏକ ମାମଲା ରୁଜୁ କରି ମନୋଜକୁ ସୋମବାର ଦିନ ଗିରଫ କରି ପଚରାଉଚରା ବେଳେ ମନୋଜ ପୂର୍ବରୁ ନାବାଳିକା ସହିତ ବହୁ ବାର ସମ୍ପର୍କ ରଖିଥିବା ସ୍ୱୀକାର କରିଛି । ସୋମବାର ଦିନ ବାରଙ୍ଗ ପୋଲିସ ମନୋଜକୁ କୋର୍ଟ ଚାଲାଣ କରିଛି ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ



କଣ୍ଟାପଡ଼ା, (ସବ୍ୟୁ) : ଓଲଟପୁର ଥାନା ସୁନ୍ଦରଗ୍ରାମସ୍ଥିତ ଦଧିଚି ଫାର୍ମାସୀ କଲେଜରେ କର୍କଟ ରୋଗସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚସିଜି ପଣ୍ଡା କାନସର ହସପିଟାଲ ସହଯୋଗରେ ଆୟୋଜିତ ଏହି କାର୍ଯକ୍ରମରେ ହସପିଟାଲ ବିଶେଷଜ୍ଞ ଡାକ୍ତର ରଂଜିତକୁମାର କର ଯୋଗଦେଇ କର୍କଟରୋଗର କାରଣ, ନିରାକରଣ, ଲକ୍ଷଣ ଓ ଚିହ୍ନଟ ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।କଲେଜ ଅଧକ୍ଷ ଡଃ.ରଜତକୁମାର କର, ଉପାଧ୍ୟକ୍ଷ ପ୍ରଫେସର ଶୋଭାବିକାଶ ସ୍ୱାଇଁ, ଡଃ.ସନ୍ତୋଷକୁମାର ପଣ୍ଡା,ଚନ୍ଦ୍ରକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡଃ.ସତବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜଗନ୍ନାଥ ପଣ୍ଡା, ବିପିନ ନାୟକ, ଭାଗୀରଥି ବାରିକ, ବିମଳକୁମାର ମଲିକ, ସୁରେନ୍ଦ୍ର କୁମାର, କାଶୀନାଥ ବେହେରା ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ଅଧାପିକା ଅନୀତା ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସଚେତନତା ଶିବିର

ସାକ୍ଷୀଗୋପାଳ , (ସବ୍ୟୁ) : ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ଦୁଗଲ ଗ୍ରାମପଞ୍ଚାୟତ ପଞ୍ଚୁକେରା ଓ ଉତ୍ତର ମାଳ ସାହିରେ 'ପ୍ରୟାସ' ସଂଗଠନ ପକ୍ଷରୁ ବୁଥ ସ୍ତରୀୟ କର୍ମୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଯୁନେତା କାମାକ୍ଷା ପ୍ରଧାନ ଯୋଗଦେଇ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନଙ୍କୁ ନିର୍ବାଚନ ଲକ୍ଷ୍ୟରେ ପରାମର୍ଶ ଦେଇଥିଲେ। ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କୁ ଓହ୍ଲାଉଥିବା ରାଜନୈତିକ ନେତା ମାନଙ୍କ ପ୍ରରୋଚନାରେ ନପଡି ମତଦାତା ମାନେ କିପରି ଉପଯୁକ୍ତ ପ୍ରାର୍ଥୀ ଙ୍କୁ ଭୋଟଦେବେଏଦିଗରେ ସଚେତନ କରିବା ଆବଶ୍ୟକତା କୁ ଗୁରୁତ୍ୱ ଦେଇ ସେ କହିଥିଲେ, 'କଥାରେ ଅଛି ଚାଷୀ ହୁଡିଲେ ବରଷେ, ଭୋଟର ହୁଡିଲେ ପାଞ୍ଚ ବରଷ'। ଅନ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ଆଚାର୍ଯ୍ୟ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା ସତ୍ୟଭାମା ହେରା, ଯୁବ ସଂଗଠକ ଦିଲ୍ଲୀପ ବିଶ୍ୱାଳ, ତ୍ରିନାଥ ପରିଡା, ଭାସ୍କର ଜେନା, ଅଭିନ୍ନ ଜେନା, ଗଙ୍ଗାଧର ଛାଟୋଇ ଓ ସୁରଥ ପରିଡା ପ୍ରମୁଖ ତୃଣମୂଳ ରୁ ସଂଗଠନକୁ ମଜବୁତ କରିବା ନିମନ୍ତେ ଅନୁଷ୍ଠିତ ସଭାରେ ଉଦବୋଧନ ଦେଇଥିଲେ।ସଂଗଠନ ର ପରମର୍ଶଦାତା ଲକ୍ଷ୍ମଣ ହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାମରେ ଆସୁନି ଯାତ୍ରୀ ବିଶ୍ରାମାଗାର

ଖଣ୍ଡପଡା,(ସବ୍ୟୁ) : ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖଣ୍ଡପଡା ବସ ଷ୍ଟାଣ୍ଡରେ ଦିର୍ଘ ବର୍ଷ ତଳେ ନିର୍ମାଣ ହୋଇଥିଲା ଯାତ୍ରୀ ବିଶ୍ରାମାଗାର । ଏବେ ଏହି ବିଶ୍ରାମାଗାରଟି ରକ୍ଷଣା ବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ । ଫଳରେ ସମୟାନୁକ୍ରମେ ଯାତ୍ରୀଙ୍କ ସେବାରେ ଆସୁନଥିବା ଏହି ବିଶ୍ରାମାଗାରଟି ଏବେ ବୁଲା କୁକୁର, ଗାଈ ଓ ଷଣ୍ଢଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡିଛି । ପୁରାତନ ଢାଞ୍ଚାରେ ଲୁହା ଖୁଂଟ ଓ ଆଜବେଷ୍ଟସ ଛପରରେ ବିଶ୍ରାମାଗାରଟି ସେହି ସମୟରେ ନିର୍ମାଣ କରାଯାଇଥିଲା । ମାତ୍ର ଏବେ ବିଶ୍ରାମାଗାରର ଲୁହା ଖୁଣ୍ଟ ଗୁଡିକ କଳଙ୍କି ଲାଗି ନଷ୍ଟ ହେବାକୁ ବସିଥିବା ବେଳେ ଆଜବେଷ୍ଟସ୍ ଛପର ଗୁଡ଼ିକ ଭାଙ୍ଗି ନଷ୍ଟହୋଇ ଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ବିଶ୍ରାମାଗାରର ପରିସରରେ ପାଣିଜମି ରହୁଛି । ଏବେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଯାତ୍ରୀମାନେ ଘଣ୍ଟା ଘଣ୍ଟାଧରି ଅପେକ୍ଷା କରି ଯାତ୍ରୀବାହୀ ବସ ଗୁଡିକରେ ଯାତାୟତ କରୁଛନ୍ତି । ଏଭଳି ଅବସ୍ଥାରେ ଜନସାଧାରଣ ଯାତାୟତ କରୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ସର୍ବସାଧାରଣଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବା ଯାତ୍ରୀ ବିଶ୍ରାମାଗାରଟିର ପୁନରୁଦ୍ଧାର ଦିଗରେ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀଦାବି କରିଛନ୍ତି ।

# ଖୁଦରକୁଣୀ ଉତ୍ସବ ଉଦ୍ଯାପିତ



ନିରାକାରପୁର,(ସବ୍ୟୁ) ଖୋରଧା ଜିଲା ଟାଙ୍ଗୀ ବ୍ଲକ ସାନରାଉତପଡା ପଞ୍ଚାୟତ ମୂଳିଝର ଗ୍ରାମର ଖୁଦରକୁଣୀ ବ୍ରତଧାରିଣୀ ଯୁବତୀମାନଙ୍କ ଦ୍ୱାରା ଖୁଦରକୁଣୀ ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ଲକ୍ଷ୍ମଣ ଶକ୍ତି ଭେଦ, ମହିରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା ।ପୌରାଣିକ ରାମ ନାଟକ ଉପଭୋଗ କରିବା ପାଇଁ ସାନରାଉତପଡା ପଞ୍ଚାୟତ ସମେତ ଆଖା ପାଖ ଅଞ୍ଚଳରୁ ବହୁ ଦର୍ଶକ ଶେଷ ରାତ୍ରୀ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ନାଟକ ମଞ୍ଚସ୍ଥ ହେବା ଆଗରୁ ଆନୁଷ୍ଠାନିକ ଭାବେ ବାସନ୍ତୀ ମହାପାତ୍ର, ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ଙ ମୁଖ୍ୟ ଅତିଥି ଭାବରେ ମଞ୍ଚ କୁ ଉଦଘାଟନ କରିଥିଲେ । ଅଭିଭାଷଣ ଛଳରେ ଶ୍ରୀମତୀ ମହାପାତ୍ର କହିଥିଲେ ଯେ ରାମାୟଣ ଆମ ସଂସ୍କୃତିର ଏକ ଅବିଛ୍ୟାଦ ଅଙ୍ଗ ଏବଂ ପ୍ରତେକ ଏହାକୁ କେବଳ ମନୋରଞ୍ଜନ ର ଏକ ମାଧ୍ୟମ ବୋଲି ନ ଭାବି ଆମ ସଂସ୍କୃତି ଆମ ପରମ୍ପରା ଏବଂ ଜୀବନ ଚର୍ଯ୍ୟାର ଏକ ଅନନ୍ୟ ଉଦାହରଣ ଏବଂ ବଳିଷ୍ଠ ମାଧ୍ୟମ । ଅନ୍ୟ ମାନଙ୍କ ମଧ୍ୟରେ ଜ୍ୟୋସ୍ନାରାଣୀ ପାଇକରାୟ,ମିନତୀ ବିଶ୍ୱାଳ ଏବଂ ସ୍ନେହଲତା ଚମ୍ପତି ପ୍ରମୁଖ ମଞ୍ଚାସିନ ଥିଲେ।

# ଶାରଦୀୟ ଦୁର୍ଗାପୂଜା ପାଇଁ ଚୂଡ଼ାନ୍ତ ବୈଠକ



କୋଣାର୍କ , (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସ୍ଥିତ ଶ୍ରୀ ଶ୍ରୀ ନରସିଂହ ଦେବ ଦୁର୍ଗା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ କୋଣାର୍କ ଯାତ୍ରିନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ମହାନ୍ତି ବରିଷ୍ଠ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରା, ସୁବାଷ ଚନ୍ଦ୍ର ବେଉରା, ସୁବୋଧ ଖଟୁଆ ଙ୍କ ଅଧ୍ୟକ୍ଷତାରେ କୋଣାର୍କ ଥାନାର ଏସ.ଆଇ ସଂଘମିତ୍ରା ଚାନ୍ଦ,ଏ.ଏସ.ଆଇ ବନବିହାରି ନାୟକ ଅଗ୍ନିଶମ ବିଭାଗର ଜ୍ୟୋତି ପ୍ରକାଶ ରଥ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସମ୍ପାଦକ ନଟବର ମହାରଣା, କୋଷାଧ୍ୟକ୍ଷ ବିରବର ସ୍ୱାଇଁ, ସମେତ ପୂଜା କମିଟି ର ସମସ୍ତ ସଦସ୍ୟ ଓ କୋଣାର୍କର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ବୈଠକରେ ଚଳିତ ବର୍ଷ କୋଣାର୍କରେ ଅନୁଷ୍ଠିତ ହେଉଥିବା ଶାରଦୀୟ ଦୁର୍ଗାପୂଜା ସମୟରେ କିପରି ଶ୍ରଦ୍ଧାଳୁ ଭକ୍ତମାନେ ଆସି ମା ଙ୍କୁ ଅତି ସୁନ୍ଦର ଭାବରେ ଦର୍ଶନ କରିବା ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବା ସହିତ ଚଳିତ ବର୍ଷ ବିଶେଷ ଭାବରେ ଭଜନ ଓ ଲୋକନୃତ୍ୟ ଭାବରେ ଘୋଡା ନାଚ ପରିବେଷଣ କରାଯିବା ପାଇଁ ପୂଜା କମିଟି ତରଫରୁ ନିଷ୍ପତ୍ତି ନିଆ ଯାଇଛି । ଆସନ୍ତା ଶୁକ୍ରବାର ଦିନ ମା ଙ୍କ ର ପାଣି ତୋଳା , ଶନିବାର ଚକ୍ଷୁ ଦାନ, ରବିବାର ଦିନ ମହାଷ୍ଟମୀ ରେ ସନ୍ଧି ପୂଜା ସହିତ ଘଣ୍ଟ ମାର୍ଦଳ ପଞ୍ଜାବୀ ବାଜା ବଜାଇ ମାହା ଆଡମ୍ବରରେ ମା ଙ୍କ ଭସାଣି କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି।

# ଦଳିତ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ଉଦ୍ଘାଟିତ

ବାଲିପାଟଣା , (ସବ୍ୟୁ) : ବାଲିପାଟଣା ବ୍ଲକ୍ ସ୍ତରୀୟ ଦଳିତ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ସୋମବାର ଅପରାହ୍ନରେ ଉଦ୍ଘାଟିତ ହୋଇଯାଇଛି।ମୁଖ୍ୟ ଅତିଥି ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ କାର୍ଯ୍ୟାଳୟକୁ ଉଦ୍ଘାଟନ କରିଥିଲେ। ଏହି ଉପଲକ୍ଷେ ପରିଷଦର ସଭାପତି କାଳନ୍ଦୀ ଚରଣ ସେଠୀ ଙ୍କ ସଭାତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଶ୍ରୀଢ଼ାଲୀ ନିଶା ନିବାରଣ କରିବା ଲାଗି ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ସମ୍ମାନୀତ ଅତିଥି ଭାବେ ପରିଷଦର ଉପସଭାପତି ଲକ୍ଷ୍ମଣ ମଲ୍ଲିକ , ସଂପାଦକ କରୁଣା କର ଭୋଇ , ଫୁଲା ଖାଁ .ବାବୁ ସେଠୀ ,ଟୁନା ସେଠୀ ପ୍ରମୁଖ ଯୋଗ ଦେଇ ପରିଷଦ ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ ।ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ପରିଷଦ କାର୍ଯ୍ୟକାରୀ କର୍ମ କର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ବ୍ରହ୍ମଚାରିଣୀ ବେଶରେ ମା' ବନଦୁର୍ଗା

ନିରାକାରପୁର, (ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମାଁ ବନଦୁର୍ଗାଙ୍କ ପୀଠରେ ବିଶ୍ କଲ୍ୟାଣ ନିମନ୍ତେ, ଶାରଦୀୟ ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜାର ଏକାଦଶ ଦିବସ ଓ ନବରାତ୍ରର ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ବେଶରେ ମା ଦର୍ଶନ ଦେଇଛନ୍ତି।ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡଃ କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ ଏହି ଅବସରରେ ଶିକ୍ଷାବିତ୍ ଚନ୍ଦ୍ରଧ୍ୱଜ ପଣ୍ଡା , ସାମ୍ବାଦିକ ଦୀପକ ପ୍ରଧାନ , ରମେଶ ପ୍ରଧାନ, ହର୍ଷ ପ୍ରଧାନ ଏବଂ ଗ୍ରାମର ବିଷ୍ଣୁପ୍ରିୟା ପଟ୍ଟଯୋଷୀ ଙ୍କ ସମେତ ସମାଜସେବୀ ସଂଯୁକ୍ତା ସାହୁ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ସମୂହ ଦୀପ ଦାନ, ରୋଗୀଙ୍କୁ ଫଳବଣ୍ଟନ

ଆଠଗଡ଼ , (ସବ୍ୟୁ) :ଆଠଗଡ଼ ବିଜୁ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ ତମ ଜନ୍ମଦିନ ଅବସରରେ ଆଠଗଡ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମନ୍ଦିର ରେ ପୂଜାର୍ଚ୍ଚନା କରିବା ସହିତ ସମୂହ ଦୀପଦାନ କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ।ଏଥିସହ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ରବିନ୍ଦ୍ରନାଥ ରାଉତ, ନଗରପାଳ ସସ୍ମିତା ରାଉତ, ମହମ୍ମଦ ଖଲିଦ ଙ୍କ ସମେତ ବହୁ ବିଜେଡି କର୍ମୀମାନେ ଯୋଗଦେଇଥିଲେ। ସେହିପରି ଓରୋଦା ଓ କଖଡି ଠାରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଓରୋଦା ଗ୍ରାମ ପଞ୍ଚାୟତ ରେ ୧୭୫ ୟୁନିଟ ଓ କଖଡି ଗ୍ରାମ ପଞ୍ଚାୟତ ରେ ୧୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।ଯୁବ ସମାଜସେବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଙ୍କ ନେତୃତ୍ୱରେ ପଦିପ୍ତ ଦାସ, ରାକେଶ ଦାସ, ଶିଶିର ମାନସିଂହ, ସତ୍ୟପ୍ରିୟ ମହାନ୍ତି, ନିରାକାର ଲେଙ୍କାଙ୍କ ସମେତ ଦୁଇଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ଏବଂ ଯୁବ ଛାତ୍ର ଓ ମହିଳା କର୍ମୀମାନେ ଯୋଗଦେଇଥିଲେ।

# ଡିଜିଟାଲ ମିଡିଆ ସଂଘ ବାର୍ଷିକ ବନ୍ଧୁମିଳନ



ବୋଲଗଡ଼, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଡିଜିଟାଲ ମିଡିଆ ସଂଘ ୫ମ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ୍ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବୋଲଗଡ଼ ଏକ୍ସପ୍ରେସ ବ୍ରଜ ବିହାରୀ ସୁବୁଦ୍ଧି , ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ଦାସ , ସାମ୍ବାଦିକ ରଘୁନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକ ମାନଙ୍କର ଦେଖା ଦେଇଥିବା ବିଭିନ୍ନ ପ୍ରକାର ସମସ୍ୟା ଯଥା ସାମ୍ବାଦିକ ସୁରକ୍ଷା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା ଯୋଜନା ରେ ଅନ୍ତର୍ଭୁକ୍ତ ହେବା, ସାମ୍ବାଦିକ ମାନଙ୍କ ପାଇଁ ପେନସନ୍ ଲାଗୁ କରିବା ପ୍ରମୁଖ ବିଷୟ ରେ ଉପସ୍ଥିତ ଅତିଥି ମାନେ ଆଲୋଚନା କରିଥିଲେ। ଆଜିକାଲି ସମୟରେ ନେତା ତଥା ଲୋକ ପ୍ରତିନିଧି ମାନଙ୍କ ଅପେକ୍ଷା ପ୍ରଶାସନିକ ଅଧିକାରୀ ମାନଙ୍କର ମେରିରାୟ ଶାସନ ଚାଲିଛି , ଏହା ବିରୁଦ୍ଧରେ ସାମାଜିକ ଗଣମାଧ୍ୟମ ପ୍ରତିନିଧିମାନେ କ୍ୟାମେରା ବୁମ୍ ମାଧ୍ୟମରେ ସତ କଥା ଲୋକ ଲୋଚନ କୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ବୋଲଗଡ଼ ଡିଜିଟାଲ ମିଡିଆ ଏହି ଦିଗରେ ପ୍ରମୁଖ ଭୂମିକା ନେବା ପାଇଁ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯକ୍ରମ ଯଥା ରକ୍ତଦାନ ଶିବିର , ବୃକ୍ଷ ରୋପଣ, ସଫେଇ କାର୍ଯ୍ୟ , ଶୀତ କମ୍ବଳ ବଣ୍ଟନ ଆଦି କାର୍ଯକ୍ରମ କରିବା ପାଇଁ ପ୍ରସ୍ତାବ ରଖିଥିଲେ ।

# ଅଧାରେ ଅଟକିଲା ଜନଶୁଣାଣି କାର୍ଯ୍ୟକ୍ରମ

ଅସ୍ତରଙ୍ଗ,(ସବ୍ୟୁ) : ସୋମବାର ଦିନ ଅସ୍ତରଙ୍ଗ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଚାଲୁଥିଲା ବେଳେ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ମାନେ ଧାରଣାରେ ବସିବାର ଦଖିବାକୁ ମିଳିଥିଲା । ସୂଚନା ମୁତାବକ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲ୍ଲାପାଳ କୈଳାଶ ନାୟକ ଅଧକ୍ଷତା କରୁଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଜନଶୁଣାଣି ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ, ପୁରୀ ପଞ୍ଚାୟତରାଜ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିମଳ ତିଡ଼ିଆ, ନିମାପଡା ଏସଡିପିଓ ଦେବାଶିଷ ମିଶ୍ର, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଯ୍ୟୟ ମିଶ୍ର, ବିଡ଼ିଓ ଡ଼ଃ ବେବିତା ମଞ୍ଜରୀ ନାୟକ, ଅତିରିକ୍ତ ତହସିଲଦାର ପ୍ରଭୁ ପଣ୍ଡା ଙ୍କ ସମେତ ଅସ୍ତରଙ୍ଗ କାକଟପୁର ଅଂଚଳର ବହୁ ବିଭାଗୀୟ ଅଧିକାରୀ, ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହିଥିଲେ । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବିଡ଼ିଓ ଡ଼ଃ. ବେବିତା ମଞ୍ଜରୀ ନାୟକ ଚଞ୍ଚକତା କରି ସେମାନଙ୍କ ପ୍ରୋଜେକ୍ଟ କାଟିଥିବା ଅଭିଯୋଗ ଆଣିଥିଲେ ନିର୍ବାଚିତ ପ୍ରତିନିଧି ମାନେ । ସେମାନେ ଏ ବାବଦରେ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଏବଂ ଅଭିଯୋଗ ଶୁଣାଣି ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାରେ ଅନସନରୁ ଉଠିବେ ନାହିଁ ବୋଲି ଦାବି ରଖି ଥିଲେ । ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପରେ ମିଳିତମଞ୍ଚ ନିର୍ବାଚିତ ପ୍ରତିନିଧି ଙ୍କୁ ଅଣଦେଖା କରିଯାଇଛି । ବିଡ଼ିଓ ଏଠି ସ୍ୱତନ୍ତ୍ର ଭାବେ ଅଣଦେଖା କରୁଛନ୍ତି। ନିର୍ବାଚିତ ପ୍ରତିନିଧି ଙ୍କ ଅଧିକାର କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଏଠି ପ୍ରଶାସନିକ ଅଧିକାରୀ ଚାଲ ଚଳାଉଛନ୍ତି ।ଏହିଭଳି ଅନେକ ଅଭିଯୋଗ ଆଣିବା ସହିତ ଅନଶନ ରେ ବସିରହିଥିଲେ ନିର୍ବାଚିତ ପ୍ରତିନିଧି ଗଣ ।ଏହି ସମୟ ରେ ଏକ ହଜାର ରୁ ଉର୍ଦ୍ଧ ଅଭିଯୋଗକାରୀଶିବିର ବାହାର ରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇଥିଲେ ରହିଥିଲେ । ଏମାନଙ୍କ ଭିତରେ ଅନେକ ମାନସିକ ବି ବିକାର ଲୋକ, ଅନେକ ବୃଦ୍ଧ ବୃଦ୍ଧା ମଧ୍ୟ ରହି ଥିବାର ଦେଖା ଯାଇଥିଲା। ଏମାନେ ନିଜର ଅଭିଯୋଗ ଦେବାରେ ବିଫଳ ହୋଇଥିଲେ ଏବଂ ଘଣ୍ଟା ଘଣ୍ଟା ଅପେକ୍ଷା ନକରି ଘରକୁ ଫେରିଥିବା ବେଳେ ଉପସ୍ଥିତ ଥିବା ଅଧିକାରୀ ମାନେ ନୀରବ ଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା।